ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୭୭
୧୮ ମାର୍ଚ୍ଚ, ୨୦୨୬ ବୁଧବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 277
18th March, 2026 Wednesday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସୁହୃଦାଂ ହିତକାମାନଂ ଯଃ ଶୃଣୋତି ନ ଭାଷିତମ୍**
**ବିପତ୍ ସନ୍ନିହିତା ତସ୍ୟ ସ ନରଃ ଶତ୍ରୁନନ୍ଦନଃ**

ସଂକୀର୍ଣ୍ଣମନା ବ୍ୟକ୍ତି ନିଜ ଓ ପର ମଧ୍ୟରେ ପ୍ରଭେଦ ବିଚାର କରେ, କିନ୍ତୁ ଉଦାରଚେତା ବ୍ୟକ୍ତି ସମଗ୍ର ବସୁଧାର ବ୍ୟକ୍ତିଙ୍କୁ ନିଜର ପରିବାର ଭଳି ମନେକରେ ।

# ବିଜୁ ଲିଗାସୀ ନାଁରେ ବିଜେଡି ଏବେ ଦୁଇଭାଗ

**ଭୁବନେଶ୍ୱର, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ନିର୍ବାଚନରେ ବିଜୁବାବୁଙ୍କୁ ବିଜେଡି ଏକପ୍ରକାର ଭୁଲି ସାରିଥିଲା । ନବୀନଙ୍କ ନାଁରେ ଭୋଟ ହାତେଇବାକୁ ଅଙ୍କକଷା ହୋଇଥିଲା । ହେଲେ ଏଥିରେ ଫେଲ୍ ମାରିଥିଲା ଦଳ । ସିନିୟର ଏନେଇ ପ୍ରଶ୍ନ କରି ଦଳୀୟ ଆକ୍ରୋଶର ଶିକାର ହେଲେ । କିନ୍ତୁ ଏବେ ଜୁନିୟରଙ୍କ ମୁହଁରେ ସେହି ସମାନ ବିଜୁ ଲିଗାସିର ଚର୍ଚ୍ଚା । ନବୀନଙ୍କ ନାଲିଆଖିକୁ ଭୟ ନାହିଁ, ନିର୍ଦ୍ଦେଶକୁ ଖାତିର ନାହିଁ । ସ୍ପଷ୍ଟ ଭାବେ ବିଜେଡିର ୟଙ୍ଗ ବ୍ରିଗେଡ କହିଲେଣି, ନବୀନ ନୁହେଁ ବିଜେଡିକୁ ବିଜୁ ଭରସା ।

ନବୀନଙ୍କ ନିର୍ଦ୍ଦେଶ ଯୁବ ବିଧାୟକଙ୍କ ପାଇଁ ଆଉ ବେଦର ଗାର ନୁହେଁ । ବିଜେଡି ସୁପ୍ରିମୋ କହିଦେବେ, ଆଉ ବିଧାୟକ ହଁ ମାରିଦେବେ । ସେଭଳି ଧାରଣାକୁ ବାଏଁ ବାଏଁ ଉଡାଇ ଦେଇଛନ୍ତି କଟକର ଏହି ୨ ଯୁବ ବିଧାୟକ । ଆଉ ବଦଳରେ ବିଜୁ ଲିଗାସିର କଥା କହି ରାଜ୍ୟ ରାଜନୀତିରେ ନୂଆ ସମୀକରଣକୁ ଜନ୍ମ ଦେଇଛନ୍ତି । ଯାହାର ଝଲକ ବିଜୟ ମହାପାତ୍ରଙ୍କ ବାସଭବନରେ ଦେଖିବାକୁ ମିଳିଛି । ଦିଲ୍ଲୀପଙ୍କ ବିଜୟ ପରେ ଏକାଠି ହୋଇଛନ୍ତି ବିଜେଡିରୁ ବିଦା ହୋଇଥିବା ବିଜୁ ଅମଳର ତୁଙ୍ଗ ନେତା । ସିଧାସଳଖ ଆହ୍ୱାନ ଦେଇ କହିଛନ୍ତି, ଆଗକୁ କିଛି ବଡ ଦେଖିବ ଓଡିଶା ।

ବିଜୁଙ୍କ ନାଁରେ ଦୀର୍ଘ ୨୪ ବର୍ଷ ଶାସନ କଲେ ନବୀନ । ଏହି ଅବଧିରେ ବିଜେଡି ସୁପ୍ରିମୋ ଦଳର ସବୁଠୁ ବଡ ଭୋଟବ୍ୟାଙ୍କ ବୋଲି ଧାରଣା ସୃଷ୍ଟି ହୋଇଥିଲା । ହେଲେ କ୍ଷମତା ଯିବାର ୨ ବର୍ଷ ପରେ ଏହି ଧାରଣା ଭୁଲ ବୋଲି ସଂକେତ ଦେଇଛନ୍ତି କଟକର ୨ ବିଧାୟକ । ନବୀନ ନୁହେଁ, ବିଜୁ ଲିଗାସି ହିଁ ବିଜେଡିର ସବୁଠୁ ବଡ ପୁଞ୍ଜି । ବିଜୁଙ୍କୁ ବାଦ୍ ଦେଇ ବିଜେଡିର ଭବିଷ୍ୟତ ଅନ୍ଧାର । କିଛି ଏଭଳି କହି ବିଜେଡି ସୁପ୍ରିମୋଙ୍କୁ ଚେତାଇଛନ୍ତି ଏବଂ ଅନ୍ୟ ବିଜୁପ୍ରେମୀଙ୍କୁ ତୁଣ୍ଡ ଖୋଲିବାକୁ ସାହସ ଦେଇଛନ୍ତି ।

ଏବେ ସବୁଠି ଚର୍ଚ୍ଚା, ବିଜୁ ଲିଗାସି ନେତା ଏକାଠି ହେବା ଆଗକୁ ବିଜେଡି ପାଇଁ ଅଡୁଆ ହେବନି ତ ? ବିଜୁଙ୍କ ନୀତି, ଆଦର୍ଶରେ ବିଶ୍ୱାସ କରୁଥିବା ଅନ୍ୟ ଯୁବନେତା ବିଜେଡିରେ ବିଦ୍ରୋହ କରିବେନି ତ ?

## ପ୍ରଭାତଙ୍କୁ ବିଜେଡିର ପ୍ରଶ୍ନ
# ୧୯୯୬ର କଥା ମନେ ଅଛି ତ ?



**ଭୁବନେଶ୍ୱର, ୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

'କିଣା ଘୋଡା କେତେଦିନ ଦୌଡ଼ି ପାରିବ । କିଣା ଘୋଡାକୁ ସବୁଦିନ ଦାନା ଦେଇପାରିବ ତ ? ଘୋଡ଼ା ବେପାରରେ ରହି କିଛି ବିଜେଡି ବିଧାୟକ ବିଜୁ ଲିଗାସୀ କଥା କହିବା ହାସ୍ୟାସ୍ପଦ । ଲଜ୍ଜା ନିବାରଣ କରିବାକୁ ବିଜୁ ଲିଗାସୀ କଥା କହୁଛନ୍ତି କିଛି ବିଜେଡି ବିଧାୟକ । ସେମାନେ ମୋଟା ଅଙ୍କର ଟଙ୍କା ନେଇ କ୍ରସ୍ ଭୋଟିଂ କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି ।' ରାଜ୍ୟସଭା ନିର୍ବାଚନରେ ହୋଇଥିବା କ୍ରସ୍ ଭୋଟିଂକୁ ନେଇ ସାମ୍ବାଦିକ ସମ୍ମିଳନୀ କରି କହିଛି ବିଜେଡି । କାଲି ଏକ ସ୍ମରଣୀୟ ଦିବସ ନୁହେଁ କଳା ଦିବସ ଥିଲା ବୋଲି କହିଛି ବିଜେଡି । ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରକୁ ନେଇ ସାରା ଓଡ଼ିଶାବାସୀ ବ୍ୟଥିତ ହୋଇଛନ୍ତି । ପ୍ରେସମିଟ କରି ବିଜେଡି କହିଛି, ବିଜୁ ପ୍ରେମୀ ନିଜ ନିର୍ବାଚନ ମଣ୍ଡଳୀରେ ବିକ୍ରି ହୋଇଥିବା ବିଧାୟକଙ୍କୁ ବିରୋଧ କରିବା ଦରକାର । ଦେବୀ ତ୍ରିପାଠୀଙ୍କ ବାପା ପ୍ରଭାତ ତ୍ରିପାଠୀ ୧୯୯୬ରେ କଂଗ୍ରେସର ଜୟନ୍ତୀ ପଟ୍ଟନାୟକଙ୍କ ପାଇଁ କ୍ରସ ଭୋଟିଙ୍ଗ କରି ଦଳରୁ ବିଦା ହୋଇଥିଲେ । କ୍ରସ ଭୋଟର ଟ୍ରେଣ୍ଡ ତାଙ୍କ ବାପା ଆରମ୍ଭ କରିଥିଲେ । ପୁଅ ଅନୁସରଣ କଲେ । ସବୁ ଦଳକୁ ବ୍ୟବହାର କରି ବି ୨୩-୨୩ ଭୋଟ (ଶେଷ ପୃଷ୍ଠା ଦେଖନ୍ତୁ)

# ସୋଫିଆଙ୍କ ସମେତ ତିନି ବିଧାୟକ କଂଗ୍ରେସରୁ ସସ୍‌ପେଣ୍ଡ

**ଭୁବନେଶ୍ୱର, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦଳୀୟ ହ୍ୱିପ୍ ଲକ୍ଷ୍ମଣରେଖା ଡେଇଁବାରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗ ଏବଂ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ୍ କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି । କ୍ରସ୍ ଭୋଟିଂ ପ୍ରସଙ୍ଗରେ ନିଲମ୍ବିତ ବିଧାୟକଙ୍କ ଉପରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରବଳ ବର୍ଷିଛନ୍ତି । ସେ କହିଛନ୍ତି ଯେ, ଏହି ବିଧାୟକ, ବିଧାୟିକାଙ୍କ ଭଲ ଭବିଷ୍ୟତ ଥିଲା । ସେମାନେ ନିଜ ରାଜନୈତିକ କ୍ୟାରିଅର ନଷ୍ଟ କରିଦେଲେ । ସେମାନଙ୍କ ସଭ୍ୟ ପଦ ରଦ୍ଦ କରାଯିବ । ବ୍ୟକ୍ତିଗତ ଭାବେ ସୋଫିଆଙ୍କ ସହ କଥା ହୋଇଥିଲି । ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେବାକୁ ଆଶ୍ୱାସନା ଦେଇଥିଲି । ତାଙ୍କ ବାପାଙ୍କୁ କଂଗ୍ରେସ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲି । ସେ କିନ୍ତୁ ନିଜର ରଙ୍ଗ ଦେଖେଇ ଦେଲେ । ଆଉ ଜଣଙ୍କୁ ଗଞ୍ଜାମର ଟାଇଗର କୁହାଯାଉଥିଲା । ଟାଇଗର୍ ଘାସ ଖାଏନି ବୋଲି ଶୁଣିଥିଲି । କିନ୍ତୁ କାଲି ଆମେ ଦେଖିଲୁ ଟାଇଗର୍ ଘାସ ଖାଇଲା ।

## ପିତାଙ୍କ ରାସ୍ତାରେ ପୁତ୍ରୀ

ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସକୁ ଧୋକ୍କା ଦେଇ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ସେତେବେଳର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ । ୪ବର୍ଷ ପରେ ସେହି ଏକା ରାସ୍ତା ଆପଣାଇଛନ୍ତି ତାଙ୍କ ପୁତ୍ରୀ ସୋଫିଆ ଫିର୍ଦୋସ୍ । କଂଗ୍ରେସ ଟିକେଟ, କଂଗ୍ରେସ ସଂଗଠନ, କଂଗ୍ରେସ ଚିହ୍ନକୁ ବ୍ୟବହାର କରି ବିଧାୟକ ହେଲା ପରେ କଂଗ୍ରେସର ନିଷ୍ପତ୍ତି ବିରୋଧରେ ଯାଇ ବିଜେପି ସମର୍ଥିତ ରାଜ୍ୟସଭା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ସୋଫିଆ । ଏହି କାରଣରୁ ତାଙ୍କୁ କଂଗ୍ରେସ ବାହାର ରାସ୍ତା ଦେଖାଇଛି । ସେପଟେ କଂଗ୍ରେସ ନାଁ ରଖି ଦଳ ଗଢ଼ିଥିବା ତାଙ୍କ ପିତାଙ୍କୁ ବିଜେପିର 'ବି' ଟିମ୍‌ର ଆଖ୍ୟା ଦେଉଛନ୍ତି କଂଗ୍ରେସ ନେତାମାନେ । କଂଗ୍ରେସ ନେତାଙ୍କ ମତରେ ପିତା-ପୁତ୍ରୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଆଫଗାନ ହସ୍ପିଟାଲରେ ପାକିସ୍ତାନର ନରସଂହାର



**କାବୁଲ, ୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

ଆଫଗାନିସ୍ତାନର କାବୁଲରେ ଥିବା ଗୋଟିଏ ନିଶାନିବାରଣ କେନ୍ଦ୍ର ଉପରେ ପାକିସ୍ତାନର ଏୟାର ଷ୍ଟ୍ରାଇକ । ଏଥିରରେ ୪୦୮ ଜଣ ପ୍ରାଣ ହରାଇଥିବା ବେଳେ ଆହୁରି ଶତାଧିକ ଲୋକ ବିଲଡିଂର ଧ୍ୱଂସାବଶେଷ ତଳେ ଚାପି ହୋଇ ରହଛନ୍ତି । ହସ୍ପିଟାଲ ଉପରେ ଏପରି ଏୟାର ଷ୍ଟ୍ରାଇକ ପୂରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି ।

ଭାରତ ସରକାର ଏୟାର ଷ୍ଟ୍ରାଇକକୁ ନିନ୍ଦା କରି ଏହାକୁ ବର୍ବର ନରସଂହାର ଓ ହିଂସାର ଗୋଟିଏ କାପୁରୁଷ ଓ ଅମାନବୀୟ କାଣ୍ଡ ବୋଲି କହିଛନ୍ତି । ପାକିସ୍ତାନ ସେନା ସୋମବାର ରାତିରେ (ଶେଷ ପୃଷ୍ଠା ଦେଖନ୍ତୁ)

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ମାଗିଲେ ନବୀନ

**ଭୁବନେଶ୍ୱର, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଏସସିବିରେ ଅଗ୍ନିକାଣ୍ଡକୁ ନେଇ ରାଜନୀତି ତେଜୁଛି । ଅଘଟଣ ପରେ ଏସସିବି କ୍ୟାମ୍ପସରୁ

## ବଡ଼ ଡାକ୍ତରଖାନାରେ ଅଗ୍ନିକାଣ୍ଡ

ବିଧାନସଭା ଯାଏଁ ଏସସିବି ତାତି ଦେଖିବାକୁ ମିଳିଛି । ବିଜେଡ଼ି ଓ କଂଗ୍ରେସ ନେତା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଇସ୍ତଫା ଦାବି କରିବା ସହ ଦୋଷୀଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଭିତରେ ବିରୋଧ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଆଜି ମୁଁ ଭାରାକ୍ରାନ୍ତ ହୃଦୟରେ ଏଠାରେ ଠିଆ ହୋଇଛି । ସୋମବାର, ମୁଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି । ମୁଁ ଯାହା ଦେଖିଲି ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନୁହେଁ, ବରଂ ଆମ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଭୁଶୁଡ଼ି ପଡୁଥିବା ସୁରକ୍ଷା ମାନଦଣ୍ଡର ଏକ ସ୍ପଷ୍ଟ ଉଦାହରଣ ।'

ସୋମବାର ଭୋରୁ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଅନେକ ମୂଲ୍ୟବାନ ଜୀବନ ନେଇଛି । ଏମାନେ ରୋଗୀ ଥିଲେ ଯେଉଁମାନେ ସୁସ୍ଥ ହେବାର ଆଶା ନେଇ ହସ୍ପିଟାଲକୁ ଆସିଥିଲେ, କିନ୍ତୁ 'ପ୍ରଶାସନିକ ଅବହେଳା ଯୋଗୁଁ ଏକ ଭୟଙ୍କର ମୃତ୍ୟୁ ଘଟିଥିଲା । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା । ପରିବାରଗୁଡ଼ିକ ଶୋକ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପଛରେ ଲୁଚି ରହିପାରିବ ନାହିଁ । ଏକ ନ୍ୟାୟିକ ତଦନ୍ତ ସ୍ୱାଗତଯୋଗ୍ୟ, କିନ୍ତୁ ଏହା ରାଜନୈତିକ ନେତୃତ୍ୱକୁ ଏହାର ଦାୟିତ୍ୱରୁ ମୁକ୍ତ କରେ ନାହିଁ । ତେଣୁ, ମୁଁ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଦାବି କରୁଛି । ସୁରକ୍ଷା ତଦାରଖରେ ଏହି ଭୟଙ୍କର ତ୍ରୁଟି ପାଇଁ ତାଙ୍କୁ ନୈତିକ ଦାୟିତ୍ୱ ନେବାକୁ ପଡିବ । ଏହା ସହିତ, ବର୍ତ୍ତମାନ ଘୋଷଣା କରାଯାଇଥିବା ଅନୁକମ୍ପା ରାଶି ପର୍ଯ୍ୟାପ୍ତ ନୁହେଁ । ମୁଁ ପ୍ରତ୍ୟେକ ମୃତ ପୀଡିତଙ୍କ ପରିବାର ପାଇଁ (ଶେଷ ପୃଷ୍ଠା ଦେଖନ୍ତୁ)




# ରାଜ୍ୟସଭା ନିର୍ବାଚନ: ୩୭ ଆସନରୁ ୨୨ରେ ଏନ୍‌ଡିଏ ବିଜୟୀ



**ନୂଆଦିଲ୍ଲୀ, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସଭା ନିର୍ବାଚନ ୨୦୨୬ର ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇଛି । ଦେଶର ଉପର ସଦନରେ ପୁଣି ଥରେ ଏନଡିଏ ନିଜର ଶକ୍ତି ପ୍ରଦର୍ଶନ କରିଛି । ୩୭ଟି ଆସନ ମଧ୍ୟରୁ ବିଜେପି ନେତୃତ୍ୱାଧୀନ ଏନଡିଏ ଏକ ବଡ଼ ସଫଳତା ହାସଲ କରିଥିବା ବେଳେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି । ବିଶେଷ କରି ଓଡ଼ିଶା ଏବଂ ବିହାରରେ ବିରୋଧୀଙ୍କ ରଣନୀତି ଫେଲ୍ ମାରିଛି ।

ରାଜ୍ୟସଭା ରଣାଙ୍ଗନରେ ଏନଡିଏର ବିଜୟ ରଥ । ମୋଟ ୩୭ଟି ଆସନ ମଧ୍ୟରୁ ୨୬ଟିରେ ପ୍ରାର୍ଥୀମାନେ ନିରଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ବାକି ୧୧ଟି ଆସନ ପାଇଁ ପଡ଼ିଥିଲା ଭୋଟ୍ । ଫାଇନାଲ୍ ସ୍କୋରକାର୍ଡ ଅନୁଯାୟୀ, ଏନଡିଏ ଖାତାକୁ ୨୨ଟି ଆସନ ଯାଇଥିବା ବେଳେ କଂଗ୍ରେସ ମାତ୍ର ୬ଟି ଆସନରେ ସନ୍ତୁଷ୍ଟ ହୋଇଛି ।

ଓଡ଼ିଶାରେ ବିଜେପିର ରଣନୀତି ସଫଳ ହୋଇଛି । ରାଜ୍ୟର ୪ଟି ଆସନ ମଧ୍ୟରୁ ବିଜେପି ସମର୍ଥିତ ପ୍ରାର୍ଥୀମାନେ ୩ଟି ଆସନ ପୋଛି ନେଇଛନ୍ତି । ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ବିଜୟ ବିରୋଧୀ ବିଜେଡି ଏବଂ କଂଗ୍ରେସ ଶିବିରରେ କ୍ରସ୍ ଭୋଟିଂର ଆଶଙ୍କାକୁ ସତ ପ୍ରମାଣିତ କରିଛି । ସେପଟେ ବିହାରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସମେତ ଏନଡିଏର ସମସ୍ତ ୫ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଏହି ନିର୍ବାଚନ ଫଳାଫଳ ଦର୍ଶାଉଛି, ଆଗାମୀ ଦିନରେ ରାଜ୍ୟସଭାରେ ବିଲ୍ ପାସ୍ କରାଇବା ବିଜେପି ପାଇଁ ଆହୁରି ସହଜ ହେବ । ଅନ୍ୟପଟେ ବିରୋଧୀ ମେଣ୍ଟ ମଧ୍ୟରେ ସମନ୍ୱୟର ଅଭାବ ସ୍ପଷ୍ଟ ବାରି ହୋଇପଡୁଛି । କଂଗ୍ରେସ ପାଇଁ ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରୁ (ଶେଷ ପୃଷ୍ଠା ଦେଖନ୍ତୁ)

# ସିରିଜ୍ ଦୁର୍ଘଟଣା ଜଣେ ମୃତ

**ଭଦ୍ରକ, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅସୁରା ଛକ ନିକଟରେ ୧୬ ନମ୍ବର ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ସିରିଜ୍ ଦୁର୍ଘଟଣା ।

ଏକ ଟ୍ରକକୁ ଧକ୍କା ଦେବା ପରେ ରାସ୍ତାରେ ଛିଡା ହୋଇଥିବା ଏକ ଘରୋଇ ବସ୍‌କୁ ପଛରୁ ଧକ୍କା ଦେଇଥିଲା ଆଉ ଏକ ଟ୍ରକ୍ । ଟ୍ରକ୍ ଧକ୍କାରେ ବସଟି ରାସ୍ତା କଡକୁ ଖସି ଯାଇଥିବା ବେଳେ ସେହି ଟ୍ରକ୍ ପଛରେ ଆସି ପିଟି ହୋଇଥିଲା ଏକ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ । ଏହି ସିରିଜ୍ ଦୁର୍ଘଟଣାରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ମଦ ବୋଝେଇ ପିକ୍‌ଅପ୍ ଭ୍ୟାନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି ।

ମୃତ ଡ୍ରାଇଭର ପ୍ରାୟ ୪ ଘଣ୍ଟା ଧରି ପିକ୍‌ଅପ୍ ଭ୍ୟାନ୍ ଭିତରେ ଚାପି ହୋଇ ରହିଥିଲେ । ତାଙ୍କୁ ଆଜି ସକାଳେ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଭିତରୁ ବାହାର କରିଥିଲେ ଅଗ୍ନିଶମ ବାହିନୀ କର୍ମଚାରୀ । ଅନ୍ୟପକ୍ଷରେ ଆହତ ବସ୍ ଯାତ୍ରୀଙ୍କ ମଧ୍ୟରୁ ୪ ଜଣଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦଧିବାବନ ନାମକ ଏହି ଘରୋଇ ବସଟି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ସୂଚନାଯୋଗ୍ୟ, (ଶେଷ ପୃଷ୍ଠା ଦେଖନ୍ତୁ)

# ଏଲପିଜି ସ୍ଥିତି ଚିନ୍ତାଜନକ: ପିଏନଜି ପାଇଁ ସରକାରଙ୍କ ଥୋପ

**ନୂଆଦିଲ୍ଲୀ, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶରେ ଏବେ ଏଲପିଜି ଅଭାବ ଦେଖାଯାଇଛି । ଲୋକଙ୍କ ପାଖରେ ଠିକ ଭାବେ ଗ୍ୟାସ ପହଞ୍ଚିପାରୁନି । ସରକାର ସିଧାସଳଖ ଏହାକୁ ସ୍ୱୀକାର କରୁ ନଥିଲେ ହେଁ ଏଲପିଜି ଯୋଗାଣ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ପରୋକ୍ଷରେ ମାନିଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ଲୋକଙ୍କୁ ଏଲପିଜିକୁ ଆବଶ୍ୟକ ଅନୁସାରେ ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି । ଏଥିସହ ପାଇପ ଲାଇନ ପ୍ରାକୃତିକ ଗ୍ୟାସ ବା ପିଏନଜି ପ୍ରତି ଆଗ୍ରହ ଦେଖାବାକୁ ଗ୍ରାହକଙ୍କୁ ଏକ ପ୍ରକାର ବୋଝ ଲଦିଦେବା ପରି ପରାମର୍ଶ ଦେଇଛନ୍ତି । ସରକାର ମଧ ପିଏନଜି ଭିତ୍ତିଭୂମିକୁ ସଂପ୍ରସାରଣ କରିବାକୁ ଗୁରୁତ୍ୱ ଦେଉଥିବା ଦେଶବାସୀଙ୍କୁ ଜଣାଇଛନ୍ତି ।

ଏଲ୍‌ପିଜି ସଂକଟ ମଧ୍ୟରେ ଦିନକୁ ପ୍ରାୟ ୧ଲକ୍ଷ ୭୮ ହଜାର ଇଣ୍ଡକ୍‌ସନ୍ ଚୁଲା ବିକ୍ରି ହେବା ପରେ ସରକାର ଲୋକଙ୍କୁ ପରାମର୍ଶ ଦେଇଛନ୍ତି । ପୂର୍ବରୁ କେତେକ ସଚେତନ ନାଗରିକ ମଧ୍ୟ କହିଥିଲେ ଯେ ସରକାର ଲୋକଙ୍କୁ ପିଏନ୍‌ଜି ଆଡକୁ ମୁହାଁଇବାକୁ ପରାମର୍ଶ ଦେବେ ବୋଲି । ଯାହା ଆଜି ସତ ହୋଇଛି । ସମସ୍ତେ ଜାଣିଛନ୍ତି ଯେ ଦେଶରେ ପିଏନ୍‌ଜି ପାଇଁ ପାଇପ୍ ବିଛା କାମ କେଉଁ କମ୍ପାନୀ କରୁଛି । ଗାଁ ଗହଳର ଯେଉଁ ମହିଳାମାନଙ୍କୁ ଉଜ୍ଜ୍ୱଳା ଗ୍ୟାସ୍ ସଂଯୋଗ ଦିଆଯାଇଥିଲା ସେମାନେ ଏବେ କ'ଣ କରିବେ ତାହା ଏବେ ପ୍ରଶ୍ନବାଚୀ (ଶେଷ ପୃଷ୍ଠା ଦେଖନ୍ତୁ)



# ନାବାଳିକାକୁ ଦୁଷ୍କର୍ମ: ବିହାରୀ ଯୁବକ ଗିରଫ

**ବଡବିଲ, ୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

ଯୋଡ଼ା ଥାନା ଅଞ୍ଚଳରେ ଜନୈକା ୧୩ ବର୍ଷୀୟା ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ ଓ ଧମକ ଚମକ ଦେବା ଅଭିଯୋଗରେ ଜଣେ ବିହାରର ଯୁବକ ଗିରଫ । ଗିରଫ ଯୁବକ ହେଲେ ବିହାରର ସିୱାନ ଜିଲ୍ଲାର ହୁସେନଗଞ୍ଜ ଥାନା ହରହଂସ୍ ଗ୍ରାମର ୨୭ ବର୍ଷୀୟ ମହମ୍ମଦ ଲାଦେନ । ପୀଡିତାଙ୍କ ମା'ଙ୍କ ଦ୍ୱାରା ଦିଆଯାଇଥିବା ଲିଖିତ ଅଭିଯୋଗ ଏବଂ ପୀଡିତାଙ୍କ ବୟାନ ଆଧାରରେ ଘଟଣାର ଛାନଭିନ୍ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଯୋଡ଼ା ପୋଲିସ ।

ସୂଚନା ଅନୁସାରେ, ଅଭିଯୁକ୍ତ ମହମ୍ମଦ ଲାଦେନ ବିହାରରୁ ଆସି ଗତ ଚାରି ବର୍ଷ ହେବ ଯୋଡ଼ା ଅଞ୍ଚଳରେ ଥିବା ଏକ ଗ୍ୟାରେଜରେ ଟାୟାର ଫିଟିଂ ମେକାନିକ ଭାବରେ କାମ କରୁଥିଲେ । ଗ୍ୟାରେଜର ଅପର ପାର୍ଶ୍ୱରେ ନାବାଳିକା ପୀଡିତାଙ୍କ ପରିବାରର ଏକ କନଫେକ୍ସନାରୀ ଦୋକାନ ରହିଛି । ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ଯେତେବେଳେ ପରିବାର ସଦସ୍ୟମାନେ ମଧ୍ୟାହ୍ନ ଭୋଜନ ପାଇଁ ସେମାନଙ୍କ ଘରକୁ ଯାଇଥିଲେ, ସେତେବେଳେ ନାବାଳିକା ପୀଡିତା କନଫେକ୍ସନାରୀ ଦୋକାନରେ ଏକାକି ଥିଲେ । (ଶେଷ ପୃଷ୍ଠା ଦେଖନ୍ତୁ)

# ବୋମା ଭିଡ଼ିବାବେଳେ ବିସ୍ଫୋରଣ: ଭିଡ଼ାଳୀ ଗୁରୁତର

**ଡେଲାଙ୍ଗ, ୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲା ଡେଲାଙ୍ଗ ଥାନା କୁଆପଦା ଗ୍ରାମ ନିକଟରେ ବୋମା ବିସ୍ଫୋରଣ ହୋଇଛି । ନିକଟ ଜଙ୍ଗଲରେ ମଙ୍ଗଳବାର ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ଜଣେ ୨୭ବର୍ଷିୟ ଯୁବକ ଗୁରୁତର ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲ ଭିତରେ ଯୁବକ ଜଣକ ବୋମା ଭିଡୁଥିବା ବେଳେ ହଠାତ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ ତାଙ୍କ ବାମ ହାତ ପାପୁଲିରୁ ମାଂସ ବାହାରି ଆସିଥିବା ବେଳେ ଛାତି ଓ ପେଟର କିଛି ଅଂଶ ପୋଡିଯାଇଥିଲା । ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ଯୁବକଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଯୁବକଙ୍କ ବାମ ହାତ ପାପୁଲିର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଅବଗତ ହୋଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଥିବା ବେଳେ ଖବର ଲେଖା ବେଳକୁ ଏନେଇ ଥାନାରେ କୌଣସି ମାମଲା ଦାୟର ହୋଇନଥିବା ଥାନା ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଯୁବକଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଦ୍ଧାର ନଆସିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି ।

# ଧିରେ ଧିରେ ବିଗୁଡୁଛି ରାଜଧାନୀର ପରିମଳ ବ୍ୟବସ୍ଥା

**ଭୁବନେଶ୍ୱର, ୧୭।୩**
**ତଥ୍ୟ**

ରାଜଧାନୀର ପରିମଳ ବ୍ୟବସ୍ଥା ଧିରେ ଧିରେ ବିଗିଡିବାରେ ଲାଗିଛି । ସଫେଇ ଦାୟିତ୍ୱ ନେଇଥିବା ବେସରକାରୀ ସଂସ୍ଥାମାନେ ମନମୁଖୀ କାର୍ଯ୍ୟ ଚଳାଇଥିବାରୁ ଏଭଳି ସ୍ଥିତି ଉପୁଜିଛି । ରାଜଧାନୀରେ ଥିବା ୬୭ଟି ୱାର୍ଡ ମଧ୍ୟରୁ ଅଧିକାଂଶର ସଫେଇ ଦାୟିତ୍ୱରେ ଏକାଧିକ ଘରୋଇ ସଂସ୍ଥା ରହିଛନ୍ତି । ଟେଣ୍ଡର ଜରିଆରେ ସଫେଇ କାମ ହାତେଇଥିବା ଏହି ସଂସ୍ଥାମାନେ ସ୍ଥାନୀୟ ଯୁବକମାନଙ୍କୁ ସୁପରଭାଇଜର ପଦବୀରେ ନିଯୁକ୍ତି ଦେଉଥିବାବେଳେ ଆବଶ୍ୟକତା ଠାରୁ ଢେର କମ୍ ସଫେଇ କର୍ମଚାରୀରେ କାମ ଚଳାଇ ନେଉଛନ୍ତି । ଯେଉଁ ରାସ୍ତାରେ ଝାଡୁ ମାରିବାପାଇଁ ୩/୪ ଜଣ ଦରକାର ସେଠାରେ ଗୋଟିଏ ଲୋକରେ କାମ ଚଳାଇ ନେଉଛନ୍ତି । ଫଳରେ କେଉଁଠି ଦିନ ୧୦ଟା ପର୍ଯ୍ୟନ୍ତ ରାସ୍ତାରେ ଝାଡୁ ବାଜୁନାହିଁ ତ ଆଉ କେଉଁଠି ଦିନ ଦିନ ଧରି ଝାଡୁ ମରାଯାଉନି ଅଳିଆ ଉଠୁନି । ସ୍ଥାନୀୟ ଯୁବକ ସୁପରଭାଇଜର ଥିବାରୁ ଲୋକେ ଏ ନେଇ ଅଭିଯୋଗ କରିବାକୁ ପଛାଉଛନ୍ତି ।

ଘରୋଇ ସଂସ୍ଥାମାନେ କାମପାଇଥିବା ଅଧିକାଂଶ ୱାର୍ଡରେ ଏଭଳି ସ୍ଥିତି । ୱାର୍ଡ ଦାୟିତ୍ୱରେ ଥିବା ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ସବୁ ଦେଖି ନଦେଖଲା ଭଳି ରହୁଛନ୍ତି । ଅଧିକାଂଶ ଘରୋଇ ସଂସ୍ଥାର ସୁପରଭାଇଜରମାନଙ୍କ ସହିତ ହାତ ମିଳାଇଛନ୍ତି ।

ଘରକୁ ଘର ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ସୁରୁଖରୁରେ ହେଉଥିବାବେଳେ ଝାଡୁମରା କାର୍ଯ୍ୟ କିନ୍ତୁ ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ସଂସ୍ଥାକୁ ତାଗିଦ କରିବାପାଇଁ ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ଭୟ କରୁଛନ୍ତି । ସ୍ଥାନୀୟ ଲୋକେ ମଧ୍ୟ ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନଙ୍କର ଦେଖା ଦର୍ଶନ ପାଉନଥିବାରୁ କାହା ନିକଟରେ ଅଭିଯୋଗ କରିବେ ତାହା ଜାଣିପାରୁ ନାହାନ୍ତି ।

ଅଧିକାଂଶ ୱାର୍ଡରେ ସଫେଇ କାର୍ଯ୍ୟ ଏଭଳି ଢଙ୍ଗରେ ଚାଲୁଥିବାବେଳେ ବିଏମସିର ଅଧିକାରୀମାନଙ୍କ ନିକଟରେ ଅଭିଯୋଗ ପହଞ୍ଚୁନାହିଁ । ସଫେଇ ଠିକା କାର୍ଯ୍ୟ ନେଇଥିବା ସଂସ୍ଥା ଯଦି ସ୍ଥାନୀୟ ଲୋକଙ୍କ ଠାରୁ ନିୟମିତ ଭାବେ ଲିଖିତ ଆକାରରେ ମତାମତ ସଂଗ୍ରହ କରନ୍ତା ଓ ଏହାକୁ ବିଏମ୍‌ସି ଅଫିସରମାନେ ଯାଞ୍ଚ କରନ୍ତେ ତେବେ ଏଭଳି (ଶେଷ ପୃଷ୍ଠା ଦେଖନ୍ତୁ)



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ମାର୍ଚ୍ଚ ୨୦୨୬ । ବୁଧବାର



## ରାସ୍ତାରେ ସଙ୍କେତ ଫଳକ ନଥିବାରୁ ଯାତ୍ରୀ ହଟହଟା

**ସୋର: ଏକ୍ସପ୍ରେସ ନ୍ୟୁଜ୍**

୧୬ ନମ୍ବର ଜାତୀୟ ରାଜପଥ ସୋର ଠାରେ ବାଲେଶ୍ୱର ଏବଂ ଭଦ୍ରକ ଆଡୁ ଉଭୟ ପାର୍ଶ୍ୱରୁ ସୋର ସହରକୁ ରାସ୍ତା ସଙ୍କେତ ଫଳକ ନଥିବାରୁ ବାହାର ଯାତ୍ରୀମାନେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସଂପ୍ରତି ଏହି ରାଜପଥର ୬ଟି କିଆ ରାସ୍ତା କାର୍ଯ୍ୟ ଶେଷ ହେବାକୁଯାଉଥିବା ବେଳେ ସୋର କଲେଜ ଛକ ଠାରୁ ପାଇକାଳୀ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡ଼ ଆରମ୍ଭରେ ସୋର ସହର ଭିତରକୁ ପ୍ରବେଶ ପଥରେ କୌଣସି ରାସ୍ତା ସକେତ ଫଳକ ନଥିବାରୁ ସୋର ଭିତରକୁ ଯିବାପାଇଁ ଆସୁଥିବା ବାହାର ଯାତ୍ରୀମାନେ ଅନେକ ଦୂର ପର୍ଯ୍ୟନ୍ତ ଯାଇ ପୁଣି ପଚାରି ପଚାରି ଫେରୁଛନ୍ତି । ଏହା ବ୍ୟତୀତ କେତେକ ଫଳକରେ ଭୁଲ ନାମ ଲେଖାଯାଇଥିବା ଦେଖଯାଇଛି । ଉଦାହରଣ ସ୍ୱରୂପ- ଗୋଟିଏ ବୋର୍ଡ଼ରେ ବାଗୁଡ଼ି ତଳକୁ ଗଞ୍ଜ ବୋଲି ଲେଖାଯାଇଛି । ଅନ୍ୟ ପକ୍ଷରେ ଉଭୟ ସର୍ଭିସ ରୋଡ଼ର ଅବସ୍ଥା ଅତ୍ୟନ୍ତ ଶୋଚ଼ନୀୟ ହୋଇ ପଡ଼ିଥିବାରୁ ଯାତାୟାତରେ ଲୋକେ ହନ୍ତସନ୍ତ ହେଉଛନ୍ତି । ଏପଟେ ଉତ୍ତରେଶ୍ୱର ଏବଂ କଲେଜ ଛକ ଗଳାପୋଲ ପ୍ରସସ୍ତିକରଣ କାର୍ଯ୍ୟ ହୋଇ ନଥିବା ବେଳେ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ ହୋଇ ଘଣ୍ଟା ଘଣ୍ଟା କାଳ ଗାଡ଼ି ମଟର ଅଟକି ରହିବା ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଆମ୍ବୁଲାନ୍ସ ଅଟକି ରହି ହଇରାଣ ହରକତ ହେଉଛନ୍ତି । ଅଣଓସାରିଆ ସର୍ଭିସ ରୋଡ଼ ସାଙ୍ଗକୁ ଗଳା ପୋଲରେ ପଡ଼ି ବେଳେବେଳେ ଲୋକେ ନାକେଦମ ହୋଇଯାଇଥିବା ଦେଖାଯାଇଛି । ଜାତୀୟ ରାଜପଥ ଅଧିକାରୀମାନେ ତୁରନ୍ତ ଉପଭୟ ପାର୍ଶ୍ୱରେ ସୋର ସହରକୁ ଯିବା ପାଇଁ ରାସ୍ତା ସଙ୍କେତ ଫଳକ ଲଗାଇବାକୁ ସାଧାରଣରେ ଦାବି ହୋଇଛି ।


## ଆନ୍ଦୋଳନକୁ ଓହ୍ଲାଇବ ପାଚ଼ିକା ସଂଘ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘ ବର୍ଷ ହେବ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚ଼ିକା ଓ ସହାୟିକାମାନଙ୍କୁ ସରକାର ଅଣଦେଖା କରୁଛନ୍ତି । ସେମାନେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ସରକାର କୌଣସି କଥା ଶୁଣୁନାହାନ୍ତି । ତେଣୁ ବାଧ ହୋଇ ହଜାର ହଜାର ମହିଳା ପାଚ଼ିକା ଓ ସହାୟିକା କର୍ମଚ଼ାରୀମାନେ ଆସନ୍ତା ୧୮ ତାରିଖରୁ ମଧ୍ୟାହ୍ନ ଭୋଜନରେ ଅସହଯୋଗ କରିବେ । ଏହା ଛଡା ଲୋୟର ପିଏମଜିରେ ବିକ୍ଷୋଭ ଶୋଭାଯାତ୍ରା କରିବେ । ଏନେଇ ବିଜୁ ଶ୍ରମିକ ସାମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚ଼ିକା ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି । ତେଣୁ ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ବ୍ଲକ କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କମିଟି ପକ୍ଷରୁ ନନ୍ଦିତା ଦାସ, ବେଣୁଧର ସାମଲ, ମିନତି ଦାସ, ସଂଯୁକ୍ତା ସ୍ୱାଇଁ, ଜୟନ୍ତୀ ମହାରଣା, ରୁପଶ୍ରି ନାୟକ, ଚ଼ମ୍ପକ ଲତା ଓଝା ପ୍ରମୁଖ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଛୁଟି ମଞ୍ଜୁର ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି ।

### ସଂସ୍କୃତ କବି ପଣ୍ଡିତ ପ୍ରବୋଧ ମିଶ୍ରଙ୍କ

## 'ରାମଲାଲା ମନ୍ଦିରମ୍, ନରେନ୍ଦ୍ରସ୍ୟ ବନ୍ଦନମ୍' ଆଧ୍ୟାତ୍ମିକ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ



**ପଣ୍ଡିତ ପ୍ରବୋଧ ମିଶ୍ର**- ଓଡ଼ିଶା ପାଇଁ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ ଏବଂ ସଂସ୍କୃତ ସାହିତ୍ୟ ଜଗତର ଏକ ଅନନ୍ୟ ସୃଜନକାର । ଅନେକେ ତାଙ୍କୁ ଓଡ଼ିଶାର କାଳିଦାସ ବୋଲି ମଧ୍ୟ ଆକଳନ କରିଥାନ୍ତି । କାଳିଦାସଙ୍କ ଲେଖନୀ ଛନ୍ଦ ମେଘଦୂତ ଧାରାରେ ୯ଖଣ୍ଡ ସଂସ୍କୃତ କାବ୍ୟ ଏବଂ ଅଜସ୍ର ସଂସ୍କୃତ କବିତା ରଚନା କରି ଭାରତୀୟ ସଂସ୍କୃତ ବାଣୀ ଭଣ୍ଡାରକୁ ସେ ଋଦ୍ଧିମନ୍ତ କରିଛନ୍ତି । ଭାରତର ସାଧକ ସାଧିକାମାନଙ୍କ ଉପରେ ଲିଖିତ ତାଙ୍କର ପୁସ୍ତକଟି ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଆଧ୍ୟାତ୍ମିକତାର ଏକ ଅମୂଲ୍ୟ ସମ୍ପଦ ।

ବିଭିନ୍ନ ଭାରତୀୟ ଭାଷାର ମୂଳଭାଷା ସଂସ୍କୃତ ଭାଷା ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିବାରୁ ତାଙ୍କ ରଚନାଗୁଡ଼ିକ ଖୁବ୍ ସମୃଦ୍ଧ । ଭାରତୀୟ ପୁରାଣ, ଗୀତାଠାରୁ ଆରମ୍ଭ କରି ରାମାୟଣ, ମହାଭାରତ ଏବଂ ବେଦ ସଂସ୍କୃତରେ ହିଁ ଲିଖିତ । ତେଣୁ ମୂଳ ଭାଷା ଉପରେ ପଣ୍ଡିତ ପ୍ରବୋଧ ମିଶ୍ରଙ୍କ ଅଗାଧ ଜ୍ଞାନ ଓ ଗବେଷଣା ତାଙ୍କ ରଚନାଗୁଡ଼ିକୁ ଅଧିକ ବଳିଷ୍ଠ କରିତୋଳେ । ସଂସ୍କୃତରୁ ଓଡ଼ିଆକୁ ଅନୁବାଦ କରିବା ସମୟରେ ମୂଳ ସଂସ୍କୃତ ଲେଖାଠାରୁ ତାଙ୍କ ଲେଖା କେବେବି ଦୂରେଇ ଯାଏନି । ମୂଳଲେଖାର ସବୁତକ ରସ ଏବଂ ସ୍ୱାଦ ତାଙ୍କ ଅନୁବାଦରୁ ମିଳିଥାଏ ।

ତାଙ୍କ ସ୍ୱୀକୃତି, ପୁରସ୍କାର ଏବଂ ସମ୍ବର୍ଦ୍ଧନାର ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ଏ ପୃଷ୍ଠାରେ ସ୍ଥାନର ଅଭାବ ହେବ । ତେଣୁ ଅଳ୍ପରେ କିଛି ତଥ୍ୟ ଦେବା ପାଇଁ ଉଚିତ୍ ମଣୁଛୁ । କବି ପଣ୍ଡିତ ପ୍ରବୋଧ ମିଶ୍ର ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କଠାରୁ ଆରମ୍ଭ କରି ଭିଭି ଗିରି, ସଂଜୀବ ରେଡ୍ଡୀ, ଆର୍. ଭେଙ୍କଟରମଣ, ଡ. କେ.ଏମ୍. ମୁନସୀ, ହରେକୃଷ୍ଣ ମହତାବ, ଲାଲବାହାଦୁର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ରାଜୀବ ଗାନ୍ଧି, ଅଟଳ ବିହାରୀ ବାଜପେୟୀ ଏବଂ ମନମୋହନ ସିଂହ ପ୍ରମୁଖଙ୍କ ଦ୍ୱାରା ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ଏଥିସହିତ ଓଡ଼ିଆ କାବ୍ୟ ଜଗତରେ ପଣ୍ଡିତ ମିଶ୍ରଙ୍କ ଅବଦାନ ଅତୁଳନୀୟ । ୧୯୬୦ ମସିହାରୁ ବିଭିନ୍ନ ଆଗଧାଡ଼ିର ଖବରକାଗଜ ଏବଂ ପତ୍ରପତ୍ରିକାରେ ତାଙ୍କ ଲିଖିତ କାବ୍ୟଗୁଡ଼ିକ ପ୍ରକାଶିତ ହୋଇ ଲୋକପ୍ରିୟତା ଅର୍ଜନ କରିଛି । କବିଙ୍କ ସାତ କାବ୍ୟର ଝଂକାର, ମରାଳର କାବ୍ୟ, ଉଷଶୀର କାବ୍ୟ, ଉର୍ବଶୀର କାବ୍ୟ, ରୂପସୀର କାବ୍ୟ, କାପାଳିକର କାବ୍ୟ, ମାଳିନୀର ନିଦ୍ରାଭଙ୍ଗ, ମାଳବିକାର ସ୍ୱପ୍ନ, ୯ଟି ଗୋଲାପ ୯ଟି କବିତା ଏବଂ ଯୁଗର ଆହ୍ୱାନ ଆଦି ରଚନାଗୁଡ଼ିକ ଓଡ଼ିଶାର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ତାଙ୍କ କାବ୍ୟଶୈଳୀ ପାଠକଙ୍କ ହୃଦୟକୁ ଛୁଇଁବା ସହିତ ଆମୋଦିତ କରେ ସବୁବେଳେ ।

ନିକଟରେ ପ୍ରକାଶିତ 'ରାମଲାଲା ମନ୍ଦିରମ୍' ଗ୍ରନ୍ଥଟିରେ କବି ୪୫ଟି ଶ୍ଳୋକରେ ଭବ୍ୟ ମନ୍ଦିର ସହିତ ପ୍ରଭୁ ଶ୍ରୀରାମଙ୍କ ମହିମା ବର୍ଣ୍ଣନା କରିଛନ୍ତି ଶ୍ରୀ ମିଶ୍ର । ଶେଷ ୧୦ଟି ଶ୍ଳୋକ ଜଗନ୍ନାଥ ଏବଂ ଶାରଳାଙ୍କୁ ସମର୍ପିତ । ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଏବଂ ପ୍ରଧାନମନ୍ତ୍ରୀଙ୍କ ପୂଜନ ବିଧିର ଫଟୋଚିତ୍ର ମଧ୍ୟ ପୁସ୍ତକଟିରେ ସ୍ଥାନିତ ହୋଇଛି ।

ଅଯୋଧରେ ଭବ୍ୟ ରାମ ମନ୍ଦିର ଏବଂ ଭଗବାନ ରାମଙ୍କ ମହିମାକୁ ଆଧାର କରି ସେ ଯେଉଁ ଗ୍ରନ୍ଥଟି ସଂସ୍କୃତରେ ରଚନା କରିଛନ୍ତି ତାହା ଆଗାମୀ ଦିନ ପାଇଁ ଏକ ଅମୂଲ୍ୟ ଆଧ୍ୟାତ୍ମିକ ଦସ୍ତାବିଜ ଭାବରେ ଭାରତୀୟ ଆଧ୍ୟାତ୍ମିକ ଏବଂ ଧର୍ମୀୟ ଦର୍ଶନକୁ ଯେ ଋଦ୍ଧିମନ୍ତ କରିବ ଏଥିରେ ସାମାନ୍ୟ ଦ୍ୱିମତ ହେବାର ନାହିଁ ।

ଅନେକ କଳ୍ପନାଜଳ୍ପନା ପରେ ଅଯୋଧ୍ୟା ବିବାଦୀୟ ସ୍ଥଳୀରେ ଶେଷରେ ରାମନ୍ଦିର ପାଇଁ ନ୍ୟାୟାଳୟଙ୍କ ସବୁଜ ସଂକେତ ଏବଂ ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଏବଂ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠାର ତଥ୍ୟ ମଧ୍ୟ ରହିଛି ଏହି ଗ୍ରନ୍ଥରେ ।

ଏ ଅମୂଲ୍ୟ ଗ୍ରନ୍ଥଟି ନିଶ୍ଚିତ ଭାବେ ସମଗ୍ର ଭାରତର ଶ୍ରଦ୍ଧାଳୁ ପାଠକଙ୍କ ଦ୍ୱାରା ଯେ ଆଦୃତ ହେବ ଏଥବରେ ସନ୍ଦେହ ନାହିଁ । ସମଗ୍ର ଭାରତବର୍ଷରେ ସଂସ୍କୃତ ଏକ ଦେବଭାଷା ବୋଲି ଯେଉଁ ଧାରଣା ରହିଛି ଏବଂ ଗବେଷଣା ଚାଲିଛି ସେ ଦିଗରେ ମଧ୍ୟ ପଣ୍ଡିତ ମିଶ୍ରଙ୍କ ଗ୍ରନ୍ଥଟି ଗବେଷକଙ୍କ ପାଇଁ ଅଧିକ ସହାୟକ ହେବ । ଏଥିସହିତ ଏହା ଭାରତୀୟ ଧର୍ମୀୟ ପରମ୍ପରାକୁ ଅଧିକ ଗରିୟାନ କରିବ ।

## ବୁଗୁଡ଼ାରେ ବିଗୁଡୁଛି ଆଇନ ଶୃଙ୍ଖଳା ପରିସ୍ଥିତି




**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ଅଧୀନରେ ବୁଗୁଡା ଏନ୍ଏସି ଓ ବ୍ଲକର ୨୧ ପଞ୍ଚାୟତ ସମେତ ଆସ୍କା ବ୍ଲକର ଗହଙ୍ଗୁ ଠାରୁ ଜଗନ୍ନାଥପ୍ରସାଦ ବ୍ଲକର ନିମପଦର ଏବଂ ନୟାଗଡ ରାସ୍ତାରେ କରସିଂର ଚୈତନ୍ୟ ପ୍ରସାଦ ପର୍ଯ୍ୟନ୍ତ ୫୦୩ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଥିବାବେଳେ ଏହି ଥାନା ଉପରେ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି । ତେବେ ବୁଗୁଡା ଥାନା ଇଲାକାରେ ଅଧିକାରୀଙ୍କ ମରୁଡ଼ି ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡୁଛି । ଗତବର୍ଷ ବୁଗୁଡ଼ା ଥାନାରେ ୮୩୨ଟି ମାମଲା ରୁଜୁହୋଇଥିବା ବେଳେ ଚ଼ଳିତ ବର୍ଷ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୧୨୧ଟି ମାମଲା ପଞ୍ଜିକୃତ ହୋଇ ସାରିଲାଣି । ଏତେ ବଡ଼ ଇଲାକାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବୁଗୁଡ଼ା ସହରରେ ଏକ ଥାନା ସାଙ୍ଗକୁ ବାଲିପଦରଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ହୋଇଛି । ତେବେ ଥାନା ଓ ଫାଣ୍ଡିରେ କର୍ମଚ଼ାରୀ ମରୁଡି ଯୋଗୁଁ ଲୋକଙ୍କୁ ନ୍ୟାୟ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାର ଅଭିଯୋଗ ହେଉଛି । ଏହି ଅଞ୍ଚଳ ଦେଇ ୩୩ ନମ୍ବର ରାଜ୍ୟରାଜପଥ ଯାଇଥିବା ବେଳେ ଦିନକୁ ଦିନ ଚୋରି ରାହାଜାନି ବୃଦ୍ଧି ଘଟୁଛି । ଆବଶ୍ୟକୀୟ ଅଧିକାରୀ ଅଭାବରୁ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବରେ ହୋଇପାରୁନି । ବୁଗୁଡ଼ା ଥାନାରେ ଜଣେ ଅତିରିକ୍ତ ଆଇଆଇସିଙ୍କ ସମେତ ୩ ଜଣ ସବଇନ୍ସପେକ୍ଟର, ଜଣେ ଏଏସଆଇ, ଜଣେ ହାବିଲଦାର, ୩ଟି ପୋଲିସ କନଷ୍ଟେବଲ ଓ ୩ଟି ଓଏପିଏଫ କନଷ୍ଟେବଲ ମିଶାଇ ମୋଟ ୧୨ଟି ପଦବୀ ଖାଲି ପଡ଼ିଥିବାବେଳେ ବାଲିପଦର ଫାଣ୍ଡିରେ ଜଣେ ଏଏସଆଇ, ଜଣେ ହାବିଲଦାର ଓ ୨ଟି କନଷ୍ଟେବଲ ପଦବୀ ଖାଲି ପଡିଛି । ଦୀର୍ଘ ଦିନ ହେଲା ଏହି ସବୁ ପଦବୀ ଖାଲି ପଡିଥିବାରୁ ତଦନ୍ତ ଆଶାନୁରୂପ ଆଗେଇ ପାରୁନଥିବା ବେଳେ ଯଥା ସମୟରେ ଲୋକଙ୍କୁ ନ୍ୟାୟ ମିଳୁନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏଣୁ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବୁଗୁଡା ଥାନା ଇଲାକାରେ ଦେଖା ଦେଇଥିବା ଅଧିକାରୀ ମରୁଡିର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ଭୃଗୁ ଘାଟରେ ମହାବାରୁଣୀ ସ୍ନାନ



**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ସ୍ଥିତ ପୂଣ୍ୟ ଭାର୍ଗବୀ ନଦୀର ଭୃଗୁ ଘାଟରେ ସାଗର ସ୍ନାନ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚୈତ୍ରମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ଼ ପକାଇଲେ, ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଅଛି । ଏହି ବୁଡ଼ ପକାଇବା ନିମନ୍ତେ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସକାଳେ ସାନ ଭାଇ, ବଳପୁର ବାଲୁଙ୍କେଶ୍ୱର, ବଡ଼ ଭାଇ ବରାଳ, ବାଲୁଙ୍କେଶ୍ୱରଙ୍କୁ ସାଗର ସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚିବା ପରେ ଦୁଇ ଭାଇକୁ ମୁକ୍ତିମଣ୍ଡପ ଭୋଗ କରାଯାଇଥିଲା । ସେଠାରୁ ଦୁଇ ଭାଇଙ୍କୁ କାହାଳି ମହୁରୀ, ବାଜା, ଘଣ୍ଟ, ମରଦଳ ଧ୍ୱନି ଦେଇ, ସୁସଜ୍ଜିତ ବିମାନରେ, ଭାର୍ଗବୀ ନଦୀର ଭୃଗୁ ଘାଟରେ ବିଜେ କରିଥିଲେ । ଅଭିମନ୍ତ୍ରୀତ, ଜଳରେ ଠାକୁରଙ୍କୁ, ବାରୁଣୀ ସ୍ନାନ ନୀତି ସମାପନ ପରେ, ସେଠାରେ, ପ୍ରତୀକ୍ଷା, କରିଥିବା, ମାନସିକ ଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ ପକାଇଥିଲେ । ଆମ୍ବ, ପଣସ ଜାମୁ, ନିମ୍ବ, କରଞ୍ଜ, ବର ଏବଂ ଓସ୍ତ, ଆଦି ବୃକ୍ଷର ସୁଶୀଳତା, ନଦୀ କୂଳରେ ଅସ୍ଥାୟୀ ଗ୍ରାମିଣ ବଜାର ଖୋଲିଥିଲା । ଠାକୁରଙ୍କୁ, ପୂଜା ଅର୍ଚ୍ଚନା ସହିତ, ମେଳନରେ ବୁଲିବା ଏବଂ ବଜାରରୁ ଘର କରଣା ସାମଗ୍ରୀ ଆଣିବା ପାଇଁ ସମାଗମ ଲାଗିଥିଲା । ସେହିପରି ନଦୀର ଅପର ପାର୍ଶ୍ୱ ସୁଆଣ୍ଡୋ ଘାଟରେ ଲୋକନାଥ ଦେବ ଓ ବିଦ୍ୟାଧରପୁର କୁଣ୍ଡେଳେଶ୍ୱର ଦେବ, ବିରାଜମାନ କରିଥିଲେ । ବଳପୁର, ବାଲୁଙ୍କେଶ୍ୱର ଦେବଙ୍କ ଟ୍ରଷ୍ଟି, ବରାଳ ବାଲୁଙ୍କେଶ୍ୱର ଦେବଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସେଇପରି ସମସ୍ତେ ପ୍ରସାଶନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତି ରହିଥିଲେ ।

ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଅତିରିକ୍ତ ତହସିଲଦାର, ଓମ୍ ପ୍ରକାଶ ପରିଡା, ବିଡ଼ିଓ ଦେବାଶିଷ ନାୟକ, ଏସଡିପିଓ ଦେବାଶିଷ ମିଶ୍ର, ଦାୟିତ୍ୱ ନିର୍ବାହ କରିଥିବା ବେଳେ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ, ସତ୍ୟବାଦୀ ଥାନା ଆଇଆଇସି ସୋମ୍ୟରଞ୍ଜନ ମହାଳିକ, ଆରକ୍ଷୀ ବାହିନୀ ସହିତ ଉପସ୍ଥିତ ରହିଥିବା ବେଳେ, ଭକ୍ତମାନଙ୍କୁ, ନଦୀରେ ସୁରକ୍ଷିତ ସ୍ନାନ ପାଇଁ ସାକ୍ଷୀଗୋପାଳ ଅଗ୍ନିଶମ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତି ରହିଥିଲେ ।


## ଚେକିଂ ବେଳେ ଗଞ୍ଜେଇ ଜବତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଧାମନଗର ଥାନାରେ ନୂଆ ଅଧିକାରୀ ଯୋଗ ଦେବା ପରେ ବେଆଇନ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ବେପାରୀଙ୍କ ଚ଼ିନ୍ତା ବଢିବାରେ ଲାଗିଛି । ଧାମନଗର ଥାନା ଚୁଡାକୁଟି ରାସ୍ତା ପଣ୍ଡୁବଜାର ଛକରେ ପୋଲିସ ପକ୍ଷରୁ ଗାଡି ଚେକିଂ ସମୟରେ ୪ କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚ଼ନା ଦିଆଯାଇଛି । ଅଟକ ବ୍ୟକ୍ତି ହେଲା ଭଦ୍ରକ ରୁରାଲ ଥାନା ଅର୍ଣ୍ଣପାଳ ଅଧିନ ମଧୁସୁଦନପୁର ଗ୍ରାମର ବିଜୟ ସାହୁ ବୋଲି ପୋଲିସ ଠାରୁ ସୂଚ଼ନା ମିଳିଛି । ଯୁବକ ଜଣକ ଏକ ମୋଟରସାଇକେଲରେ ଗଞ୍ଜେଇ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପଣ୍ଡୁବଜାର ଛକରେ ଧାମନଗର ଥାନା ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା । ଏହି ସମୟରେ ଏସଆଇ ମହେଶ୍ୱର ପ୍ରଧାନଙ୍କ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଚେକିଂ କରିଥିଲେ । ସେହି ସମୟରେ ତାଙ୍କ ପାଖରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଏସଆଇ ସସ୍ମିତା ମଲ୍ଲିକଙ୍କ ଉପସ୍ଥିତରେ ଗଞ୍ଜେଇକୁ ଜବତ କରିବା ସହ ବିଜୟକୁ ପୋଲିସ ଥନାକୁ ନେଇ ଅଟକ ରଖି ପଚ଼ରାଉଚ଼ରା ଜାରି ରହିଛି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚ଼ାଲାଣ କରାଯିବ ବୋଲି ଆଇଆଇସି ସୁବ୍ରଜିତ ଦାଶ ଆମ ପ୍ରତିନିଧିଙ୍କୁ ସୂଚ଼ନା ଦେଇଛନ୍ତି ।

### ବାଣିଜ୍ୟ

## ତୈଳ ମୂଲ୍ୟ ବଢିଛି ମାତ୍ର ୩ ପ୍ରତିଶତ



**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ହର୍ମୁଜ୍ ପ୍ରଣାଳୀରେ ବାଧା ସୃଷ୍ଟି ହେବା ସହିତ ଯୋଗାଣକୁ ନେଇ ନୂତନ ଚ଼ିନ୍ତା ପ୍ରକାଶ ପାଇବାରୁ ପୂର୍ବ ଅଧିବେଶନର କ୍ଷତିରୁ ମଙ୍ଗଳବାର ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି । ବ୍ରେଣ୍ଟ ଅଶୋଧିତ ତୈଳର ଭବିଷ୍ୟତ ମୂଲ୍ୟ ବ୍ୟାରେଲ ପ୍ରତି ୧୦୩.୨୦ ଡଲାରରେ କାରବାର ହେଉଥିଲା । ଯାହା ୨.୯୮ ପ୍ରତିଶତ ବୃଦ୍ଧି ପାଇଥିଲା । ଯେତେବେଳେ ଯୁକ୍ତରାଷ୍ଟ୍ର ପଶ୍ଚିମ ଟେକ୍ସାସ ମଧ୍ୟବର୍ତ୍ତୀ (ଡବ୍ଲ୍ୟୁଟିଆଇ) ଅଶୋଧିତ ତୈଳ ମୂଲ୍ୟ ସକାଳ ୯:୪୫ ସମୟରେ ୩.୦୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୯୬.୩୬ ଡଲାରରେ ପହଞ୍ଚିଥିଲା ।

ପୂର୍ବ ଅଧିବେଶନରେ, ବ୍ରେଣ୍ଟ ୨.୮ ପ୍ରତିଶତ ହ୍ରାସ ପାଇଥିଲା, ଯେତେବେଳେ ଡବ୍ଲ୍ୟୁଟିଆଇ ପ୍ରାୟ ୫ ପ୍ରତିଶତ ହ୍ରାସ ପାଇଥିଲା, ଯଦିଓ ଉଭୟ ବେଞ୍ଚମାର୍କ ଦିନର ଆରମ୍ଭରେ ୪ ପ୍ରତିଶତ ପାଖାପାଖି ବୃଦ୍ଧି ପାଇଥିଲା । ହର୍ମୁଜ୍ ପ୍ରଣାଳୀ - ବିଶ୍ୱ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚ଼ାଳନା କରୁଥିବା ଏକ ପ୍ରମୁଖ ଅବରୋଧ ବିନ୍ଦୁ - ଆମେରିକା-ଇସ୍ରାଏଲ-ଇରାନ ବିବାଦ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଯାହା ଏବେ ତୃତୀୟ ସପ୍ତାହରେ ପହଞ୍ଚିଛି । ଏହି ପରିସ୍ଥିତି ଯୋଗାଣ ଅଭାବ, ଶକ୍ତି ମୂଲ୍ୟ ବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବୃଦ୍ଧିର ଭୟକୁ ବୃଦ୍ଧି କରିଛି । ତଥାପି, ସାପ୍ତାହିକ ଭିତ୍ତିରେ, ତୈଳ ମୂଲ୍ୟ ପ୍ରାୟତଃ ସ୍ଥିର ରହିଛି । ଗତ ଶୁକ୍ରବାରର ବନ୍ଦ ତୁଳନାରେ ବ୍ରେଣ୍ଟ କ୍ରୁଡ୍ ମୋଟାମୋଟି ଭାବରେ ସ୍ଥିର ଥିଲା । ଯେତେବେଳେ ସେହି ସମୟ ମଧ୍ୟରେ ଡବ୍ଲ୍ୟୁଟିଆଇ ୧ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା ।

ଏହି ସମୟରେ, ଆମେରିକା ଇଣ୍ଡୋ-ପାସିଫିକ୍ ଅଂଶୀଦାରମାନଙ୍କ ସହିତ ପ୍ରାୟ ୫୬-୫୭ ଡଲାର ବିଲିୟନ ମୂଲ୍ୟର ଶକ୍ତି ଚୁକ୍ତିନାମା ହାସଲ କରିଛି, ଗୃହ ସଚ଼ିବ ଡଗ୍ ବର୍ଗମ୍ କହିଛନ୍ତି, ଏହି ପଦକ୍ଷେପକୁ ସହଯୋଗୀଙ୍କ ମଧ୍ୟରେ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବାର ପ୍ରୟାସର ଏକ ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି । ଆମେରିକା ନେତୃତ୍ୱରେ ଭାରତ-ପାସିଫିକ୍ ଶକ୍ତି ସୁରକ୍ଷା ସମ୍ମିଳନୀ ସମୟରେ ଏହି ଚୁକ୍ତିନାମାଗୁଡ଼ିକୁ ଚୂଡ଼ାନ୍ତ କରାଯାଇଥିଲା, ଯେଉଁଥିରେ ଏହି କ୍ଷେତ୍ରର ଦେଶମାନେ ଅଂଶଗ୍ରହଣ କରିଥିଲେ । ପୃଥକ ଭାବରେ, ଆମେରିକାର ଅର୍ଥ ସଚ଼ିବ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ବିଶ୍ୱ ଶକ୍ତି ଯୋଗାଣକୁ ସ୍ଥିର କରିବା ପାଇଁ ଚ଼ାଲିଥିବା ସଂଘର୍ଷ ସତ୍ତ୍ୱେ ଇରାନୀ ତୈଳ ଟ୍ୟାଙ୍କର୍ ଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦିଆଯାଇଛି । ବିଶ୍ୱ ଶକ୍ତି ବାଣିଜ୍ୟ ପାଇଁ ହର୍ମୁଜ୍ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ଧମନୀ ରହିଛି ଏବଂ ଯେକୌଣସି ବାଧା ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରେ ।

ବିଶ୍ଳେଷକଙ୍କ ଅନୁସାରେ, ଭାରତ ସମେତ ଏସୀୟ ଅର୍ଥନୀତିଗୁଡ଼ିକ ଉପସାଗରୀୟ ଅଞ୍ଚଳରୁ ଅଶୋଧିତ ଆମଦାନୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ହେତୁ ବିଶେଷ ଭାବରେ ଦୁର୍ବଳ ରହିଛି । ଏହା ସହିତ, ମଙ୍ଗଳବାର ସେସନରେ ଘରୋଇ ଇକ୍ୱିଟି ବେଞ୍ଚମାର୍କ ସେନସେକ୍ସ ଏବଂ ନିଫ୍ଟି ଉଚ୍ଚ ଅସ୍ଥିରତା ଦେଖାଉଛି ।

## ମୌଳିକ ସୁବିଧାରୁ ବଞ୍ଚିତ ସିକଟପଲ୍ଲୀ ଗ୍ରାମବାସୀ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ଚ଼ିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଥିବା ରାଲେଗଡା ପଞ୍ଚାୟତ ସିକଟପଲ୍ଲୀ ଗାଁରେ ମୋଟ ୨୫ଟି ପରିବାର ବସବାସ କରୁଥିବା ବେଳେ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଆବାସ ଘର, ଗମନାଗମନ ଭଳି ମୌଳିକ ସୁବିଧା ଏମାନଙ୍କ ପାଇଁ ପାଲଟିଛି ସାତ ସପନ । ମୌଳିକ ସୁବିଧା କହିଲେ କେବଳ ୫ କିଲୋ ଚ଼ାଉଳ, ତାହାବି ୧୫ କିଲୋମିଟର ଯାଇ ଆଣିବାକୁ ପଡେ । ବର୍ଷା ସମୟରେ କାହାର ଯଦି ଦେହ ଖରାପ ହୁଏ, ତେବେ ତାକୁ ଭଗବାନ ହିଁ ଏକମାତ୍ର ସାହା ଭରସା । ୫ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗାଁକୁ ଗାଁ ଯୋଡିବା ପାଇଁ ରାସ୍ତାର ସଂଯୋଗ କରାଯାଇଥିଲା । କିନ୍ତୁ ଏହି ସିକଟପଲ୍ଲୀ ଗାଁ ନିକଟରୁ ଅଧପାନ୍ତରିଆ ରାସ୍ତା କରି ଛାଡି ଚ଼ାଲିଗଲେ ଠିକାଦାର । ବର୍ତ୍ତମାନ ଦୁଇଟି ସେତୁ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ, ବର୍ଷା ସମୟରେ କାଠ ପୋଲ ହିଁ ଏକମାତ୍ର ଭରସା ଗାଁ ବାସିନ୍ଦାଙ୍କ ପାଇଁ । ରାସ୍ତାର ସଂଯୋଗ ନଥିବା କାରଣରୁ ଗାଁ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରହିଛି । ଆବାସ ଯୋଜନା ସାତ ସପନ ଥିବା ବେଳେ, ମାଟି ଘରେ କଟୁଛି ଦିନ । ବର୍ଷା ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ସିକଟପଲ୍ଲୀ ବସିନ୍ଧା ।

## ଧାନ କିଣା ସରୁନି ଚାଷୀଙ୍କୁ ପ୍ରାପ୍ୟ ମିଳୁନି

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଜିଲ୍ଲାରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାରେ ଅଚ଼ଳାବସ୍ଥା ଲାଗି ରହୁଛି । ଧାନ ବିକ୍ରି କରିବା ପାଇଁ ୩ ମାସ ହେଲା ମଣ୍ଡି ଖୋଲା ହୋଇଥିବା ବେଳେ ଆଜି ସୁଦ୍ଧା ବହୁ ମଣ୍ଡିରୁ ଚ଼ାଷୀଙ୍କର ଧାନ କିଣା ଶେଷ ହୋଇପାରି ନାହିଁ ।

ସେହିପରି ଜିଲ୍ଲାରେ ଏବେ ପ୍ରାୟ ୨୦ ହଜାରରୁ ଅଧିକ ଚ଼ାଷୀ ଯେଉଁମାନେ ଧାନ ଦେଇ ସେମାନଙ୍କ ପ୍ରାପ୍ୟ ପାଉ ନାହାନ୍ତି । ଚ଼ାଷୀ ଧାନ ଦେବାରେ ବିଳମ୍ବ ହେଉଥିବା ବେଳେ ପ୍ରାପ୍ୟ ପାଇବାରେ ମଧ୍ୟ ବିଳମ୍ବ ହେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ କରାଯାଇଥିବା ବେଳେ ମିଲର ସେମାନଙ୍କର ମାନମନିରେ ଧାନ ଉଠାଉଛନ୍ତି ।

ପ୍ରକାଶ ଥାଉ କି, ଭଦ୍ରକ ବ୍ଲକ ଅନ୍ତର୍ଗତ ଆମ୍ବରୋଳି ସମବାୟ ସମିତି ଧାନ ମଣ୍ଡରୁ ୨୦ ଦିନ ଧରି ଧାନ ଉଠୁ ନଥିବା ପ୍ରତିବାଦରେ ଚାଷୀମାନେ ମଣ୍ଡିରେ ତାଲା ପକାଇଛନ୍ତି । ଉକ୍ତ ସମିତିରେ ଆହୁରି ୬୭୧ ଜଣ ଚ଼ାଷୀ ଧାନ ବିକିବା ଅପେକ୍ଷାରେ ଅଛନ୍ତି । ମଣ୍ଡି କର୍ତ୍ତୃପକ୍ଷ ୬ ହଜାର ୯ ଶହ କ୍ୱିଣ୍ଟାଲ ଧାନ କିଣି ରଖୁଛନ୍ତି, ଅଥଚ଼ ଧାନ ମଣ୍ଡିରୁ ଉଠୁ ନାହିଁ ଓ ମିଲରଙ୍କ ଗାଡି ମଣ୍ଡିରେ ପହଞ୍ଚୁ ନଥିବାରୁ ଏମିତି ଅବସ୍ଥା ଉପୁଜିଛି । ଚ଼ାଷୀମାନେ ଆହୁରି ୩ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଆଣି ମଣ୍ଡିରେ ବିକ୍ରି ଲାଗି ଅପେକ୍ଷା କରିଥିବା ବେଳେ ଯୋଗାଣ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଚ଼ାଷୀମାନେ ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି । ସ୍ଥାନୀୟ ଚ଼ାଷୀଙ୍କ କହିବା ଅନୁଯାୟୀ, ଗତବର୍ଷ ଖରିଫ ଋତୁରେ ଜିଲାର ସର୍ବାଧିକ ଧାନ କିଣି ପ୍ରଥମ ହୋଇଥିଲା ଏହି ସମିତି ।

ଚ଼ଳିତ ବର୍ଷ ଏହି ମଣ୍ଡିରେ ୧୩୫୧ ଜଣ ଚ଼ାଷୀ ପଞ୍ଜିକୃତ କରିଛନ୍ତି । ଏବେ ସୁଦ୍ଧା ମଣ୍ଡିକୁ ୩୮ ହଜାର ୬୦୦ କ୍ୱିଣ୍ଟାଲ ଟାର୍ଗେଟ ଧାନ ମିଳିଛି । ଟାର୍ଗେଟ ଅନୁସାରେ ମଣ୍ଡିରେ ଆହୁରି ୩ ହଜାର ଅଧିକ ଧାନ ଗଚ୍ଛିତ ଅଛି । ସେହିଭଳି ଏବେ ଫେବ୍ରୁଆରୀ ୨ ତାରିଖ ଟୋକନର ଧାନକିଣା ଚ଼ାଲିଛି । ମାର୍ଚ୍ଚ ମାସରେ ଚ଼ାଷୀଙ୍କୁ ଯେଉଁ ଟୋକନ ମିଳିଛି । ସେମାନେ କେବେ ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ ଉଠୁଛି । ମଣ୍ଡିକୁ ଆଉ ୨୨ ହଜାର କ୍ୱିଣ୍ଟାଲ ଟାର୍ଗେଟ୍ ଧାନ ମିଳିଲେ ସବୁ ଚ଼ାଷୀଙ୍କ ଧାନ କିଣାଯାଇ ପାରିବ ବୋଲି ସୂଚ଼ନା ମିଳିଛି ।

ମଣ୍ଡିକୁ ଅଧିକ ଟାର୍ଗେଟ ତୁରନ୍ତ ନମିଳିଲେ ବହୁ ଚ଼ାଷୀଙ୍କ ଟୋକନ ବାତିଲ ହେବ ବୋଲି ଚ଼ାଷୀମାନେ ଧାନବସ୍ତା ନେଇ ଆଶଙ୍କା କରିଛନ୍ତି । ଟୋକାନ ଲପାସ ପୂର୍ବରୁ ପ୍ରଶାସନ ଚ଼ାଷୀର ଧାନ ବିକ୍ରି କରିବା ନେଇ ସୁଯୋଗ ସୃଷ୍ଟି କରନ୍ତୁ । ଚ଼ାଷୀର ଧାନ ବିକ୍ରି ନହେଲେ ଚ଼ାଷୀ ରାଜା ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ବୋଲି ଚେତାବନୀ ଦେଇଛନ୍ତି । ଅପରପକ୍ଷେ ମଣ୍ଡି ସମସ୍ୟା ନେଇ ଅବଗତ ହେବା ପରେ ଧାନ ଉଠାଇବା ବ୍ୟବସ୍ଥା ହେଉଥିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି ।

### ସିନେମାଫିନେମା ଟିଭିଫିବି



## ସେଲିନାଙ୍କୁ ଝଟ୍‌କା

ବଲିଉଡ୍ ଅଭିନେତ୍ରୀ ସେଲିନା ଜେଟଲିଙ୍କୁ ଏକ ବଡ଼ ଝଟକା । ଦିଲ୍ଲୀ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ଏହି ଆବେଦନରେ ସେଲିନା ଜେଟଲି ତାଙ୍କ ଭାଇ ବିକ୍ରାନ୍ତ ଜେଟଲିଙ୍କ ସହ ଯୋଗାଯୋଗ କରିବା ପାଇଁ କନସୁଲାର ଆକ୍ସେସ୍, ଆଇନଗତ ସହାୟତା ଏବଂ ଅନୁମତି ମାଗିଥିଲେ । ବିକ୍ରାନ୍ତ ବର୍ତ୍ତମାନ ସଂଯୁକ୍ତ ଆରବ ଏମିରେଟ୍ସରେ ହେପାଜତରେ ଅଛନ୍ତି ।

କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ, କାରଣ ବିକ୍ରାନ୍ତ ଜେଟଲି ନିଜେ ତାଙ୍କ ଭଉଣୀଙ୍କୁ ଯୋଗାଯୋଗ କରିବାକୁ କିମ୍ବା ତାଙ୍କର ଆଇନଗତ ସହାୟତା ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ସେ କହିଛନ୍ତି ଯେ ସେ ତାଙ୍କ ପତ୍ନୀ ଚ଼ାରୁଲ ଜେଟଲିଙ୍କ ସହ ମିଳିତ ଭାବରେ ଏହି ମାମଲା ସମାଧାନ କରିବାକୁ ଚ଼ାହାଁନ୍ତି । ଏହି ରାୟ ପରେ, ସେଲିନା ଜେଟଲି ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେବାକୁ ଯାଇ ବ୍ୟାଖ୍ୟା କରିଛନ୍ତି ଯେ ସେ ତାଙ୍କ ଭାଇର ସୁରକ୍ଷା ଏବଂ ମଙ୍ଗଳକୁ ଦୃଷ୍ଟିରେ ରଖି ଆବେଦନ ଦାଖଲ କରିଛନ୍ତି ।

ସେଲିନା କମେଣ୍ଟ ଦେଇଛନ୍ତି ଯେ, ସେମାନଙ୍କ ପିତାମାତାଙ୍କ ଅନୁପସ୍ଥିତିରେ, ଜଣେ ଭଉଣୀ ଭାବରେ ତାଙ୍କ ଭାଇ ପାଇଁ ସହାୟତା ପାଇବା ପାଇଁ ଚେଷ୍ଟା କରିବା ତାଙ୍କର ଦାୟିତ୍ୱ । ସେ ନିଜେ ବର୍ତ୍ତମାନ ତାଙ୍କ ବ୍ୟକ୍ତିଗତ ଜୀବନର ଏକ କଷ୍ଟକର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି, ଏକ ସଂଘର୍ଷ ଯାହା ତାଙ୍କ ନିଜ ବୈବାହିକ ପରିସ୍ଥିତି ପର୍ଯ୍ୟନ୍ତ ବ୍ୟାପିଛି । ଏହି ବ୍ୟକ୍ତିଗତ ଚ୍ୟାଲେଞ୍ଜ ସତ୍ତ୍ୱେ, ସେ ତାଙ୍କ ଭାଇର ସୁରକ୍ଷାକୁ ପ୍ରାଥମିକତା ଦେଇଥିଲେ ଏବଂ ଆଇନଗତ ଆଶ୍ରୟ ନେଇଥିଲେ ।

ସେଲିନା ଜେଟଲି ତାଙ୍କର ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ସରକାର ଏହାର ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ସର୍ବଦା ସଜାଗ ରହିଛି । ଏହି ସମୟରେ, ବିକ୍ରାନ୍ତ ଜେଟଲିଙ୍କ ପତ୍ନୀ ଏହି ମାମଲାକୁ ଗୋପନୀୟ ରଖିବାକୁ କୋର୍ଟଙ୍କୁ ଆବେଦନ କରିଥିଲେ । କୋର୍ଟ ନିଶ୍ଚିତ କରିଛନ୍ତି ଯେ ସମ୍ପୃକ୍ତ କର୍ତ୍ତୃପକ୍ଷ ବିକ୍ରାନ୍ତ ଜେଟଲିଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ମାମଲା ସମ୍ପର୍କରେ ଆଇନଗତ ପ୍ରକ୍ରିୟା ଜାରି ରହିଛି । ତାଙ୍କର ଶେଷ ପର୍ଯ୍ୟବେକ୍ଷଣରେ, କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ ସମ୍ପୃକ୍ତ ବ୍ୟକ୍ତି ନିଜେ ସହାୟତା ଗ୍ରହଣ କରିବାକୁ ମନା କରନ୍ତି, ସେତେବେଳେ ଆବେଦନ ଜାରି ରଖିବାର କୌଣସି ଯଥାର୍ଥତା ନାହିଁ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୮ ମାର୍ଚ୍ଚ ୨୦୨୬ । ବୁଧବାର

ଧର୍ମଶାଳା

# ରୋଗକୁ ଆମନ୍ତ୍ରଣ କରୁଛି ବୋତଲ ପାଣି !



**୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳ ହିଁ ଜୀବନ । ଶୋଷ ମେଣ୍ଟାଇବାକୁ ଆମେ ଜଳକୁ ପିଇଥାଉ । ତେବେ ବଜାରରେ ବିକ୍ରି ହେଉଥିବା ପାଣିର ବିଶୁଦ୍ଧତାକୁ ନେଇ ଏବେ ପ୍ରଶ୍ନ ଉଠୁଛି । କାର୍ଯ୍ୟରେ ବାହାରକୁ ଯାଉଥିବା ଲୋକେ ଶୋଷ ମେଣ୍ଟାଇବାକୁ ଦୋକାନରେ ବିକ୍ରି ହେଉଥିବା ବୋତଲ ପାଣି ଉପରେ ନିର୍ଭର କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି କିଛି ଭଲ କମ୍ପାନୀର ପାଣି ବୋତଲ ଅଧିକ ଦରରେ ବିକ୍ରି ହେଉଥିବାବେଳେ ଅନେକ ଦୋକାନରେ ବିଭିନ୍ନ ନାମରେ ବିଭିନ୍ନ କମ୍ପାନୀର ପାଣି ବୋତଲ ଓ ପାଉଚ ବିକ୍ରି ହେଉଛି । ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ବିଭିନ୍ନ କମ୍ପାନୀର ପାଣି ବୋତଲ ଓ ପାଉଚ ଦେଖିବାକୁ ମିଳୁଛି । ତେବେ ଏହାର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠୁଛି । ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବ ବଢ଼ିବାରେ ଲାଗିଛି । ଆଗକୁ ଏହାର ପ୍ରଭାବ ଆହୁରି ବଢ଼ିବ । ପୂର୍ବାହ୍ନ ୧୦ଟା ପରେ ବାହାରକୁ ବାହାରିବା ଧୀରେ ଧୀରେ କଷ୍ଟକର ହେଲାଣି । ଏହିଭଳି ପରିସ୍ଥିତିରେ ଲୋକେ ଦୋକାନରେ ବିକ୍ରି ହେଉଥିବା ଯେକୌଣସି ପାଣିକୁ ପିଇ ଦେଉଛନ୍ତି । ସେହିପରି ବିବାହ ଭୋଜି ଠାରୁ ଆରମ୍ଭ କରି ଯେକୌଣସି କାର୍ଯ୍ୟକ୍ରମର ଆୟୋଜନ କରାଗଲେ ପ୍ରଥମେ ପାଣିର ଆବଶ୍ୟକତା ପଡ଼ିଥାଏ । ହଜାର ହଜାର ସଂଖ୍ୟାରେ ଲୋକ ଆଖି ବୁଜି ଏହି ପାଣିକୁ ପିଉଥିବା ବେଳେ ଏହାର ଶୁଦ୍ଧତାକୁ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । ତେବେ କଥା ଉଠୁଛି ପିଉଥିବା ପାଣି କେଉଁଠୁ ଆସୁଛି ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ କ'ଣ ରହିଛି ନିୟମ । ତେବେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମତଃ ପାଣି ବୋତଲ ପ୍ରସ୍ତୁତ ପାଇଁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ପକ୍ଷରୁ ଅନୁମତି ଆଣିବାକୁ ପଡ଼ିଥାଏ । ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନଳକୂଅ ପାଣି, ଆର୍‌ଓ ମେସିନ, ପାଣି ବୋତଲ ପ୍ରସ୍ତୁତ ପରେ ପରୀକ୍ଷା କରାଯାଇ ପାଣି ବିକ୍ରି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥାକୁ ଲାଇସେନ୍ସ ମିଳିଥାଏ । ପ୍ରତି ବୋତଲ ଓ ପାଉଚ ପ୍ୟାକେଟ ଉପରେ ପ୍ରସ୍ତୁତି ଓ ବ୍ୟବହାରର ସମ୍ପୂର୍ଣ୍ଣ ବିବରଣୀ ରହିବା ନିୟମ ରହିଛି । କିନ୍ତୁ ଅଧିକାଂଶ କମ୍ପାନୀର ପାଣି ବୋତଲ ଓ ପାଉଚ ଉପରେ ଏହା ଦେଖିବାକୁ ମିଳୁନାହିଁ । ଯାହାଫଳରେ ଏହି ପାଣି ବିଶୁଦ୍ଧ ନା ବିଷାକ୍ତ ତାକୁ ନେଇ ପ୍ରଶ୍ନ ଉଠିଛି । ଅପର ପକ୍ଷରେ ଯଦି ବିଷାକ୍ତ ପାଣି ବଜାରରେ ମିଳୁଥିବ, ତେବେ ତାକୁ ପିଇବା ଦ୍ୱାରା ଶରୀରରେ ନାନା ପ୍ରକାର ସମସ୍ୟା ଦେଖା ଦେବାର ସମ୍ଭାବନା ରହିଛି । ଧର୍ମଶାଳା ଅଞ୍ଚଳରେ ୪ ରୁ ୫ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥାକୁ ଲାଇସେନ୍ସ ଦିଆଯାଇଥିବା ବେଳେ ଅନ୍ୟ ପାଣି ବୋତଲ କେଉଁଠୁ ଆସୁଛି ତାହାର ତଦନ୍ତ କରାଯିବ ଏବଂ ବିନା ଲାଇସେନ୍ସରେ ବିକ୍ରି କରାଯାଉଥିବା ସଂସ୍ଥା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯାଜପୁର ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ବୁଧବାର – ଚତୁର୍ଦ୍ଦଶୀ |
|---|---|
| ୧୮.୩.୨୦୨୬ | ନକ୍ଷତ୍ର– ଶତଭିଷା, କୁମ୍ଭଚନ୍ଦ୍ର |

| | | |
|---|---|---|
| ମେଷ | : | ଆୟ ବୃଦ୍ଧି ପାଇବ । |
| ବୃଷ | : | କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ହେବ । |
| ମିଥୁନ | : | ଭୟ ବୃଦ୍ଧି ପାଇବ । |
| କର୍କଟ | : | ଆଘାତ ପାଇପାରନ୍ତି । |
| ସିଂହ | : | ଭଲ କାମ କରି ଖୁସି ହେବେ । |
| କନ୍ୟା | : | ସୁସ୍ୱାସ୍ଥ୍ୟ ରହିବ । |
| ତୁଳା | : | କର୍ଣ୍ଣପୀଡ଼ା କଷ୍ଟ ପାଇବେ । |
| ବିଛା | : | ଋଣ ବୃଦ୍ଧି ପାଇବ । |
| ଧନୁ | : | ଦ୍ରବ୍ୟଲାଭ ଯୋଗ ରହିଛି । |
| ମକର | : | ଠକାମୀ ଯୋଗ ରହିଛି । |
| କୁମ୍ଭ | : | ଅପେକ୍ଷା କରିଥିବା କାର୍ଯ୍ୟରେ ସଫଳତା ପାଇବେ । |
| ମୀନ | : | ଦୁଃଖ ବୃଦ୍ଧି ପାଇବ । |

## ଜଳ ଯୋଗାଣ ସୌରଯନ୍ତ୍ର ଅଚଳ : ବିଭାଗ ନୀରବ

**ଫୁଲନଖରା, ୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**

ବୟାଳିଶମୌଜା ଅନ୍ତର୍ଗତ ଦହିଗାଁରେ ୨୦୧୫ ମସିହାରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ ଏକ ସମୟରେ ସଦର ଅଞ୍ଚଳରେ ଏକ ଆଦର୍ଶ ମଡେଲ୍ ଭାବେ ପରିଚିତ ଥିଲା । ବିଦ୍ୟୁତ ସହିତ ସୌରଶକ୍ତିରେ ମଧ୍ୟ ଚାଲିପାରୁଥିବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୪୩ ଲକ୍ଷ ଟଙ୍କା ବ୍ୟୟରେ ୧୦ କିଲୋୱାଟ୍ କ୍ଷମତାର ସୌରଯନ୍ତ୍ର ସ୍ଥାପନ କରାଯାଇଥିଲା । ଏହା ଚାଲୁଥିବା ସମୟରେ ବିଦ୍ୟୁତ ଖର୍ଚ୍ଚ ହ୍ରାସ ପାଇବା ସହ ପଞ୍ଚାୟତ ଏକ ବଡ଼ ଆର୍ଥିକ ବୋଝରୁ ମୁକ୍ତି ମିଳୁଥିଲାଛ କିନ୍ତୁ ଗତ ଏକ ବର୍ଷ ଧରି ପ୍ରକଳ୍ପର ସୌରଯନ୍ତ୍ର ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିଥିବା ଜଣାପଡିଛି ।



ଏହାର ପରିଣାମରେ ବିଦ୍ୟୁତ ମାଧ୍ୟମରେ ପାଣି ଯୋଗାଣ ଚାଲୁ ରହିଥିଲେ ମଧ୍ୟ ବିଦ୍ୟୁତ ବିଲ୍ ବୃଦ୍ଧି ପଞ୍ଚାୟତ ପାଇଁ ଚିନ୍ତାର କାରଣ ହୋଇଯାଇଛି । ବିଭାଗୀୟ ଦାୟିତ୍ୱରେ ଥିବା ସତ୍ତ୍ୱେ ସୌର ଯନ୍ତ୍ର ଖରାପ ହେବା ବିଷୟରେ ଜାଣି ମଧ୍ୟ ପ୍ରାୟୋଜନୀୟ ପଦକ୍ଷେପ ନ ନେବା ନେଇ ଅସନ୍ତୋଷ ପ୍ରକାଶ ପାଉଛି । କଳପଡା ଗ୍ରାମପଞ୍ଚାୟତ ସରପଞ୍ଚ ସବିତା ମାଝୀ କହିଛନ୍ତି, ପଞ୍ଚାୟତ ପକ୍ଷରୁ ପୂର୍ବରୁ ନିଜ ଖର୍ଚ୍ଚରେ ଏକଥର ସଜାଡ଼ା ଯାଇଥିଲେ ମଧ୍ୟ ପୁଣି ଏହା ଅଚଳ ହୋଇଯାଇଛି । ବାରମ୍ବାର ଏପରି ଖର୍ଚ୍ଚ ବହନ କରିବା ପଞ୍ଚାୟତ ପାଇଁ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ଏହା ସହ ପ୍ରକଳ୍ପ ସହିତ ସଂଯୁକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ମଧ୍ୟ ଅଚଳ ହୋଇପଡିଥିବାରୁ ପାଖପାଖି ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ଦେଇ ପାଣି ଯୋଗାଣ କରାଯାଉଛି । ଏହି ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏଲିଜା ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ । ତେବେ ବିଦ୍ୟୁତ ମାଧ୍ୟମରେ ପାଣି ଯୋଗାଣ ଚାଲିଥିବାରୁ ସୌର ପ୍ରକଳ୍ପ ଅଚଳ ହେବାକୁ ନେଇ ପ୍ରଶାସନୀୟ ଅସାବଧାନତା ଦେଖାଯାଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ସୌର ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ସାଧାରଣ ମଧ୍ୟରେ ପ୍ରଶ୍ନ ଉଠୁଛି  ଯଦି ଏହାର ଦୀର୍ଘମିଆଦି ଉପଯୋଗ ନଥିଲା, ତେବେ କାହିଁକି ଏପରି ପ୍ରକଳ୍ପ ରୂପାୟଣ କରାଯାଇଥିଲା ? ବିଭାଗ ଓ ଠିକାଦାରଙ୍କ ଅସାବଧାନତାରେ ସାଧାରଣ ଲୋକଙ୍କ ଧନ ନଷ୍ଟ ହେଉଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

## କାନ୍ଥ ପଡ଼ି ଶିଶୁ ମୃତ

**ବାଲେଶ୍ୱର, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା କେନ୍ଦୁଖୁଣ୍ଟା ଗାଁରେ ଅଭାବନୀୟ ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ରାଇବଣିଆ ଆଖପାଖ ଜଙ୍ଗଲରେ ୩୦ଟିକିଆ ହାତୀପଲ ଦୀର୍ଘ ଦିନ ଧରି ରହିଛନ୍ତି । ଦିନ ସମୟରେ ଜଙ୍ଗଲରେ ରହୁଥିବାବେଳେ ରାତିରେ ଗାଁରେ ପଶି ଉପଦ୍ରବ କରୁଛନ୍ତି । ଗତକାଲି ରାତିରେ କେନ୍ଦୁଖୁଣ୍ଟା ଗାଁର ଉଦ୍ଧବ ମାରାଣ୍ଡିଙ୍କ ଘର ଭାଙ୍ଗି ଦେଇଛନ୍ତି ହାତୀପଲ । ଫଳରେ କାନ୍ଥ ତଳେ ଚାପି ହୋଇ ଉଦ୍ଧବଙ୍କ ୨ ବର୍ଷର ପୁଅ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ତୁରନ୍ତ ହାତୀଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ହାତୀମାନଙ୍କୁ ଘଉଡାଇଛି ।

# ଆଳୁ କ୍ଷେତରେ ଅଦିନିଆ କେନାଲ ପାଣି, ଚାଷୀ ଚିନ୍ତାରେ

**ଢେଙ୍କାନାଳ, ୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରତିବର୍ଷ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଛି । ବାହାର ରାଜ୍ୟରୁ ଆଳୁ ଆସିବା ବନ୍ଦ ହେଲେ ଦର ବୃଦ୍ଧି ସହ ଅନେକ ସମୟରେ ଆଳୁ ମିଳିନଥାଏ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକେ ଆଳୁ ଚାଷ କରୁଥିବା ବେଳେ ସେମାନଙ୍କୁ ଆବଶ୍ୟକ ପ୍ରୋସାହନ ଓ ଅନ୍ୟାନ୍ୟ ସହଯୋଗ ମିଳୁନଥିବାରୁ ଆଶାନୁରୂପ ଚାଷୀ ଆଳୁ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି । ଭୁବନ ବ୍ଲକ୍ ଅଞ୍ଚଳରେ ବ୍ୟାପକ ଆଳୁ ଚାଷ ହେଉଥିବା ବେଳେ ଚଳିତ ବର୍ଷ ଅମଳ କମିଛି। ଖର୍ଚ୍ଚ ଅନୁଯାୟୀ ଅମଳ ହୋଇନଥିବା ବେଳେ ଚାଷୀମାନେ ଚିନ୍ତାରେ ଅଛନ୍ତି । ଗତ ବର୍ଷ ଆଳୁ ସଙ୍କଟ ଦେଖାଦେଇଥିବା ବେଳେ ଚଢ଼ା ଦରରେ ବିକ୍ରୀ ହୋଇଥିଲା। ଯାହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅନେକ ଚାଷୀ ଆଳୁ ଚାଷ କରିଥିଲେ । ମାତ୍ର ଚାଷରେ ଯେଉଁ ଅନୁଯାୟୀ ଖର୍ଚ୍ଚ କରିଥିଲେ ସେହି ପରିମାଣର ଅମଳ ହୋଇନି। ଚାଷୀ ଏବେ ଆଳୁ ଖୋଳୁଥିବା ବେଳେ ତାହାକୁ ସାଇତି ରଖିବାକୁ ଭୁବନରେ ଶୀତଳଭଣ୍ଡାର ନାହିଁ ଓ କମ୍ ଅମଳ ସହ ସାଇତିବାକୁ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଅନ୍ୟପଟେ ବିଲମୁଣ୍ଡରେ ବେପାରୀମାନେ କିଲୋଗ୍ରାମ୍ ପ୍ରତି ୮ରୁ ୧୦ଟଙ୍କା ଲେଖାଏଁ ଦେଇ କିଣି ନେଉଛନ୍ତି । ବିକଳ୍ପ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଅଦରଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ଚାଷୀଙ୍କୁ କେବଳ ବିହନରେ ସବସିଡି ମିଳୁଛି। ପ୍ରୋସାହନ ରାଶି ସାର, କୀଟନାଶକ କିମ୍ବା ଆବଶ୍ୟକ ପରାମର୍ଶ ଯୋଗାଇ ଦିଆଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ବିଭାଗ ପକ୍ଷରୁ କେଜି ପ୍ରତି ୨୦ଟଙ୍କା ହାରରେ ଆଳୁ ବିହନ ଯୋଗାଣ ହୋଇଥିଲା। ଜଣେ ଚାଷୀ ଅତି କାମରେ. ୨ ହେକ୍ଟର ପାଇଁ ଆଳୁ କିଣି ସର୍ବନିମ୍ନ ୩୦୦୦ ଟଙ୍କା ଓ ସର୍ବାଧିକ୦.୫ ହେକ୍ଟର ଚାଷ କରି ୭୫୦୦ ଟଙ୍କାର ବିହନ ସବସିଡି ପାଇଛନ୍ତି । ଭୁବନକୁ ପ୍ରାୟ ୫୦୦ କୁଇଂଟାଲ ବିହନ ଆସିଥିବା ବେଳେ ପ୍ରାୟ ୩୨ ହେକ୍ଟର ଜମିରେ ଚାଷ ହୋଇଛି। କିଛି ଚାଷୀ ବିହନ ନପାଇବାରୁ ଖୋଲା ବଜାରରୁ କେଜି ପ୍ରତି ୩୦ରୁ ୪୦ଟଙ୍କା ଲେଖାଏଁ ଦେଇ ବିହନ କିଣିଥିଲେ। ବହୁ କଷ୍ଟର ଚାଷୀମାନେ ଚାଷ କରୁଥିବା ବେଳେ ଅମଳ କମୁଥିବାରୁ ଖର୍ଚ୍ଚ ଟଙ୍କା ମଧ୍ୟ ଉଠୁନି। ପୁଣି ଅଦରଦରରେ ବିକ୍ରି କରିବାକୁ ପଡୁଛି । ଯାହାକୁ ନେଇ ଅନେକ ଚାଷୀ ଆଳୁ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି । ଚାଷୀଙ୍କୁ ପ୍ରୋତ୍ସାହନ ସହ ଅନୁସଙ୍ଗିକ ସୁବିଧା ଓ ପରାମର୍ଶ ଯୋଗାଇ ଦେବା ସହ ଶୀଳତଭଣ୍ଡାର ପ୍ରତିଷ୍ଠା ହୋଇପାରିଲେ ଆଳୁଚାଷୀଙ୍କ ସହ ଅନ୍ୟାନ୍ୟ ଚାଷୀମାନେ ମଧ୍ୟ ବିଶେଷ ଉପକୃତ ହୋଇପାରିବେ। ଶୀତଳ ଭଣ୍ଡାର ପ୍ରତିଷ୍ଠା ତ ଦୂରର କଥା ଏଠାରେ ଥିବା ଶୀତଳଭଣ୍ଡାରକୁ ବିକ୍ରୀ କରିଦିଆଗଲା। ସବୁଠୁ ବଡ଼ ଦୁଃଖ ଦେଲା ରେଙ୍ଗାଳି ଜଳ ସେଚନ ବିଭାଗ । ଅମଳ ସମୟରେ ଖରା ଦିନିଆ ପାଣି ଛାଡିବାରୁ ଭଙ୍ଗା କେନାଲରୁ ପାଣି ଯାଇ ଅମଳ ହେବାକୁ ଥିବା ଆଳୁ ବିଲରେ ପାଣି ପଶି ନଷ୍ଟ ହୋଇଗଲା ବୋଲି କୁହନ୍ତି ଭୂଷଳରେ ପ୍ରାୟ ୩ ଏକର ଜମିରେ ଚାଷ କରି ହତାଶର ଶିକାର ହୋଇଥିବା ପ୍ରତାପ କୁମାର ନାୟକ। ଜଳ ସମ୍ପଦ ବିଭାଗ ଏଥିପ୍ରତି ସଜାଗ ନ ହେଲେ ଆଗାମୀ ଦିନରେ ପ୍ରତାପଙ୍କ ଭଳି ଆହୁରି ଚାଷୀଙ୍କ ମେରୁଦଣ୍ଡ ଯେ ଭାଙ୍ଗି ନଯିବ କିଏ କହିବ ।

## ପାରିବାରିକ କଳହରୁ ହତ୍ୟା

**ବ୍ରହ୍ମଗିରି, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଆରଖକୁଦ ମେରାନି ଥାନା ଅନ୍ତର୍ଗତ ପାଣ୍ଡାପୋଖରୀ ଗ୍ରାମରେ ଲୋମଟାଙ୍କୁରା ହତ୍ୟାକାଣ୍ଡ ହୋଇଛି । ସାନ ଭାଇର ଠେଙ୍ଗା ମାଡ଼ରେ ବଡ଼ ଭାଇର ଶାଶୁଙ୍କ ମୃତ୍ୟୁ ହୋଇଛ । ଅନ୍ୟପଟେ ଭାଉଜ ମଧ୍ୟ ଗୁରୁତର ହୋଇଛନ୍ତି ।

ମୃତ ମହିଳାଙ୍କ ନାମ ଲକ୍ଷ୍ମୀ ଜେନା ହୋଇଥିବା ବେଳେ ଗୁରୁତର ଆହତ ମହିଳାଙ୍କ ନାମ ନମିତା ନାୟକ ବୋଲି ଜଣାପଡିଛି । ନମିତାଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ସ୍ଥାନାନ୍ତର କରାଯାଇଛି । ସୋମବାର ରାତିରେ ଏକ ପାରିବାରିକ ଗଣ୍ଡୋଗାଳରୁ ଦୁଇ ଭାଇଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହି ସଂଘର୍ଷରେ ସାନଭାଇର କାଠ ଫାଳିଆ ମାଡ଼ରେ ବଡ ଭାଇଙ୍କ ଶାଶୁ ଲକ୍ଷ୍ମୀ ଜେନା ମୃତ୍ୟୁବରଣ କରିଥିବା ସମୟରେ ଭାଉଜ ନମିତା ନାୟକ ଗୁରୁତର ହୋଇଛନ୍ତି ।

## ଟାଙ୍କିରେ ମିଳୁନାହିଁ, ଖୋଲା ବଜାରରେ ମହଜୁଦ ପେଟ୍ରୋଲ

**ହିନ୍ଦୋଳ, ୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**

ଇରାନ-ଇସ୍ରାଏଲ ଘମାଘୋଟ ଯୁଦ୍ଧକୁ ନେଇ ଆମ ଦେଶରେ ପେଟ୍ରୋଲିୟମ ଜାତ ସାମଗ୍ରୀଗୁଡ଼ିକର ବଜାରରେ ବିକ୍ରୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଙ୍କଟ ଜନମାନସକୁ ଯେତିକି ପ୍ରଭାବ ପକାଉଛି ତାହାର ଫଳ ସ୍ୱରୂପ ଯାନବାହାନ ଚଳାଚଳ କ୍ଷେତ୍ରରେ ପେଟ୍ରୋଲ ଅଭାବି ବିକ୍ରି, ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣରେ ମଧ୍ୟ କଟକଣା ଲଗା ଯାଇଛି । ଏଣେ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ମିଳୁ ନଥିବା ବେଳେ ଖୋଲା ବଜାରରେ ଖୁଚୁରା ଦୋକାନୀ ମାନଙ୍କ ଠାରେ ପେଟ୍ରୋଲ ମହଜୁଦ ଥିବା ଦେଖାଯାଉଛି । ଯାହାକୁ ସେମାନେ ଲିଟର ପିଛା ୨୦ ରୁ ୩୦ ଟଙ୍କା ଅଧିକ ଦରରେ ବିକ୍ରୟ କରୁଛନ୍ତି । ଏହାର ନଜିର ରହିଛି ହିନ୍ଦୋଳ ମଇଧରପୁର ରାସ୍ତାର ୩ ନଂ ୱାର୍ଡ ସୀମାନ୍ତ ବର୍ତ୍ତି ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ପେଟ୍ରୋଲ ପମ୍ପରେ ଗତ କାଲି ସକାଳୁ ଆଜି ସଂଧ୍ୟା ପର୍ଯ୍ୟନ୍ତ ପେଟ୍ରୋଲ ଉକ୍ତ ପମ୍ପରେ ପେଟ୍ରୋଲ ନଥିବାରୁ କର୍ମଚାରୀମାନେ ଗ୍ରାହକମାନଙ୍କୁ ହାତ ହଲାଇ ଫେରାଇ ଦେଉଥିବା ଦେଖା ଯାଇଛି । ଟାଙ୍କିରେ ଡିଜେଲ ମହଜୁଦ ରହି ଥିବାବେଳେ ପେଟ୍ରୋଲ ଅଭାବ ଗ୍ରାହକଙ୍କୁ ହଇରାଣ ହରକତରେ ପକାଉଛି । ବାଧ୍ୟ ହୋଇ ସେମାନେ ଖୋଲା ବଜାରରୁ ଲିଟର ପିଛା ୨୦ ରୁ ୩୦ ଟଙ୍କା ଅଧିକ ଦରରେ କିଣୁଛନ୍ତି । ଏଭଳି ସଙ୍କଟ ଓ ତାର ସମାଧାନ ପାଇଁ ହିନ୍ଦୋଳ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ସହକାରୀ ଯୋଗାଣ ବିଭାଗ ଅଧିକାରୀଙ୍କୁ  ପଚାରିବାରେ ସେ ଏନେଇ ସନ୍ତୋଷ ଜନକ ଉତ୍ତର ନଦେଇ ଆସନ୍ତା କାଲି ସଂନ୍ଧ୍ୟା ସୁଦ୍ଧା ଉକ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଯୋଗାଣ ସ୍ୱାଭାବିକ ହୋଇ ପାରିବ ବୋଲି ଆଶ୍ୱସ୍ତି ଦେଇ ପ୍ରଦାନ କରିଥିଲେ । ତେବେ ପ୍ରଶ୍ନ ଉଠୁଛି ଗ୍ରାହକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଉକ୍ତ ପେଟ୍ରୋଲ ପମ୍ପରୁ ଖୁଚୁରା ବେପାରୀମାନେ ପର୍ଯ୍ୟାପ୍ତ ପରିମାଣର ତେଲ କିଣି ଆଣୁ ଥିବା ବେଳେ ଗ୍ରାହକମାନଙ୍କ ପାଇଁ କାହିଁକି ପେଟ୍ରୋଲ ରହି ପାରୁ ନାହିଁ ?  ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ଏ ଦିଗରେ ତତ୍ପର ହେବାକୁ ସାଧାରଣରେ ଦାବି ହେଉଛି ।

## କାହା ଇଙ୍ଗିତରେ ଚାଲିଛି ବୈଶିଙ୍ଗା ଥାନା

**ବୈଶିଙ୍ଗା, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

କାହା ଇଙ୍ଗିତରେ ଚାଲିଛି ବୈଶିଙ୍ଗା ଥାନା ବୋଲି ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ । ବୈଶିଙ୍ଗା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସେମାନେ ଏକ ମାସରୁ ଉର୍ଦ୍ଧ୍ୱ ହେବ ଡିଆଇଜି ବାଲେଶ୍ୱର, ଏସପି ଓ ଅତିରିକ୍ତ ଏସପି ମୟୁରଭଞ୍ଜ, ଏସଡିପିଓ ବେତନଟୀ ପ୍ରମୁଖଙ୍କୁ ସାକ୍ଷାତ କରିବାସହ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ସ୍ମାରକ ପତ୍ର ସମ୍ପର୍କରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ବେତନଟୀ ଓ ଅତିରିକ୍ତ ଏସପି ମହାଶୟ ଘଟଣାସ୍ଥଳ ପରିଦର୍ଶନ କରିବାସହ ଅଭିଯୋଗକାରୀଙ୍କ ଠାରୁ ସେମାନଙ୍କ ଅଭିଯୋଗ ଶୁଣିବାସହ ବୟାନ ରେକର୍ଡ କରିଥିଲେ । ବୈଶିଙ୍ଗା ଥାନାର ୩ ଜଣ କର୍ମଚାରୀଙ୍କ ବିପକ୍ଷରେ ଅଭିଯୋଗ କରିଥିଲେ । ସେମାନଙ୍କ ମଧ୍ୟରୁ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କ ଶରତ ଥାନାକୁ ବଦଳି, ଚିଠି ନଂ ୩୮୧ ତାରିଖ ୨୬. ୨. ୨୦୨୬ ରେ ହୋଇଥିଲା । ମାତ୍ର ବଦଳି ନିର୍ଦ୍ଦେଶ ପାଇ ମଧ୍ୟ ସେ ଯାଇନଥିବାରୁ ଏ ସମ୍ପର୍କରେ ଅଭିଯୋଗକାରି ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ପରେ ଗତ ୭ ତାରିଖରେ ଚିଠି ନଂ ୪୨୨ରେ ଏଏସଆଇ ଶ୍ରୀ ରାଉଳଙ୍କୁ ଯଥାଶିଘ୍ର ରିଲିଫ କରିବାକୁ ନିର୍ଦ୍ଦେଶ ଆସିଥିଲା, ମାତ୍ର ସେ ଷ୍ଟେସନ ଛାଡ଼ିନଥିବାରୁ ଓ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ଆଡକୁ ଗତି କରୁଥିବାରୁ ବୈଶିଙ୍ଗା ଅଞ୍ଚଳବାସୀ ସ୍ତବ୍ଧ ହେବାସହ କାହା ଇଙ୍ଗିତରେ ଚାଲିଛି ବୈଶିଙ୍ଗା ଥାନା ବୋଲି ପ୍ରଶ୍ନ କରିବାସହ ସୋମବାର ମୟୁରଭଞ୍ଜ ଏସପିଙ୍କୁ ସାକ୍ଷାତ କରି ଚରମ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ସୋମବାର ଏସପି ନଥିବାରୁ ସେମାନେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଶ୍ରୀ ଗୋଛାୟତ ସମସ୍ତ ବିଷୟ ଅବଗତ ହେବା ସହ ଏ ସମ୍ପର୍କରେ ଏସପିଙ୍କୁ ଅବଗତ କରାଇବେ ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ସ୍ମାରକ ପତ୍ର ପ୍ରଦାନ କରିବା ନିମନ୍ତେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, କଂଗ୍ରେସ ଜିଲା ଉପସଭାପତି ମାଧବୀ ସେନାପତି, ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ, ସ୍ୱରୂପ ପଟ୍ଟନାୟକ ପ୍ରମୁଖ ଯାଇଥିବା ଜଣାଯାଇଛି । ଏହି ଘଟଣାର ନ୍ୟାୟପୂର୍ଣ୍ଣ ସମାଧାନ ନହେଲେ ଆଗାମୀଦିନରେ ବୈଶିଙ୍ଗା ଥାନାରେ ଶତାଧିକ ଅସନ୍ତୋଷ ବ୍ୟକ୍ତି ଧାରଣା ଦେବେବୋଲି ଚେତାବନୀ ଦେଇଥିବା ଜଣାଯାଇଛି । ଅଭିଯୋଗର ସମାଧାନ ନହେଲେ ମୁଖ୍ୟମନ୍ତ୍ରୀ, ଘରୋଇ ବିଭାଗ ସେକ୍ରେଟାରୀ, ଡିଜି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ କରିବେ ବୋଲି ପ୍ରାକ୍ତନ ବିଧାୟକ ଶ୍ରୀ ପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ସୋମବାର ଏସପିଙ୍କ ନିକଟରେ ଅଭିଯୋଗ କରିଥିବା ଏହି ସ୍ମାରକପତ୍ରର ନକଲ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଡିଜି, ଡିଆଇଜି ବାଲେଶ୍ୱର, ମାନବାଧିକାର କମିଶନ, ଏସଡିପିଓ ଓ ଥାନାଧିକାରୀ ବୈଶିଙ୍ଗାଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଥିବା ଜଣାଯାଇଛି ।

## ଶଳାକୁ ପିଟିପିଟି ମାରିଲା ଭିଣୋଇ

**ବରଗଡ଼, ୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ରହୁଥିବା ସୁଦୀପ ବାଗ(୨୮)ଙ୍କୁ ତା'ର ଭିଣୋଇ ଶାଳନା ଗ୍ରାମର ଶୁକଦେବ ମହାନନ୍ଦ(୫୦) ଆଜି ସକାଳ ୧୦ଟାରେ କାଠ ଫାଳିଆରେ ପିଟିପିଟି ମାରିଦେଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଶୁକଦେବ ୫ ବର୍ଷ ହେବ ନିଜ ପରିବାର ସହ ଶଶୁର ଘରେ ରହି ଆସୁଥିଲେ । ଆଜି ଘରେ ଶଳା ଭିଣୋଇଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ବଚସାହୋଇଥିଲା । ପରେ ଭିଣୋଇ ଏକ କାଠ ଫାଳିଆରେ ଶଳାକୁ ପିଟି ପିଟି ମାରିଦେଇ ଘର ସମ୍ମୁଖରେ ପକାଇ ଫେରାର ମାରିଥିଲା । ଘରେ ଥିବା ଅଭିଯୁକ୍ତର ନାବାଳିକା ଝିଅ ଏହା ଦେଖି  ସ୍ଥାନୀୟ ଲୋକଙ୍କୁ ଖବର ଦେଲା ପରେ ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳକୁ ଆସି ସାଇଣ୍ଟିଫିକ୍ ଟିମ ସହ ତଦନ୍ତ ଜାରି ରଖିଛି ।

ସୂଚନା ଅନୁସାରେ, ସୁଦୀପଙ୍କ ଦୁଇଟି ସ୍ତ୍ରୀ ପ୍ରଥମ ସ୍ତ୍ରୀଙ୍କ ଛାଡ଼ପତ୍ର ପରେ ସେ ନିଜ  ବୁଢ଼ୀ ମାଙ୍କ ସହିତ ଏକା ଥିବାରୁ ଆଜକୁ ୫ ବର୍ଷ ହେବ ଶାଳନା ଗ୍ରାମରେ ରହୁଥିବା ତାର ନାନୀ ଓ ଭିଣୋଇ ନିଜ ଛୁଆପିଲାଙ୍କ ସହିତ ରହି  ଆସୁଥିଲେ! ୨ ବର୍ଷ ଆଗରୁ ସୁଦୀପ ପୁଣି ବିବାହ କରିଥିଲେ । ହେଲେ ଏଇ ସପ୍ତାହେ ହେଲା ସେହି ସ୍ତ୍ରୀ ମଧ୍ୟ ନିଜ ବାପ ଘରକୁ ପଳାଇଥିଲା । ସେ ନିଜ ମା', ନାନୀ ଓ ଭିଣେଇ ସହିତ ରହୁଥିଲା!

## ପୁଣି ମାତିଲେଣି ମାଟି ମାଫିଆ

**ନିଆଳି, ୧୭।୩ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାହ୍ମଣବାଟି ପଞ୍ଚାୟତରେ ବାଲି ମାଟି ଚୋରି କରି କୋଟି କୋଟି ଟଙ୍କା ରାଜସ୍ୱ ଲୁଟିଥିବା ମାଫିଆଙ୍କ କିଛି ଦିନ ନୀରବତା ପରେ ପୁଣି ଆରମ୍ଭ କରିଛନ୍ତି ବାଲି ମାଟି ଚୋରି । ଗତ କିଛିଦିନ ହେବ ଗୋବିନ୍ଦପୁର ପୋଲିସ, ଖଣିବିଭାଗ ଅଧିକାରୀ ଓ ଅନ୍ୟ ଥାନାର ଅଧିକାରୀମାନେ ମାଫିଆଙ୍କ ଉପରେ ନଜର ରଖିଥିଲେ । ତା' ନାମରେ ଗୋବିନ୍ଦପୁର ଥାନାରେ ମାମଲା ଥିବାବେଳେ ବାଲି ଚୋରା ଚାଲାଣ କରୁଥିବା ସମୟରେ ୨୨୦ ଜେସିବି ମେସିନକୁ ଗୋବିନ୍ଦପୁର ପୋଲିସ ଜବତ କରିଥିଲା । କିଛି ଦିନର ନିରବତ୍ତା ପରେ ଏଥର କିନ୍ତୁ ଭିନ୍ନ ରୂପରେ ଚୋରି କରିବା ଆରମ୍ଭ କରିଛି । ପୋଲିସ ଓ ମାଇନ୍ସ ବିଭାଗ ଠାରୁ



ବଞ୍ଚିବା ପାଇଁ ଶାସକ ଦଳର ଆଗ ଧାଡ଼ିର ନେତା ବୋଲାଉଥିବା ଏହି ବାଲି ଓ ମାଟି ଚୋରିରେ ସମ୍ପୃକ୍ତ ଥିବାରୁ ଏମାନଙ୍କ ସହିତ ହାତ ମିଳାଇ ବ୍ରାହ୍ମଣବାଟି ପଞ୍ଚାୟତ ସାନ ମୁଳେଇ ଗହୀରରୁ ଏକର ଏକର ଚାଷଜମିରୁ ମାଟି ଖୋଳି ବିକ୍ରି କରି ସାରିଲାଣି । ରାତି ୧୧ଟା ହେଲେ ୨୦ରୁ ଉର୍ଦ୍ଧ୍ୱ ହାଇବା ବ୍ରାହ୍ମଣବାଟି ପଞ୍ଚାୟତରୁ ମାଟି ନେଇ ଜିଲ୍ଲା ବାହାରୁ ବିକୁଛନ୍ତି । ମାଫିଆକୁ ଗୋବିନ୍ଦପୁର ଥାନାର ୨ ଜଣ କର୍ମଚାରୀ ଆଗୁଆ ସୂଚନା ଦେଉଛନ୍ତି । ଯାହାର ପୁରା ଫାଇଦା ମାଫିଆ ନେଉଛ । ଏମିତିକି ମାଟି ଜିଲ୍ଲା ବାହାରକୁ ଯାଉଥିବାରୁ ଅନ୍ୟ ଥାନା ଓ  ତହସିଲ ସହିତ ତା'ର ଯୋଗାଯୋଗ ରହି ମାଟି ଚୋରା ଚାଲାଣ କରୁଛି । ମାଫିଆକୁ ତୁରନ୍ତ ଗିରଫ କରିବାକୁ ଦାବି ହେଉଛି । ଏମିତିକି ମାଟି ଓ ବାଲି ଚୋରା ଚାଲାଣ କରି କୋଟି କୋଟି ଟଙ୍କା ଉପାର୍ଜନ କରିଛି । ଏହା ଉପରେ ଇଡି ଓ ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବଦଳିବ ସୀତାକୁଣ୍ଡ ରୂପରେଖ : ବିକାଶ ପାଇଁ ମଞ୍ଜୁର ହେଲା ୨.୫ କୋଟିରୁ ଅଧିକ ଟଙ୍କା

**ବାରିପଦା, ୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଜାତୀୟ ଉଦ୍ୟାନରେ ଅବସ୍ଥିତ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମୟୂରଭଞ୍ଜ ଜିଲ୍ଲାର ସୀତାକୁଣ୍ଡ ଚିତ୍ର ବଦଳିବାକୁ ଯାଉଛି । ରାଜ୍ୟ ସରକାର ଏହି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀର ଉନ୍ନୟନ ପାଇଁ ୨.୫ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ଏବଂ ଆଗକୁ ଏହି ପ୍ରକଳ୍ପ ପାଇଁ ବଡ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ଏହାକୁ ଅନ୍ତର୍ଜାତୀୟ ଧରଣର ପର୍ଯ୍ୟଟନସ୍ଥଳରେ ପରିଣତ ପାଇଁ ଯୋଜନା ପ୍ରସ୍ତୁତ ହେଉଛି । ଏହି ଖବର ମୟୂରଭଞ୍ଜବାସୀଙ୍କ ସମେତ ସମସ୍ତ ପର୍ଯ୍ୟଟନପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି ।

ସୁଉଚ୍ଚ ପାହାଡର ବୁକୁଚିରି କଳକଳ ନାଦ କରି ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପ ଅଞ୍ଚଳରେ ବୋହି ଯାଉଥିବା ଏହି ସୁନ୍ଦର ଝରଣା ଏବେ ଅନ୍ତର୍ଜାତୀୟ ସ୍ତରୀୟ ପର୍ଯ୍ୟଟନ ସ୍ଥଳ ହେବାକୁ ଅଗ୍ରସର ହେଉଛି । ଏଥିରେ ଅନେକ ଆଧୁନିକ ସୁବିଧା ଯୋଡି ହେବାକୁ ଯାଉଛି । ପର୍ଯ୍ୟଟକଙ୍କ ପାଇଁ ନିରାପଦ ଚାଲିବା ପଥ, ଭ୍ୟୁ-ପଏଣ୍ଟ, ବସିବା ପାଇଁ ବେଞ୍ଚ, ବିଶ୍ରାମ ଶେଡ୍, ପିଇବା ପାଣି ଓ ଶୌଚାଳୟର ବ୍ୟବସ୍ଥା କରାଯାଉଛି । ପଥର ପେଭିଂ, ରେଲିଂ, ସାଇନ୍ ବୋର୍ଡ ଏବଂ ପରିସରର ସୌନ୍ଦର୍ଯ୍ୟକରଣ ମଧ୍ୟ ଏହି ପ୍ରକଳ୍ପର ଅଂଶ ବିଶେଷ ରହିଛି । ଏହି ଯୋଜନାରେ କେବଳ ଭିତ୍ତିଭୂମିର ଉନ୍ନତି ନୁହେଁ, ପାହାଡ ଉପରେ ଥିବା ସାତୋଟି କୁଣ୍ଡକୁ ସଂଯୋଗ କରୁଥିବା ରାସ୍ତା, ପାର୍କିଂସ୍ଥଳ, ଏକ ସୁନ୍ଦର ପାର୍କ ଓ ଖାଦ୍ୟପେୟ ପାଇଁ କେଫେ ନିର୍ମାଣର ଯୋଜନା ମଧ୍ୟ ରହିଛି । ଆହୁରି ମଧ୍ୟ, ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଆରାମଦାୟକ ବିଶ୍ରାମାଗାର ତିଆରି କରାଯିବ । ସବୁଠୁ ବଡ଼ କଥା ହେଉଛି, ଭବିଷ୍ୟତରେ ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ପାଇଁ ଆଗକୁ ଲିଫ୍ଟ ବ୍ୟବସ୍ଥା କରିବାକୁ ମଧ୍ୟ ଯୋଜନା ରହିଛି । ଏହି ପ୍ରକଳ୍ପର ବିକାଶ ହେଲେ ଅଞ୍ଚଳରେ ବର୍ଷ ତମାମ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକଙ୍କ ପାଇଁ ନୂତନ ଜୀବିକା ଓ ବ୍ୟବସାୟର ସୁଯୋଗ ସୃଷ୍ଟି ହେବ । ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ଥାନୀୟ ବାସିନ୍ଦା ।






ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରଚେଷ୍ଟାରେ ଏହି ପ୍ରକଳ୍ପ ଆଗକୁ ଟୁରିଜିୟମ ସେକ୍ଟରେ ବଡ ସ୍ଥାନ ନେବାକୁ ଯାଉଛି । ଏଥିପାଇଁ ମନ୍ତ୍ରୀ ସରଜମିନ ତଦନ୍ତ ମଧ୍ୟ କରିଛନ୍ତି । ସରକାରୀ ଯୋଜନା ଅନୁଯାୟୀ, ସୀତାକୁଣ୍ଡର ପାରିପାର୍ଶ୍ୱିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏକାଧିକ ପ୍ରକଳ୍ପ ଉପରେ କାର୍ଯ୍ୟ କରାଯିବା ନେଇ ତଥ୍ୟ ରଖିଛନ୍ତି ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା । ସୀତାକୁଣ୍ଡର ସାତୋଟି କୁଣ୍ଡକୁ ସଂଯୋଗ କରୁଥିବା ପଥର ପ୍ୟାକିଂ ରାସ୍ତା, ପାହାଚ ଓ ସୁରକ୍ଷା ରେଲିଂ ନିର୍ମାଣ କରିବା ସହ ସ୍ଥାନୀୟ ଲୋକଙ୍କୁ କିପରି ଅଧିକ ରୋଜଗାର ଦେଇହେବ ସେନେଇ ଯୋଜନା ପ୍ରସ୍ତୁତ କରାଯାଉଛି । ଏଥିପାଇଁ ଜଣେ ଆର୍କିଟେକ୍ଟଙ୍କ ସହାୟତା ମଧ୍ୟ ନିଆଯାଉଛି । ଖୁବଶୀଘ୍ର ଏଠାରେ ବଡଧରଣର ବ୍ୟୟବରାଦ କରାଯାଇ ଅନ୍ତର୍ଜାତୀୟ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଗୌଡା ।

ଆଗାମୀ ଦିନରେ ଏହି ଅଞ୍ଚଳର ଇକୋ-ଟୁରିଜମ୍ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

■ ଗ୍ୟାସ୍ ସଂକଟ ଦେଶର ନିଅଣ୍ଟିଆ ବର୍ଗ ଉପରେ ଅଧିକ ପ୍ରଭାବ ପକାଇଛି । ଯେଉଁମାନେ କାମଧନ୍ଦା ପାଇଁ ନିଜ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ ସେମାନେ ପୁଣି ଭୋକର ତାଡ଼ନାରେ ଗାଁକୁ ଫେରୁଛନ୍ତି । ଗ୍ୟାସ୍ ନ ମିଳିବାରୁ ସେମାନେ କାମ କରୁଥିବା କାରଖାନାଗୁଡ଼ିକ ଧୀରେଧୀରେ ବନ୍ଦ ହେବାରେ ଲାଗିଛି । କେବେ କାରଖାନା ଖୋଲିବ ତା'ର କୌଣସି ସ୍ପଷ୍ଟ ସୂଚନା ନାହିଁ । ତେଣୁ ଅଳ୍ପ ରୋଜଗାର କରୁଥିବା ଶ୍ରମିକମାନେ ପୁଣି ନିଜ ଭିଟାମାଟିକୁ ଫେରିବା ଆରମ୍ଭ କରିଛନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୮ ମାର୍ଚ୍ଚ, ୨୦୨୬ | ବୁଧବାର

# ଓଡ଼ିଶା ଏକ୍ସପ୍ରେସ୍

## ଭୋକ ପାଇଁ ଗାଁ ଛାଡ଼ିଥିବା ମଣିଷ ଭୋକ ପାଇଁ ଫେରୁଛନ୍ତି ଗାଁକୁ

**ମ**ଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି)ର ଅଭାବ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି । ସରକାର କହୁଛନ୍ତି– ଘରୋଇ ଉପଭୋକ୍ତାଙ୍କ ପାଇଁ ଗ୍ୟାସ୍‌ର ଅଭାବ ନାହିଁ । ବୁକିଂର ଅଢ଼େଇଦିନ ଭିତରେ ଗ୍ୟାସ୍ ପହଞ୍ଚିବ ଉପଭୋକ୍ତାଙ୍କ ଘରେ, କିନ୍ତୁ ପ୍ରକୃତ ଚିତ୍ର ଯେ ଏହାଠାରୁ ଭିନ୍ନ ଏକଥା ପ୍ରତିଦିନ ଖବରକାଗଜମାନଙ୍କରେ ଗ୍ୟାସ୍ ପାଇଁ ଲୋକଙ୍କ ଦହଗଞ୍ଜ ହେବାର ଖବର ଏବଂ ଲମ୍ବା ଧାଡ଼ିରେ ଲୋକେ ଗ୍ୟାସ୍ ସିଲିଣ୍ଡର ଧରି ଅପେକ୍ଷା କରିଥିବାର ଫଟୋକୁ ଦେଖିଲେ ବେଶ୍ ଅନୁମାନ କରିହେଉଛି ।

କେବଳ ଯେ ଆମ ରାଜ୍ୟର ଅବସ୍ଥା ଏଭଳି ତା' ନୁହେଁ ଭାରତର ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଗ୍ୟାସ୍ ସଂକଟର ପ୍ରଭାବ ଦେଖିବାକୁ ମିଳିଛି ।

ଗ୍ୟାସ୍ ସଂକଟ ଦେଶର ନିଅଣ୍ଟିଆ ବର୍ଗ ଉପରେ ଅଧିକ ପ୍ରଭାବ ପକାଇଛି । ଯେଉଁମାନେ କାମଧନ୍ଦା ପାଇଁ ନିଜ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ ସେମାନେ ପୁଣି ଭୋକର ତାଡ଼ନାରେ ଗାଁକୁ ଫେରୁଛନ୍ତି । ଗ୍ୟାସ୍ ନ ମିଳିବାରୁ ସେମାନେ କାମ କରୁଥିବା କାରଖାନାଗୁଡ଼ିକ ଧୀରେଧୀରେ ବନ୍ଦ ହେବାରେ ଲାଗିଛି । କେବେ କାରଖାନା ଖୋଲିବ ତା'ର କୌଣସି ସ୍ପଷ୍ଟ ସୂଚନା ନାହିଁ । ତେଣୁ ଅଳ୍ପ ରୋଜଗାର କରୁଥିବା ଶ୍ରମିକମାନେ ପୁଣି ନିଜ ଭିଟାମାଟିକୁ ଫେରିବା ଆରମ୍ଭ କରିଛନ୍ତି । ଏହା ୨୦୨୦ କୋଭିଡ୍ ମହାମାରୀ ସମୟର ସ୍ମୃତି ଭଳି ଲାଗୁଛି । ଯଦିଓ କୋଭିଡ ସମୟ ଭଳି ଯାତାୟାତରେ କଟକଣା ନାହିଁ କିନ୍ତୁ କାମଧନ୍ଦା ନଥିବାରୁ ଶ୍ରମିକଙ୍କ ପାଖରେ ଘରକୁ ଫେରିବା ଛଡ଼ା ଅନ୍ୟ କୌଣସି ବାଟ ନାହିଁ । ଯେଉଁ ଶ୍ରମିକମାନେ ପ୍ରବାସରେ ନିଜ ନିଜ ରହିବା ସ୍ଥାନରେ ଛୋଟ ଛୋଟ ଗ୍ୟାସ୍ ସିଲିଣ୍ଡରରେ ରୋଷେଇ କରୁଥିଲେ, ଗ୍ୟାସ୍ ନମିଳିବାରୁ ସେମାନେ ରୋଷେଇ କରିପାରୁନାହାନ୍ତି । ବିଭିନ୍ନ ଶିଳ୍ପାଞ୍ଚଳଗୁଡ଼ିକରେ ଥିବା କ୍ୟାଣ୍ଟିନଗୁଡ଼ିକ ମଧ୍ୟ ଗ୍ୟାସ୍ ଅଭାବରୁ ବନ୍ଦ ହୋଇଗଲାଣି । ବଡ଼ ହୋଟେଲରେ ଖାଇବା ଭଳି ସାମର୍ଥ୍ୟ ଶ୍ରମିକଙ୍କ ପାଖରେ ନାହିଁ । ଯେଉଁସବୁ ହୋଟେଲରେ ଖାଦ୍ୟ ମିଳୁଛି ସେମାନେ ମଧ୍ୟ ଗ୍ୟାସ୍ ଅଭାବ ପାଇଁ ଖାଦ୍ୟର ଦର ବଢ଼େଇ ସାରିଲେଣି । ତେଣୁ ଶ୍ରମିକମାନଙ୍କ ପାଖରେ ଗାଁକୁ ଫେରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

ବାଣିଜ୍ୟିକ ରନ୍ଧନ ଗ୍ୟାସ୍ ସଂକଟ ହୋଟେଲ ଓ ରେସ୍ତୋରାଁ ବ୍ୟବସାୟୀମାନଙ୍କୁ ଅଧିକ କ୍ଷତିଗ୍ରସ୍ତ କରାଇଛି । ପର୍ଯ୍ୟଟନ ଶିଳ୍ପକୁ ଏହା ସିଧାସଳଖ ପ୍ରଭାବିତ କରିଛି । ଅଧିକାଂଶ ରେସ୍ତୋରାଁର ଖାଦ୍ୟ ତାଲିକାରୁ ଅନେକ ଖାଦ୍ୟ ଗାଏବ ହୋଇଯାଇଥିବା ବେଳେ ଅଧିକାଂଶ ବନ୍ଦ ରହିଛି । ଆମ ରାଜ୍ୟ ପୁରୀରେ ଏବେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ରହିଛି । ବାହାରୁ ଆସୁଥିବା ପର୍ଯ୍ୟଟକ ଏବଂ ଭକ୍ତମାନେ ହୋଟେଲ ଉପରେ ନିର୍ଭର କରୁଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ରେସ୍ତୋରାଁ ବିଦେଶୀ ପର୍ଯ୍ୟଟକଙ୍କ ପସନ୍ଦ ଅନୁସାରେ ଖାଦ୍ୟ ପ୍ରସ୍ତୁତ କରିପାରୁନାହାନ୍ତି । ଏଭଳି ସ୍ଥିତି ଜାରି ରହିଲେ ପର୍ଯ୍ୟଟନ ଶିଳ୍ପ ଉପରେ ଏହାର ଭୟଙ୍କର ପ୍ରଭାବ ପଡ଼ିବ ବୋଲି ହୋଟେଲ ମାଲିକମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ଏକ ଆଶା ଉଦ୍ରେକକାରୀ ଖବର ହେଉଛି ଭାରତର ଏଲ୍‌ପିଜି ଜାହାଜ ଯୁଦ୍ଧ ପ୍ରଭାବିତ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ଦୁଇଟି ଭାରତୀୟ ଏଲ୍‌ପିଜି ଜାହାଜକୁ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବା ପାଇଁ ଇରାନ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ । ଗୋଟେ ଜାହାଜ ପହଞ୍ଚିସାରିଛି, ଆଉ ଗୋଟେ ପହଞ୍ଚିବ । କିନ୍ତୁ ପ୍ରଶ୍ନ ଉଠୁଛି ଯୁଦ୍ଧ ଲମ୍ବା ସମୟ ଧରି ଜାରି ରହିଲେ ଗ୍ୟାସ୍ ସଂକଟ ସମସ୍ୟାକୁ କିଭଳି ଭାରତ ସରକାର ପରିଚାଳନା କରିବେ ସେଇଟା ହିଁ ମୂଳ ପ୍ରଶ୍ନ । ଗ୍ୟାସ୍ ସଂକଟ ଭାରତର ଅର୍ଥନୀତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।

---

# ଦେବୀ ବରୁଣେଇ

ପୁଷ୍ପିତା ଲତିକା ମହୀରୁହ ସୁଶୋଭିତ
ଶୋଭାର ଆକାର ବରୁଣେଇ ପରବତ।
ତା ମଧ୍ୟେ ବିଜେ ଦେବୀ ବରୁଣେଇ
ସାଥେ ଧରି ପ୍ରିୟ ଭଗ୍ନୀ କରୁଣେଇ।
ଅପାର ମହିମା ସର୍ବଜନେ ଖ୍ୟାତ
ମହାଶକ୍ତି ରୂପେ ଜଗତ ବିଦିତ।

**ଇତିହାସର ଇତି କଥା**



**ସତ୍ୟବାଦୀ ବଳିଆରସିଂହ**

**ଓ**ଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ତଥା ପୂର୍ବ ରାଜଧାନୀ ରୂପେ ପ୍ରସିଦ୍ଧ ଖୋର୍ଦ୍ଧା ହେଉଛି ଓଡ଼ିଶାର ହୃତ୍‌ପିଣ୍ଡ । ଏକଦା ଖୋର୍ଦ୍ଧା ମୁଲକକୁ ହିଁ ଓଡ଼ିଶା କୁହାଯାଉଥିଲା ।

ଅଧୁନା ଓଡ଼ିଶାର ରାଜଧାନୀ ମନ୍ଦିରମାଳିନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ । ଖୋର୍ଦ୍ଧା ସହରର ଉପକଣ୍ଠରେ ଅବସ୍ଥିତ ବରୁଣେଇ ଖୋର୍ଦ୍ଧା ଜିଲ୍ଲାର ଗର୍ବ ଗୌରବ ଓ କଳା ସଂସ୍କୃତିର ପୀଠସ୍ଥଳୀ । ଭୁବନେଶ୍ୱର ଠାରୁ ଏହାର ଦୂରତ୍ୱ ୩୦ କିଲୋମିଟର ।

ବରୁଣେଇ ଏକ ମନୋରମ ସ୍ଥାନ। ପାହାଡ଼ ଉପରେ ଦେବୀ ବରୁଣେଇ ମନ୍ଦିର ବିଦ୍ୟମାନ । ରାମାୟଣ ଓ ମହାଭାରତର 'ବାରୁଣାବତ ନଗର' ଭାବେ ପରିଚିତ ଏହି ପାହାଡ଼ଟି ଏକ ବାରଣ ବା ହସ୍ତୀ ପରି ଦୃଶ୍ୟ ହେଉଥିବାରୁ ଏହାର ଅନ୍ୟନାମ 'ବାରଣାବତ' ଅଟେ । ଅପଭ୍ରଂଶିତ ହୋଇ ଏହା ବାରୁଣୀ, ବରୁଣାଇ, ବରୁଣେଇ ଆଦି ନାମରେ କଥିତ ହେଉଛି । ଏହା ଏକ ପର୍ବତମାଳା । ପାହାଡ଼ର ଦୈର୍ଘ୍ୟ ୭ କି.ମି. ଓ ପ୍ରସ୍ଥ ୮୦୦ ମିଟର । ଏହାର ଶରୀର କୁଣ୍ଡା ପଥରରେ ଭରି ରହିଛି। ପାହାଡ଼ର ପୂର୍ବ ଭାଗରେ ଉର୍ଦ୍ଧ୍ୱଭାଙ୍ଗ ୭ଟି ଓ ନିମ୍ନ ଭାଙ୍ଗ ୬ ପାଟି ଥିବାବେଳେ ପଶ୍ଚିମରେ ଉର୍ଦ୍ଧ୍ୱ ଭାଙ୍ଗ ଓ ନିମ୍ନ ଭାଙ୍ଗର ସଂଖ୍ୟା ଯଥା କ୍ରମେ ୪ ଓ ୩। ମୋଟ ଭାଙ୍ଗ ୨୦ ରୁ ୧୧ ଟି ଉର୍ଦ୍ଧ୍ୱଭାଙ୍ଗ ଓ ୯ଟି ନିମ୍ନ ଭାଙ୍ଗ। ପାହାଡ଼ଟି ଭଙ୍ଗିଳ ପର୍ବତମାଳା ଶ୍ରେଣୀର । ପାହାଡ଼ର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ନାମରେ ପରିଚିତ । ଏହି ପର୍ବତମାଳା ଦୂରରୁ ଶ୍ରୀ ଅକ୍ଷର ଭଳି ଦେଖାଯାଉଥିବାରୁ କେହି କେହି ଏହାକୁ 'ଶ୍ରୀ ଅକ୍ଷର ବରୁଣେଇ ପାହାଡ଼' ବୋଲି କହିଥା'ନ୍ତି ।

ବରୁଣେଇ ପର୍ବତର ଉର ଦିଗରୁ ପାଦଦେଶ ଠାରୁ ମନ୍ଦିର ପର୍ଯ୍ୟନ୍ତ ପାବଚ୍ଛମାନ ରହିଛି । ସିଧା ୮୮ଟି ପାବଚ୍ଛ ପରେ ବାମ ପଟେ ୯ ଓ ଦକ୍ଷିଣ ପଟେ ୧୩ଟି ପାବଚ୍ଛ ଅତିକ୍ରମ କଲେ ମା' ବରୁଣେଇ ଓ ମା' କରୁଣେଇଙ୍କ ମନ୍ଦିର ପଡ଼େ। ୩୦୪.୮ ମିଟର ଉଚ୍ଚତା ବିଶିଷ୍ଟ ପର୍ବତର ପାଦ ଦେଶରୁ ୪୫.୭୨ମିଟର ବା ୧୫୦ ଫୁଟ ଉଚ୍ଚତାରେ ମନ୍ଦିର ଅବସ୍ଥିତ । ମନ୍ଦିରକୁ ଯିବା ପଥରେ ଦକ୍ଷିଣ ପାର୍ଶ୍ୱରେ ଏକ ଡାକ ବଙ୍ଗଳା ୧୯୭୪ ମସିହାରୁ ସ୍ଥାପିତ, ବାମ ପାର୍ଶ୍ୱରେ ଝରଣା ଜଳ ଏକ ପୁଷ୍କରିଣୀରେ ଆବଦ୍ଧ । ପର୍ବତର ଅଭ୍ୟନ୍ତରରୁ ଏହି ଚିରସ୍ରୋତା ଝରଣା, ଦେବୀଙ୍କ ନାଭିସ୍ଥଳ ଦେଇ ପାଦ ତଳକୁ ବୋହିଯାଉଛି । ଏହି ଝରଣାର ନାମ 'ଅଦଲ କୁଣ୍ଡ' । ଏହାର ଜଳ ପାଦୁକ ରୂପେ ବ୍ୟବହୃତ ହେଉଛି ଓ ବହୁ ଦୁରାରୋଗ ବ୍ୟାଧିକୁ ଆରୋଗ୍ୟ କରିଦେବାର ଶକ୍ତି ଏହି ଜଳରେ ଅଛି ବୋଲି ଲୋକଙ୍କ ବିଶ୍ୱାସ ରହିଛି ।

ମନ୍ଦିର ଅଭ୍ୟନ୍ତରରେ ଖୋର୍ଦ୍ଧା ରାଜାଙ୍କ ଯୁଦ୍ଧଦେବୀ ରୂପେ ପରିଚିତ 'ବରୁଣେଇ ଓ କରୁଣେଇ' ଭଗ୍ନୀ ଦ୍ୱୟ ଧଳା ଓ କଳା ଶାଢ଼ି ପରିଧାନ ପୂର୍ବକ ପୂଜିତ ହେଉଛନ୍ତି । ମୂର୍ତ୍ତିଦ୍ୱୟ କଳା ମୁଗୁନି ପଥରରେ ନିର୍ମିତ ଓ ସେମାନଙ୍କର ଉଚ୍ଚତା ୧୮ଇଞ୍ଚ । ସିଂହାସନ ଉପରେ ବାମ ପାର୍ଶ୍ୱରେ ବରୁଣେଇ ଓ ଦକ୍ଷିଣ ପାର୍ଶ୍ୱରେ କରୁଣେଇ (ପୂର୍ବେ ଅରୁଣେଇ କୁହାଯାଉଥିଲା) ପଦ୍ମାସନରେ ବିରାଜମାନ। ଦେବୀ ବରୁଣେଇଙ୍କ ବାମ ହସ୍ତରେ ଡମ୍ବରୁ, ଦକ୍ଷିଣ ହସ୍ତରେ ତ୍ରିଶୂଳ– ନିମ୍ନସ୍ତ ବାମ ହସ୍ତ କଚଟି ଠାରୁ ଭଗ୍ନ ଓ ଦକ୍ଷିଣ ହସ୍ତ କହୁଣି ଠାରୁ ଭଗ୍ନ । କଳାପାହାଡ଼ ବା କୌଣସି ଧର୍ମାନ୍ଧ ଯବନର ଆକ୍ରମଣରେ ଦେବୀଙ୍କ ହସ୍ତ ଭଗ୍ନ ହୋଇଥିବା ଅନୁମିତ । ଦେବୀ କରୁଣେଇଙ୍କ ବାମ ହସ୍ତରେ ଅଙ୍କୁଶ ଓ ଦକ୍ଷିଣ ହସ୍ତରେ କଳସ ରହିଛି। ଦେବୀଙ୍କ ମସ୍ତକରେ ଶୋଭା ପାଉଥିବା ଚଉଡ଼ା ମୁକୁଟ ଜୁଡ଼ା କରାଯାଇଥିବା କେଶରାଶି ଉପରେ ପିନ୍ଧାଇ ଦିଆଯାଇଛି। ମେଖଳା, ଗୋଡ଼ବଳା, ବାଜୁବଳି, ଚୁଡ଼ି, ହାର ଆଦି ଦେବୀଙ୍କ ଅନନ୍ୟ ସୌନ୍ଦର୍ଯ୍ୟକୁ ପ୍ରତିପାଦିତ କରୁଛି। ଦେବୀମୂର୍ତ୍ତି ନିକଟରେ ସିଂହ ମୂର୍ତ୍ତି ମଧ୍ୟ ରହିଛି । ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଅଭିଯାନ କାଳରେ ବିଜୟନଗର ରାଜ୍ୟରୁ ଏହି ମୂର୍ତ୍ତି ବିଜୟ ସନ୍ତକ ସ୍ୱରୂପ ଆଣିଥିଲେ । ମୂର୍ତ୍ତିର ନିର୍ମାଣ କାଳ ହେଉଛି ପଞ୍ଚଦଶ ଶତାବ୍ଦୀ ।

ଏଠାରେ ଦେବୀଙ୍କୁ ଲାଗି କରାଯାଉଥିବା ଭୋଗର ଏକ ବିଶେଷତ୍ୱ ଅଛି । ପଣସ ପତ୍ର ଠୋଲାରେ ଅରୁଆ ଚାଉଳ ପ୍ରସ୍ତୁତ ଖିରି, ପୁର, ଏଣ୍ଡୁରି ପିଠା ଭୋଗ ଓଡ଼ିଶାର ଅନ୍ୟ କୌଣସି ମନ୍ଦିରରେ ଲାଗି କରାଯାଏ ନାହିଁ ।

ମନ୍ଦିରରେ ବିମାନ, ଦେଉଳ, ମୁଖଶାଳା/ଜଗମୋହନ, ଭୋଗ ମଣ୍ଡପ/ଗୁମୁଟ ରହିଛି । ଦେବୀଙ୍କ ସିଂହାସନ ଓ କୋଠ ଭୋଗର ଆସ୍ଥାନ ବିମାନ ଦେଉଳରେ ରହିଛି । ଜଗମୋହନ ଠାରେ ଭକ୍ତମାନେ ପୂଜା ଅର୍ଚ୍ଚନା କରନ୍ତି । ମନ୍ଦିରର ଶୀର୍ଷ ଦେଶରେ କଳସ ଉପରେ ଚକ୍ର ତ୍ରିଶୂଳ ଅଛି । ସମୀପରେ ଦେବୀ କନକ ଦୁର୍ଗା, ହନୁମାନ ଓ ମହାଦେବ ମନ୍ଦିର ମଧ୍ୟ ଅବସ୍ଥିତ । ପର୍ବତର ପାଦ ଦେଶରେ ଦୁଧଖାଇ ଠାକୁରାଣୀଙ୍କ ଅସ୍ଥାନ ରହିଛି । ଏହି ଦୁଧଖାଇ ବହୁ ପୁରାତନ, ଏପରିକି ବରୁଣେଇଙ୍କଠାରୁ ବହୁ ପୁରାତନ ବୋଲି ପୂଜକ ତଥା ବୟୋଜ୍ୟେଷ୍ଠମାନେ କହନ୍ତି । ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ରାୟସିଂହ ଓ ଗବେଷକ ଗୋପାଳକୃଷ୍ଣ ଦାସ ମଧ୍ୟ ଏହି ମତ ପ୍ରଦାନ କରିଛନ୍ତି । ଗାଈ ବା ମଇଁଷି ଜନ୍ମ କଲେ ପ୍ରଥମ ଖିର ଆଣି ଏଠାରେ ସମର୍ପଣ କରାଯାଏ ।

ରଜ ପର୍ବ ଓ ଦଶହରା: ଏହି ଦୁଇ ପର୍ବ ସମାରୋହରେ ପ୍ରତିବର୍ଷ ବରୁଣେଇଠାରେ ପାଳିତ ହୁଏ । ରଜ ଯାତ୍ରା ସମୟରେ ତିନି ଦିନ ଧରି ଏଠାରେ ଏକ ବଡ ମେଳା ଅନୁଷ୍ଠିତ ହୁଏ । ମେଳାର ମୁଖ୍ୟ ଆକର୍ଷଣ ଥାଏ ଠେକାମୁଆଁ । ଦଶହରାରେ ମହାଷ୍ଟମୀ ଦିନ ଚଣ୍ଡୀ ପାଠ କରାଯାଏ ଓ ବୋଦାବଳି ଦିଆଯାଏ । ଅଷ୍ଟମଙ୍ଗଳା ସ୍ତୁତିରେ ବରୁଣେଇ ପୀଠକୁ ଶକ୍ତି ପୀଠ ରୂପେ ବର୍ଣ୍ଣନା କରାଯାଇଛି । ଏଠାରେ ବୌଦ୍ଧଧର୍ମର ଏକ ଶାଖା 'ବଜ୍ରଯାନ' ମାନଙ୍କର ଉପାସନା ହେଉଥିବାର ପ୍ରମାଣ ମିଳେ ।

ଦେବୀ ବରୁଣେଇ ଖୋର୍ଦ୍ଧା ରାଜାଙ୍କର ଯୁଦ୍ଧ ଦେବୀ । ଏହି ପାହାଡ଼ର ଗଡ଼ଖୋର୍ଦ୍ଧାଠାରେ ରାଜାଙ୍କର ନଅର ଥିଲା । ଦେବୀ ବରୁଣେଇଙ୍କ ଆଶୀର୍ବାଦ ଲାଭ କରି ଏଠାରେ ଥିବା ପାଇକମାନେ ଯୁଦ୍ଧରେ ଆଗେଇ ଯାଉଥିଲେ । ଏହି ବୀରଗାଥାକୁ ମନେ ପକାଇ ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ 'ଲାଲ ମାଟିର ଖୋର୍ଦ୍ଧାଗଡ଼' କବିତାରେ ଲେଖିଛନ୍ତି:–

ଏଇ ଯେ ଦିଶୁଛି ଲାଲ ମାଟିର
ଖୋର୍ଦ୍ଧାଗଡ଼,
ବରୁଣୀ ପାହାଡ଼ ତଳେ ତଳେ ରହିଛି
କେବଳ ପଡିଆ ବଡ଼।
ଆସ କଳ୍ପନା ସୁଦୂର ଅତୀତୁ ଆସ
ହେ ଆସ,
ଜାତି ନିଶ୍ୱାସ ବହୁ ଥିଲା ଏଥି ବୀର
ଗଉରବେ ବରଷ ମାସ
ସେ ଦିନ ଏ ଜାତି ଥିଲା କେଉଁଭଳି
ଛାତିରେ ବିରାଟ ଆକାଂକ୍ଷା ଭରି
ବିଜୟ ତୂର୍ଯ୍ୟ ବଜାଇ ବଜାଇ
ସ୍ୱାଧୀନ ସପନେ ଜୀବନ ମଜାଇ।
ସିଂହ ପରାଣେ ବୀର ବିକ୍ରମେ
ଦିଶୁଥିଲା ବା ଉର୍ଜସ୍ୱଳ,
ଏଇ ଯେ ଦିଶୁଛି ଲାଲ ମାଟିର
ଖୋର୍ଦ୍ଧାଗଡ଼।

ଏହି ବରୁଣେଇ ପାହାଡ଼ରେ ରହିଛି ଐତିହାସିକ ଖୋର୍ଦ୍ଧାଗଡ଼ ଓ ଅନେକ ଦର୍ଶନୀୟ ସ୍ଥାନ । ପାହାଡ଼ ଉପରେ ରହିଛି ପାଣ୍ଡବ ଗୁମ୍ଫା ବା ପାଣ୍ଡବ ଗୁହା। ଏହାକୁ ମଧ୍ୟ କେହି କେହି ପାଣ୍ଡବ ହରା ମଧ୍ୟ କହିଥାନ୍ତି। ପାଣ୍ଡବମାନେ ୧୪ ବର୍ଷ ବନବାସରେ ଥିଲାବେଳେ ଏଠାରେ କିଛିଦିନ ଅଜ୍ଞାତବାସ କରିଥିଲେ ବୋଲି କୁହାଯାଏ ।

ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ହୋଇଥିବା ପଶାଖେଳରେ ପାଣ୍ଡବମାନେ ହାରିଯାଇଥିବାରୁ ଏହା 'ପାଣ୍ଡବ ହରା' ନାମରେ ନାମିତ।

ଶ୍ରୀରାମ ପଥର: ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ବରୁଣେଇ ପାହାଡ଼ରେ ଅବସ୍ଥାନ କରୁଥିଲେ । ସେ ବିରାଜମାନ କରୁଥିବା ପଥରକୁ ଶ୍ରୀରାମ ପଥର ବୋଲି କୁହାଯାଉଛି ।

ସୀତାକୁଣ୍ଡ: ଦେବୀ ସୀତା ରୋଷେଇସାରି ଏହି ସ୍ଥାନରେ ହାଣ୍ଡି ଧୋଇ କହିଥିଲେ ଯେ ସୃଷ୍ଟି ଥିବା ପର୍ଯ୍ୟନ୍ତ ଏଠାରେ ପାଣି ଶୁଖିବନି । ପାଣିର ରଙ୍ଗ ଗାଢ଼ କଳା। ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ଏ ପାଣି ଶୁଖେ ନାହିଁ ।

ଦିଗବାରିଣୀ: ପର୍ବତର ଶୀର୍ଷଦେଶ ଦିଗବାରିଣୀ ରୂପେ ପରିଚିତ । ଏଠାରେ ଦଣ୍ଡାୟମାନ ହୋଇ ଦିଗ ନିର୍ଣ୍ଣୟ କରାଯାଉଥିବାରୁ ଏହାର ନାମ ଏପରି ହୋଇଛି । ଏହି ଦର୍ଶନୀୟ ସ୍ଥାନଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ପୂର୍ବେ ଏହି ଶୀର୍ଷ ପାହାଡ଼ର ନାମ ତାଡକୀ ପାହାଡ଼ ଥିଲା।

ଅତୀତ ଗୌରବ ମୂକ ସାକ୍ଷୀ ହୋଇ
ଖୋରଧାର ବୁକେ ଉଭା ବରୁଣେଇ
ପାଇକ ପୁଅଙ୍କ ରଣ ହୁଙ୍କାର
ପ୍ରତିଧ୍ୱନି ତୋଳେ ଗିରି ଗହ୍ୱର।
ଏ ତ ବୀର ଶହୀଦଙ୍କ ତୀର୍ଥ ଭୂଇଁ
ଫୁଲି ଉଠେ ଛାତି ମାଟି ଦେଲେ ଛୁଇଁ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*

---

# ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ!!

■ ଯୁଧିଷ୍ଠିର ମହାରଣା

**ଓ**ଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା । ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି । ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି । କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି । ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ୍ୟ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ । ଏହି କଟକଣା ଉଲ୍ଲଂଘନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇ ପାରନ୍ତା। ଅନେକ ହୁଏତ ଏହା ମଧ୍ୟ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା। ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖି ଠାର ମାରିଲା ପରି ।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ୍ୟ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ। ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉରପିଢ଼ିର କ୍ଷତି ସାଧନ କରିଚାଲୁଛେ । ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଥାଙ୍ଗ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ–ପକ୍ଷୀ, କୀଟ–ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି । ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି। ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ୍ୟ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ। ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ୍ୟ ଅବହେଳା କରୁଛୁ । ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ୍ୟ ଆମେ ଜାଣି ଅଜଣା ହେଉଛୁ ।

ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି। କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି। କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ୍ୟ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି । ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ । ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ। ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା। ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନିଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ । ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ। କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ। ଏହାକୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ।

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ. ୯୪୩୭୧୬୩୫୨୮

---

# ସାମରିକ ପରମ୍ପରାରେ ନଉଡ଼ିଖେଳ

■ ଡ଼ ବାସୁଦେବ ଦାସ ■

**କେ**ତେକ ଇତିହାସରେ ଓଡ଼ିଶାକୁ ଓଡ଼–ଗୌଡ଼ଙ୍କ ଦେଶ କୁହାଯାଇଛି। ଓଡ଼ିଶା ପ୍ରାଚୀନ ଉଡ୍ରଦେଶ। ଉଡ୍ରଦେଶର ପରିଚୟ ସମ୍ପର୍କରେ ଐତିହାସିକ ସୁରେନ୍ଦ୍ର କୁମାର ମିଶ୍ର ଉପକୂଳ ଅଞ୍ଚଳକୁ ଗ୍ରହଣ କରିଛନ୍ତି। ବିଶେଷତଃ ସମୁଦ୍ର କୂଳସ୍ଥ ଗୋଲରା, ମରୀଚପୁର, ହରିଶପୁର, ବିଷ୍ଣୁନପୁର, କୁଜଙ୍ଗ, ପରାଦେୟପୁର (ପାରାଦୀପ), ଆଳି ଓ କନିକା ଏହି ଆଠଟି ଛୋଟଛୋଟ ରାଜ୍ୟର ସମାହାର ଥିଲା । କାରଣ ସ୍ୱରୂପ ଦର୍ଶାଯାଇଛି ଯେ କୌଣସି ବହିଃ ଶତ୍ରୁକୁ ଦେଶ ଭିତରକୁ ନଦୀମୁହାଣ ଦେଇ ପ୍ରବେଶ କରାଇ ନ ଦେବା ନିମନ୍ତେ ଓଡ଼ିଶାର ନିକଟବର୍ତ୍ତୀ ଭୂଖଣ୍ଡମାନ ଜମିଦାରଙ୍କୁ ରାଜ୍ୟ ସ୍ୱରୂପ ଦେଇ ଅବସ୍ଥାପିତ କରିଥିଲେ। ପରବର୍ତ୍ତୀ କାଳରେ ଏହାର ସୀମା ବାଲେଶ୍ୱର ଜିଲ୍ଲା ସମେତ ପରିବ୍ୟାପ୍ତ ହୋଇଥିଲା। ଓଡ୍ରମାନେ ଆରମ୍ଭରୁ ସହାବସ୍ଥାନ ଉପରେ ଆସ୍ଥାବାନ ଥିଲେ। ଏମାନେ ବୀର ଓ ଯୋଦ୍ଧା ଥିଲେ। ନଦୀ ଉପତ୍ୟକାରେ କୃଷିକର୍ମ ଓ ବାଣିଜ୍ୟ ବିକାଶରେ ବେଶ୍ ସହାୟକ ଥିଲେ।

୧୮୭୫ ମସିହା ପୂର୍ବରୁ ଖୋର୍ଦ୍ଧା ଅଞ୍ଚଳରେ ଓଡ୍ର ସଂଖ୍ୟା ୮୦୦୦, ଗଡ଼ଜାତରେ ଓଡ୍ର ସଂଖ୍ୟା ୩୫୦୦ କଟକରେ ୨୦ ହଜାର ଓଡ୍ର ବାସ କରିବାର ଜଣାଯାଇଛି। ଓଡ୍ର ଖଣ୍ଡାୟତ, ଓଡ଼େୟପାଇକ ଓ ଓଡ୍ରଚାଷୀ ଶହଶହ ବର୍ଷ ଧରି ବାଲେଶ୍ୱରରେ ରହି ଆସିଛନ୍ତି। ୨୦୦୩ ମସିହାରେ ଆୟୋଜିତ ହୋଇଥିବା ସାମରିକ ପରମ୍ପରା ମହୋତ୍ସବକୁ ଓଡ଼ିଶାର ତିରିଶି ଜିଲ୍ଲାରୁ ସତୁରୀ ପାଇକ ଆଖଡ଼ା ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଓଡ୍ର ଖଣ୍ଡାୟତ ପାଇକ, ଗୋପାଳ ପାଇକ, ଓଡ୍ର ପାଇକମାନେ ଅଂଶଗ୍ରହଣ କରିଥିଲେ। ପେଣ୍ଡା କଳସା ଓ ଦହି କଳସା ପାଇକ ସାଧାରଣତଃ ଗୌଡ଼ ବା ଗୋପାଳ ଶ୍ରେଣୀର। ସେମାନଙ୍କର ସମର କଳା ବିଳାସ ମଧୁର ଓ ଚମତ୍କାର। ଗୌଡ଼ ପାଇକମାନଙ୍କ ବିଷୟରେ ମତଦେଇ ସୁରେନ୍ଦ୍ର କୁମାର ମିଶ୍ର ତାଙ୍କ ଓଡ୍ର ଦେଶର ଇତିହାସ ପୁସ୍ତକ (୨୭ ପୃଷ୍ଠା)ରେ ଉଲ୍ଲେଖ କରିଛନ୍ତି : ପାଇକମାନେ ଯେପରି ଅବସର ସମୟରେ ଚାଷକାର୍ଯ୍ୟ ସମ୍ପନ୍ନ କରି ନିଜ ସହିତ ରାଷ୍ଟ୍ରର ଆର୍ଥିକ ଉନ୍ନତି କରାଉଥିଲେ, ଉଡ୍ର ବାହିନୀରେ ସାମିଲ ହୋଇଥିବା 'ଗଉଡ଼'ମାନେ ଅବସର ସମୟରେ ଗୋପାଳନ କରି ରାଷ୍ଟ୍ରର ସମୃଦ୍ଧିରେ ସହାୟକ ହେଉଥିଲେ। ଗଉଡ଼ ଜାତିର ଲୋକେ ବାଡ଼ି ଖେଳରେ ସିଦ୍ଧହସ୍ତ ଥିଲେ। ଏହି ବାଡ଼ି ଖେଳ ଏକ ପ୍ରକାର ଚମତ୍କାର ସମର କଳା। ବାଡ଼ିଗୁଡ଼ିକ କେନ୍ଦୁକାଠ ଡାଳ ନିର୍ମିତ, ଏହା ଭାଙ୍ଗି ଯାଏନାହିଁ କି ଫାଟି ପାରେ ନାହିଁ । ବାଡ଼ି ଖେଳର ଅପୂର୍ବ କୌଶଳ ଯେ ଖଣ୍ଡା ବାଡ଼ିବୁଲାକୁ ସ୍ପର୍ଶ କରିପାରିବ ନାହିଁ। ଶତ୍ରୁ ମଧ୍ୟ ଭେଦକରିବା ସମ୍ଭବ ନୁହେଁ । ଏହା ପ୍ରାଚୀନ ସାମରିକ ନଉଡ଼ି ଖେଳର ବିକଶିତ ରୂପ।

ପୁରାଣ ବର୍ଣ୍ଣିତ ବିଷୟବସ୍ତୁର ଯଥାର୍ଥ ତର୍ଜମା ଅଭାବରେ ସଂସ୍କୃତିର ଯୁଗୋପଯୋଗୀ ଚିତ୍ର ଜନମାନସକୁ ସ୍ପର୍ଶ କରିପାରୁ ନାହିଁ। ମହାଭାରତ ଯୁଦ୍ଧ ଖ୍ରୀ.ପୂ. ୩୭୪୦ରେ ହୋଇଥିଲା ବୋଲି ବିଚାର କରାଯାଏ। ଏହି ସମୟ ଦ୍ୱାପର ଯୁଗ ବା ଯଦୁପତି ଶ୍ରୀକୃଷ୍ଣଙ୍କ ସମୟ ଭାବେ ଗୃହୀତ । ନନ୍ଦନନ୍ଦନ ଶ୍ରୀକୃଷ୍ଣ ଗୋପନଗରରେ ମଥୁରାର ଅତ୍ୟାଚାରୀ ରାଜା କଂସଙ୍କ ବିରୋଧରେ ଯୁଦ୍ଧ ଆୟୋଜନ କରିଥିଲେ । ଅନ୍ୟପକ୍ଷରେ ଦୁର୍ବିନୀତ ମହାମାନୀ ଦୁର୍ଯ୍ୟୋଧନର ସ୍ୱେଚ୍ଛାଚାରୀ ଶାସନର ଅବସାନ ନିମନ୍ତେ ନାରାୟଣୀ ସେନା ପ୍ରସ୍ତୁତ କରିଥିଲେ। ଶ୍ରୀକୃଷ୍ଣ ଥିଲେ ବୀର, କୂଟନୀତିଜ୍ଞ ଦୂରଦୃଷ୍ଟି ସମ୍ପନ୍ନ ଓ ଯୁଗସ୍ରଷ୍ଟା। ସହସ୍ର ବର୍ଷର ସୁଷୁପ୍ତିକୁ ଭାଙ୍ଗି ସେ ଆଣିଥିଲେ ସାମାଜିକ ସଚେତନତା, ସଂସ୍କାର ଓ ଧର୍ମ ସଂସ୍ଥାପନା । ଗୋପରେ ଗୋପାଳ ବାଳକମାନଙ୍କ ସହିତ ଯମୁନା ତୀରସ୍ଥ ମାଳିତୀମାଳ ବନରେ ଗୋଗୋଷ୍ଠଙ୍କୁ ଛାଡିଦେଇ ତାଙ୍କ ସହିତ ଖେଳରେ ମାତି ଯାଉଥିଲେ । ଲୋକ ଜାଣିବାକୁ ଲଉଡ଼ି ଖେଳା ଲଉଡ଼ି ଖେଳ ବିଭିନ୍ନ ସୋପାନ ଦେଇ ସାଧନ କରିବାକୁ ହୁଏ । କେହି ଏହାକୁ ଯୁଦ୍ଧବିଦ୍ୟା ବୋଲି ନ ଜାଣନ୍ତି ଏହା କଂସ ଭୟରେ ସମର ଶିକ୍ଷା ବା ମିଲିଟାରୀ ଟ୍ରେନିଂ ପ୍ରସ୍ତୁତ ହୋଇଥିଲା। ପରେ ନାରାୟଣୀ ସେନାରେ ସେଇ ଷୋଳ ହଜାର କିଶୋର ସାମିଲ ହୋଇଥିଲେ ।

ସେହିପରି ଗୋପାଙ୍ଗନାମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ ସମ୍ପର୍କ ମଧୁର ଓ ଏକାନ୍ତ ଥିଲା । ଏକ ରକ୍ଷଣଶୀଳ ସମାଜ ଭିତରୁ ନାରୀମାନଙ୍କୁ ଆବିଷ୍କାର କରି ଯମୁନାରେ ଜଳକ୍ରୀଡ଼ା ବା ଜଳରେ ପହଁରି ଆତ୍ମରକ୍ଷା କରିବାର ଉପାୟ ବର୍ଣ୍ଣିତ ଅଛି ପୁରାଣରେ। ତାଙ୍କରି ଭିତରେ ବୀରାଙ୍ଗନାମାନେ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ହୋଇଗଲେ, ଯାହାର ନେତୃତ୍ୱ ଯାଦବ ରମଣୀ ବୀରାଙ୍ଗନା ସୁଭଦ୍ରାଙ୍କ ହାତରେ ପଡ଼ିଥିଲା। ଭାଇ ବଳରାମଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ରୀକୃଷ୍ଣ ଏକ ବୈପ୍ଳବିକ ଭୂମିକା ନେଇ କୈଶୋରରୁ ଆରମ୍ଭ କରିଥିଲେ ତାଙ୍କ ଅବତାରବାଦର ଅମୃତ ସ୍ୱାକ୍ଷର । ଦୁଧ, ଦହି, ଅଧାମ ନେଇ ଯାଉଥିବା ମହିଳାଙ୍କର ଠେକି–ବେହେରି ଭାଙ୍ଗିଦେବା ପଛରେ ଥିଲା ମଥୁରା ବଜାରକୁ ଆର୍ଥନୀତିକ ବାସନ୍ଦ କରିବା ଏବଂ କଂସଶାସନ ବିରୋଧରେ ତୀବ୍ର ଅସହଯୋଗ ଆନ୍ଦୋଳନ ଚଳାଇବା। ଅତଏବ ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ ହୋଇଛି ପ୍ରତିବାଦ ଓ ପ୍ରତିରୋଧର ଶକ୍ତିଶାଳୀ ସମର । ମାତ୍ର ଗୌଡ଼ୀୟ ବୈଷ୍ଣବ ଧର୍ମାବଲମ୍ବୀ ନିଜ ବିରହ–ବ୍ୟଥାକୁ ଶ୍ରୀକୃଷ୍ଣ ଚରିତ୍ରରେ ବୋଳିଦେଇ ତାଙ୍କୁ ଜଣେ ଲମ୍ପଟ ଓ ଶୃଙ୍ଗାର ସମ୍ରାଟ ସଜାଇଦେଲେ ଯଦ୍ଦ୍ୱାରା ସାଂସ୍କୃତିକ ଅବକ୍ଷୟ ସହିତ ତାଙ୍କର ବୈପ୍ଳବିକ ଦିଗଟି ଖୁବ୍ ସଂକୁଚିତ ହୋଇଗଲା।

ସାମାଜିକ, ସାଂସ୍କୃତିକ ଐତିହାସିକ ବିବର୍ତ୍ତନ ଦେଇ ଶ୍ରୀକୃଷ୍ଣ ଏକ ଉଜ୍ଜ୍ୱଳ ବତିଖୁଣ୍ଟ ହୋଇ ରହିଛନ୍ତି। ଯେ କୌଣସି କ୍ଷେତ୍ରରେ ଯଦୁବଂଶୀ ଗୋପାଳ କୁଳୋଦ୍ଭବ ସନ୍ତାନମାନେ ଅନ୍ୟମାନଙ୍କ ଠାରୁ କୌଣସି ଗୁଣରେ ଊଣା ନୁହଁନ୍ତି।

ଲଉଡ଼ି ଅର୍ଥ ଯଷ୍ଟି ବା ବାଡ଼ି। ଗୋପାଳମାନେ ଗୋଚାରଣ ସମୟରେ ଲଉଡ଼ିକୁ ଯେପରି ଭାବେ ଧାରଣ କରିଥାନ୍ତି, ହିଂସ୍ରଜନ୍ତୁ ଓ କୁମ୍ଭୀରାଦିଙ୍କ କବଳରୁ ଆତ୍ମରକ୍ଷା ନିମନ୍ତେ ସେପରି ବ୍ୟବହାର କରନ୍ତି । ପୁରାଣ ଯୁଗରେ ରାକ୍ଷସ–ରାକ୍ଷସୀମାନଙ୍କ ଦମନ କ୍ଷେତ୍ରରେ ପ୍ରଧାନ ଆୟୁଧଭାବେ ବ୍ୟବହାର କରୁଥିଲେ । ପଣ୍ଡିତ ଉପେନ୍ଦ୍ରଭଞ୍ଜ ରାଉତ କହନ୍ତି, ଓଡ଼ିଶାର ସାମରିକ ପରମ୍ପରାରେ ଲଉଡ଼ିର ସ୍ଥାନ ଅତି ଉଚ୍ଚରେ। ସାମରିକ ବିଦ୍ୟା ସାଧନାର ପ୍ରଥମ ଆୟୁଧ ଲଉଡ଼ି । ଶାସ୍ତ୍ରୀୟ ତଥା ସାମରିକ ଆବଶ୍ୟକତାକୁ ବିଚାର କରି ଲଉଡ଼ିକୁ ବିଭିନ୍ନ ମାପରେ ତିଆରି କରାଯାଇଥାଏ । ଲଉଡ଼ି ଖେଳରେ ଦେଢ଼ ଫୁଟ ଠାରୁ ଆରମ୍ଭ ପାଞ୍ଚଫୁଟ ଲମ୍ବର ପାଞ୍ଚଟି ବାଡ଼ି ବ୍ୟବହାର କରିଥାଆନ୍ତି। ପ୍ରତ୍ୟେକ ମାପର ବାଡ଼ିର ଅଗ୍ରଭାଗରେ ପୁଞ୍ଜାଏ ଲେଖାଏ ଘୁଙ୍ଗୁର ବନ୍ଧା ଯାଇଥାଏ। ଲଉଡ଼ି ନୃତ୍ୟକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଏ। ପ୍ରତ୍ୟେକ ବିଭାଗରେ ସ୍ୱତନ୍ତ୍ର ଲଉଡ଼ି ବ୍ୟବହୃତ ହୁଏ ଏବଂ ପ୍ରତି ବିଭାଗର ସ୍ୱତନ୍ତ୍ର ସଙ୍ଗୀତ ବି ବୋଲାଯାଏ। ପାଞ୍ଚ ରାଗ କହିଲେ ତଳ ଶ୍ରେଣୀରୁ ଉପର ସ୍ତର ଯୁଦ୍ଧ କୌଶଳ ଶିକ୍ଷା କରାଯାଇଥାଏ। ପୁରାଣ ଯୁଗରେ ଶ୍ରୀକୃଷ୍ଣଙ୍କର ଏହି ସମରାଭ୍ୟାସକୁ ଗୋପନ ରଖିବା ପାଇଁ ଖେଳ ବା କ୍ରୀଡ଼ାର ଆଖ୍ୟା ଦେଇ ନବକୁଞ୍ଜସ୍ଥ ଜଙ୍ଗଲ ମଧ୍ୟରେ ଆରମ୍ଭ ହୋଇଥିଲା। ଓଡ଼ିଆ ପାଇକ ପୁଅର ଆଦ ଅଭ୍ୟାସ ବତିଶିବାଡ଼ି, ଛତଶ ଛଡ଼ି, ଚାଳିଶ ପ୍ରକାର ଚାଲି, ଛ' ପ୍ରକାର ଛପକା ଓ ଅଷ୍ଟାଦଶ ବ୍ୟୂହ କୌଶଳ, ନ' ପ୍ରକାର ପାହୁଡ଼ ଚାଲି ଶିକ୍ଷା କରାଯାଇଥାଏ। ଏହି ଶିକ୍ଷା ଗୋପାଳମାନଙ୍କର ପ୍ରଥମ ଆବିଷ୍କାର ଭାବେ ଗୃହୀତ। ଗୋପାଳପାଇକ ଯୁଦ୍ଧକୁ ଯିବାରେ ବିଳମ୍ବ କରିବାରୁ ତାହାର ମା' ଆଗଭର ହୋଇ ପୁଅକୁ ଶିକ୍ଷାଦେଇଛି, ଯାହା କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାରେ ପ୍ରତିଫଳିତ ହୋଇଅଛି।

ନିଜ ସ୍ୱାମୀ ହାତ ପାଟଖଣ୍ଡାଟି
ହାତେ ଧରି ଗଲା ଚଳି
ଆସୁଥାଅ ପୁଅ, ଆସୁଥା ପଛରେ
ମୁଁ ଯାଉଛି ଯୁଦ୍ଧକରି।
ପ୍ରଧାନ ବଂଶର ଦୁହିତା ମୁହିଁରେ
ସେନାପତି ଘର ବୋହୂ
ଶତ୍ରୁ ସଇନ ମୋ ଗଡ଼ଛୁଇଁବେ,
ମୁହିଁ ବଞ୍ଚି ଥାଉ ଥାଉ?
ଗୋଟେ ଗାଈ କ୍ଷୀର ଖାଇ ଖାଇ
ତୋର ଶକ୍ତି ଦିହରେ ନାହିଁ
ମୁଁ ଯାଉଛି ଆଗେ, ବିଳମ୍ବ ନ କରି,
ଆସୁଥାଅ ପଛ ହୋଇ ।

ପ୍ରଧାନ, ସେନାପତି, ବର୍ମା, ରାଉତ, ନାୟକ ପ୍ରମୁଖ ସଂଜ୍ଞାଧାରୀ ଗୋପାଳମାନେ ଖୋର୍ଦ୍ଧା ରାଜାଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଗ୍ରହଣ କରି ଉତ୍କଳର ପ୍ରତ୍ୟେକ ଘଡ଼ିସନ୍ଧି କ୍ଷଣରେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଆସିଛନ୍ତି। କହ୍ନେଇ ଚମ୍ପତିରାୟଙ୍କ ପାଉକ ଖେଦାରେ ଏମାନଙ୍କର ବର୍ଣ୍ଣନା ଓ ପାଇକ ଆଖଡ଼ାରେ ଗୋପାଳମାନଙ୍କ ଭୂମିକା ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଅଛି। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଥିଲା କଳିଙ୍ଗ ପାଇଁ ଗଣଯୁଦ୍ଧ। ତାଙ୍କ ସହିତ ଲଢ଼ିବା ପାଇଁ କଳିଙ୍ଗବାସୀ ଧୋତି ପିନ୍ଧି, ମୁଣ୍ଡରେ ଠେକା ବାନ୍ଧି, ହାତରେ ଠେଙ୍ଗା ଧରି ଉପସ୍ଥିତ ପୂର୍ବକ ମହାଯୁଦ୍ଧରେ ଦଣ୍ଡାୟମାନ ହୋଇଥିଲେ। ଗଣ ଯେତେବେଳେ ଯୁଦ୍ଧରେ ଅବତୀର୍ଣ୍ଣ ହୁଏ, ସେ ସୈନିକ ହୋଇଯାଏ। ସେନାପତି, ନାୟକ, ପଟ୍ଟନାୟକ, ସାମନ୍ତ, ବିଶ୍ୱାଳ, ରାଉତ ଓ ବାହିନୀପତିଙ୍କ ଆଦେଶରେ ପଦାତିକମାନେ ଯୁଦ୍ଧ କରିଥିଲେ। କଳିଙ୍ଗ ରାଣୀ କାରୁବାକୀଙ୍କ ନେତୃତ୍ୱରେ ଯେଉଁ ବିଶ୍ୱବିଖ୍ୟାତ ଯୁଦ୍ଧ ହୋଇଥିଲା, ତାହା ଆମ ଶ୍ରେଣୀ ଚେତନାର ଉର୍ଦ୍ଧ୍ୱରେ। ଉପକୂଳର ଏହି କୈବର୍ତ୍ତ କନ୍ୟା କୁଡ୍ରୁକା ବର୍ମନ୍‌କୁ ବିବାହ କରିଥିଲେ। ଶ୍ରୀଯୁକ୍ତ ଆପାସାହେବ ପନ୍ଥ ତାଙ୍କ 'ମଣ୍ଡଳ' ନାମକ ପୁସ୍ତକରେ କାରୁବାକୀ କୁଜଙ୍ଗ ରାଜା, ନାଗ ବଂଶୀୟ କ୍ଷତ୍ରିୟ କୁଡ୍ରୁକ ବର୍ମନକୁ ବିବାହ କରିବା କଥା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। କିନ୍ତୁ ଆଜି ସାମାଜିକ ବିବର୍ତ୍ତନରେ ଏସବୁ ପରମ୍ପରା ଓ ଗୌରବ ହ୍ରାସ ପାଇ ଯାଇଛି । ହତାଶ ଭାବରେ ଭାରାକ୍ରାନ୍ତ ନ ହୋଇ, ଏବେ ଉର ଦାୟାଦ ଗଣ କପଡ଼ାରେ ନୂଆ କର୍ପୂର ଭରି ଆଗେଇ ଯିବାର ଅଛି। ସ୍ମୃତି, ସ୍ତୁତି ନ ହୋଇ କୃତି ଓ ସ୍ୱୀକୃତିରେ ପରିଣତ କରିବା ଆମର ଦାୟିତ୍ୱ ହେଉ। ନାରୀ–ପୁରୁଷ ନିର୍ବିଶେଷରେ ପ୍ରତିବଦ୍ଧ ହୋଇ ଅଗ୍ରସର ହୁଅନ୍ତୁ ।

ଜଇପୁରା, ବଳଦେବ କଲୋନୀ
କେନ୍ଦ୍ରାପଡ଼ା – ୭୫୪୨୧୧

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ








# ଲଙ୍କା ଅଭିଯାନର ଭଗ୍ନ ମୁଖଶାଳା



ତାମିଲନାଡୁ ରାଜ୍ୟରେ ପମ୍ବନ ଦ୍ୱୀପର ଦକ୍ଷିଣ-ପୂର୍ବ ସୀମାନ୍ତରେ ରହିଛି ଧନୁଷ୍କୋଡ଼ି ଗ୍ରାମ । ଏହାଠାରୁ ଶ୍ରୀଲଙ୍କାର ତାଲାଇମାନାର ମାତ୍ର ୧୮ ମାଇଲ୍ ବା ୨୯ କିଲୋମିଟର । ତେବେ ଏହି ୧୮ ମାଇଲ୍ ମଧ୍ୟରେ ରହିଛି ଭାରତ ମହାସାଗର । ଭୌଗୋଳିକ ସ୍ଥିତି ଯୋଗୁ ସାମରିକ ଦୃଷ୍ଟିରୁ ଏହି କ୍ଷେତ୍ର ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହାର ଧାର୍ମିକ ମହତ୍ତ୍ୱ ମଧ୍ୟ ରହିଛି । ରାମାୟଣ ଅନୁଯାୟୀ ଲଙ୍କା ବିଜୟ ପରେ ରାମ ବିଭୀଷଣଙ୍କୁ ଲଙ୍କାର ରାଜା କରିଥିଲେ । ବିଭୀଷଣଙ୍କ ଅନୁରୋଧକ୍ରମେ ସେ ଏହି ସ୍ଥାନରେ ରାମସେତୁକୁ ଭାଙ୍ଗି ଦେଇଥିଲେ । ଏହି ସ୍ଥାନର ନାମ ରହିଛି ଧନୁଷ୍କୋଡ଼ି ଅର୍ଥାତ୍ ଧନୁଷର ଶେଷ ଅଂଶ । ରାମାୟଣର ବ୍ୟାଖ୍ୟା ଅନୁଯାୟୀ ରାମ ଶିବ ଧନୁର ଶେଷ ଅଂଶରେ ଏହି ସ୍ଥାନଟିକୁ ଚିହ୍ନଟ କରିଥିଲେ । ଏହି ସ୍ଥାନରେ ଛୋଟ ଛୋଟ ପାହାଡ଼ ଖଣ୍ଡ ଓ ସ୍ଥଳଭାଗ ଦେଖିବାକୁ ମିଳେ ସାଟେଲାଇଟ୍ ଚିତ୍ରରୁ । ତେଣୁ ଏହିଠାରେ ଯେ ରାମସେତୁ ଥିଲା ଏହାକୁ ଅସ୍ୱୀକାର କରି ହୁଏନି । ଏଥିରୁ ଜଣାପଡୁଛି ଏକଦା ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ସ୍ଥଳ ଭାଗ ଦ୍ୱାରା ଯୋଗାଯୋଗ ଥିଲା । ଏଠାରେ ରହିଛି କୋଦଣ୍ଡରାମ କୋବିଲ୍ ମନ୍ଦିର । ଏହିଠାରୁ ହିଁ ରାମ ଲଙ୍କାକୁ ଯାତ୍ରା ଆରମ୍ଭ କରିଥିଲେ ବୋଲି ମାନ୍ୟତା ରହିଛି । ତୀର୍ଥଯାତ୍ରା ଦୃଷ୍ଟିରୁ ମଧ୍ୟ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ ମଧ୍ୟ । କାରଣ ଚାରିଧାମ ଯାତ୍ରାର ଶେଷ ପର୍ଯ୍ୟାୟରେ ରାମେଶ୍ୱରମ୍ ଦର୍ଶନ କରୁଥିବା ଶ୍ରଦ୍ଧାଳୁମାନେ ଏଠାରେ ବୁଡ଼ ପକାଇବା ପରେ ହିଁ ରାମେଶ୍ୱରଙ୍କୁ ଦର୍ଶନ କରନ୍ତି । ଏଠାରେ ବଙ୍ଗୋପସାଗର ଏବଂ ଭାରତ ମହାସାଗର ମିଶିଛି । ଏଥିସହିତ ମାନ୍ୟତା ରହିଛି କାଶୀବିଶ୍ୱନାଥଙ୍କ ଦର୍ଶନ ମଧ୍ୟ ଫଳପ୍ରଦ ହୁଏନାହିଁ ଧନୁଷ୍କୋଡ଼ିରେ ସ୍ନାନ ଏବଂ ରାମେଶ୍ୱରଙ୍କ ଦର୍ଶନ ବିନା ।


ବିଶ୍ୱାସ କରାଯାଏ ସୀତା ସ୍ୱୟଂମ୍ବରରେ ରାମ ଶିବଧନୁ ଭାଙ୍ଗିବା କାରଣରୁ ପର୍ଶୁରାମ ଅସନ୍ତୁଷ୍ଟ ହୋଇଥିଲେ ଏବଂ ଏହାର ପରିଣାମ ସ୍ୱରୂପ ସୀତା ଚୋରି ହୋଇଥିଲା । ବର୍ତ୍ତମାନର ନେପାଳ ରାଜ୍ୟର ଜନକପୁରଠାରେ ଥିଲା ରାମାୟଣ ବର୍ଣ୍ଣିତ ମିଥିଳା । ରାମଚନ୍ଦ୍ର ଗୁରୁ ବିଶ୍ୱାମିତ୍ରଙ୍କ ସହ ଜନକନନ୍ଦିନୀଙ୍କ ସ୍ୱୟଂମ୍ବର ଦେଖିବାକୁ ଯାଇଥିଲେ । କିନ୍ତୁ ଯେତେବେଳେ ସେଠାରେ ଉପସ୍ଥିତ କୌଣସି ରାଜା ଶିବଧନୁରେ ଗୁଣ ଚଢ଼ାଇବାକୁ ଅସମର୍ଥ ହେଲେ ସେତେବେଳେ ଗୁରୁଙ୍କ ଆଦେଶରେ ରାମ ଶିବଧନୁରେ ଗୁଣ ଚଢ଼ାଇଲେ, ସର୍ତ୍ତ ଅନୁଯାୟୀ ସୀତାଙ୍କ ସହ ତାଙ୍କର ବିବାହ ହେଲା । ଏହି ସ୍ୱୟଂମ୍ବରରେ ରାବଣ ମଧ୍ୟ ଉପସ୍ଥିତ ଥିଲେ । ରାମଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇ ସେ ସ୍ୱୟଂମ୍ବର ମଣ୍ଡପରେ ଯୁଦ୍ଧ କରିବାକୁ ଚାହିଁଲେ । ରାମ ଏହିଠାରେ ଶିବଧନୁକୁ ଉଠାଇ ଏହାକୁ ତିନିଖଣ୍ଡ କରିଦେଲେ । ରାବଣ ସମେତ ଅନ୍ୟ ରାଜାମାନେ ଏହି ଧନୁରେ ଗୁଣ ଚଢ଼ାଇବା ଦୂରର କଥା ଏହାକୁ ଟେକିପାରିନଥିଲେ । ରାମ ଏହି ଧନୁକୁ ଅକ୍ଳେଶରେ ଭାଙ୍ଗିଦେବା ତାଙ୍କର ସାମର୍ଥ୍ୟକୁ ପ୍ରମାଣିତ କରିଥିଲା । ଏହି ଧନୁଟି ତିନିଖଣ୍ଡ ହୋଇ ତିନୋଟି ଦିଗକୁ ଚାଲିଯାଇଥିଲା । ଯେଉଁ ଅଂଶ ଭୂ-ଲୋକକୁ ଗଲା ତାହା ନେପାଳର ଧନୁଷଧାମ ନାମକ ସ୍ଥାନରେ ଏକ ଛୋଟ ମନ୍ଦିରରେ ରହିଛି । ଆଜି ପର୍ଯ୍ୟନ୍ତ ଧନୁର ଏହି ଅଂଶ ଏଠାରେ ବୃଦ୍ଧି ପାଉଥିବା ଶ୍ରଦ୍ଧାଳୁମାନେ ଅନୁଭବ



କରିଥିବା କୁହନ୍ତି । ଯେଉଁ ଅଂଶ ପାତାଳକୁ ଗଲା ତାହା ନେପାଳର ଜନକପୁରସ୍ଥିତ ଧନୁଷ୍ସାଗରରେ ପଡ଼ିଲା । ଗତ ୧୯୯୦ ମସିହା ପର୍ଯ୍ୟନ୍ତ ଧନୁଷ୍ ସାଗରରେ ଧନୁର ସେହି ଅଂଶ ପଡ଼ିଥିବା ଲୋକମାନେ ସ୍ପଷ୍ଟ ଦେଖିବାକୁ ପାଉଥିଲେ । କିନ୍ତୁ ବର୍ତ୍ତମାନ ଧନୁଷ ସାଗରରେ ପ୍ରଦୂଷଣ ବୃଦ୍ଧି ଯୋଗୁ ଏହି ଅଂଶ ଦେଖାଯାଉନାହିଁ । ଯେଉଁ ଅଂଶ ଆକାଶକୁ ଚାଲିଗଲା ତାହା ଧନୁଷ୍କୋଡ଼ିଠାରେ ପଡ଼ିଛି । ବିଶ୍ୱାସ କରାଯାଏ ବ୍ରହ୍ମଶକ୍ତି ଥିବା ଏହି ଧନୁକୁ ଭାଙ୍ଗିଥିବାରୁ ପରିଣାମ ସ୍ୱରୂପ ରାମଙ୍କୁ ସୀତାଙ୍କଠାରୁ ଅଲଗା ହେବାକୁ ପଡ଼ିଥିଲା ଏବଂ ଶେଷରେ ତାଙ୍କୁ ଉଦ୍ଧାର କରିବା ପାଇଁ ଶିବଧନୁ ପଡ଼ିଥିବା ସ୍ଥାନ ଧନୁଷ୍କୋଡ଼ିରୁ ଲଙ୍କା ଯାତ୍ରା ଆରମ୍ଭ କରିବାକୁ ହୋଇଥିଲା ।

ଧନୁଷ୍କୋଡ଼ି ଭାରତ-ଶ୍ରୀଲଙ୍କା ମଧ୍ୟରେ ଏମିତି ଏକ ସ୍ଥଳସୀମା ଯାହା ବିଶ୍ୱର ସବୁଠାରୁ କ୍ଷୁଦ୍ର ସୀମା । ଏହାର ଚଉଡ଼ା ମାତ୍ର ୪୫ ମିଟର । ଧର୍ମୀୟ ମାନ୍ୟତା ଦୃଷ୍ଟିରୁ ଚାରିଧାମ ତୀର୍ଥଯାତ୍ରାରେ ଏହା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆଗରୁ ଏହା ଏକ ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର ଥିଲା ତାମିଲନାଡୁରେ । କିନ୍ତୁ ୧୯୬୪ ମସିହାରେ ଭୀଷଣ ଚକ୍ରବାତ ଏହି କ୍ଷୁଦ୍ର ସହରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା । ସେତେବେଳେ ମଣ୍ଡପମ୍ଠାରୁ ଧନୁଷ୍କୋଡ଼ିକୁ ରେଳ ଯୋଗାଯୋଗ ଥିଲା । ଏହି ରେଳ ଲାଇନ୍ ରାମେଶ୍ୱର ସହ ସଂଯୁକ୍ତ ନଥିଲା । ଏହି ଛୋଟ ସହରରେ ରେଳ ଷ୍ଟେସନ୍ ସହ ରେଳବାଇ ହସ୍ପିଟାଲ, ସ୍କୁଲ୍, ପୋଷ୍ଟଅଫିସ୍, ବହିଃଶୁଳ୍କ ଓ ବନ୍ଦର କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟାଳୟ ଥିଲା । କିନ୍ତୁ ୧୯୬୪ ଚକ୍ରବାତ ତୋଫାନରେ ୧୦୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ସମୁଦ୍ର ମଧ୍ୟକୁ ଓଲଟି ପଡ଼ିଥିଲା । ସେବେଠାରୁ ଏହି ସୀମା ଧୀରେ ଧୀରେ ପରିତ୍ୟକ୍ତ ହୋଇଗଲା । ସେ ସମୟରେ ପର୍ଯ୍ୟଟନ ଏବଂ ବ୍ୟବସାୟର ଅନ୍ୟତମ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା ଧନୁଷ୍କୋଡ଼ି । ଏଠାରୁ ଶ୍ରୀଲଙ୍କା ଜଳପଥରେ ମାତ୍ର ୩୦ କିଲୋମିଟର ହୋଇଥିବାରୁ ଧନୁଷ୍କୋଡ଼ି ଏବଂ ଶ୍ରୀଲଙ୍କାର ତାଲାଇମାନାର ମଧ୍ୟରେ ଅନେକ ଜାହାଜ ଚଳାଚଳ କରୁଥିଲା । ପର୍ଯ୍ୟଟକ, ତୀର୍ଥଯାତ୍ରୀ ଏବଂ ମାଲ୍ ପରିବହନ ପାଇଁ ଅନେକ ଜାହାଜ ଚାଲିଥିଲା ଏଠାରେ । ଏହାକୁ ସହଯୋଗ ଦେବା ପାଇଁ ଅନେକ ହୋଟେଲ୍, ଧର୍ମଶାଳା ମଧ୍ୟ ଖୋଲିଥିଲା । ମୁଖ୍ୟତଃ ଶ୍ରୀଲଙ୍କାରୁ ଆସୁଥିବା ମସଲା ଏବଂ ଲୁଗାପଟାର ଅନେକ ଦୋକାନ ଥିଲା ଏଠାରେ । କିନ୍ତୁ ତୋଫାନ ପରଠାରୁ ସହରଟି ଧ୍ୱଂସସ୍ତୁପ ପାଲଟି ଯିବାରୁ ଧୀରେ ଧୀରେ ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରୀମାନେ ମଧ୍ୟ ଏଠାରୁ ମୁହଁ ଫେରାଇନେଲେ ।





ଏହାପରେ ଶ୍ରୀଲଙ୍କାରେ ତାମିଲ ଉଗ୍ରବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧିପାଇବା କାରଣରୁ ଏବଂ ତାମିଲନାଡୁ ସହ ସେମାନେ ସାଂସ୍କୃତିକ ଭାବରେ ସଂଯୁକ୍ତ ଥିବାରୁ ଏହି ଅଞ୍ଚଳ ଏଲ୍‌ଟିଟିଇ ଉଗ୍ରବାଦୀଙ୍କ ଗମନାଗମନ ଭାବରେ ବ୍ୟବହାର ହେବାରୁ ଜାହାଜ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା । କ୍ରମେ ଏହା ଶୁନ୍‌ସାନ ହେବାରେ ଲାଗିଲା । ବର୍ତ୍ତମାନ ଏହାକୁ ପରିତ୍ୟକ୍ତ ସହର ଭାବରେ ଗଣନା କରାଯାଉଛି । କାରଣ ଏଠାରେ ସୂର୍ଯ୍ୟାସ୍ତ ପରେ ଭ୍ରମଣ କରିବା ମନା । ପର୍ଯ୍ୟଟକମାନେ ଦିନରେ ଏହି ସ୍ଥାନକୁ ଯାଆନ୍ତି, କିନ୍ତୁ ସନ୍ଧ୍ୟା ହେବା ପୂର୍ବରୁ ରାମେଶ୍ୱରମ୍ ଫେରିଆସନ୍ତି । କାରଣ ଏଠାରୁ ରାମେଶ୍ୱରମ୍ ପର୍ଯ୍ୟନ୍ତ ୧୫ କିଲୋମିଟର ରାସ୍ତା ଏକଦମ୍ ଶୁନ୍‌ସାନ, ଭୟଙ୍କର ଏବଂ ରହସ୍ୟମୟ । ତେବେ ଗତ କିଛିବର୍ଷ ହେବ ଏଠାରେ ପୁଣିଥରେ ପର୍ଯ୍ୟଟନ ଆରମ୍ଭ ହୋଇଛି । ଭାରତୀୟ ନୌସେନା ଏଠାରେ ନିଜର ଏକ ପୋଷ୍ଟ ସ୍ଥାପନ କରିଛି । ଏଠାରେ ହିନ୍ଦ ମହାସାଗର ଏବଂ ବଙ୍ଗୋପସାଗରର ସଙ୍ଗମସ୍ଥଳକୁ ଦେଖିବା ପାଇଁ ଏବଂ ଏଠାରେ ସ୍ନାନ ପାଇଁ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଆସୁଛନ୍ତି । ହିନ୍ଦ୍ ମହାସାଗର ଏଠାରେ ଗଭୀର ଏବଂ ଅଶାନ୍ତ । ଅପରପକ୍ଷେ ବଙ୍ଗୋପସାଗର ଏଠାରେ ଅଗଭୀର ଏବଂ ଶାନ୍ତ । ବଙ୍ଗୋପସାଗର ଅଂଶରେ ଆପଣ ରଙ୍ଗିନ୍ ପ୍ରବାଳ ମାଛ, ସାମୁଦ୍ରିକ ଶୈବାଳ, ଷ୍ଟାରଫିସ୍ ଏବଂ ସମୁଦ୍ର କାକୁଡ଼ି ଆଦିକୁ ଖୁବ୍ ନିକଟରୁ ଦେଖିପାରିବେ ।



ଏହି ସ୍ଥାନର ଆଉ ଏକ ଐତିହାସିକ ଏବଂ ଧାର୍ମିକ ମହତ୍ତ୍ୱ ମଧ୍ୟ ଅଛି । ଆମେରିକାର ଚିକାଗୋ ସହରରେ ବିଶ୍ୱ ଧର୍ମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ୧୮୯୭ ମସିହା ଜାନୁଆରୀ ମାସରେ ଭାରତ ଫେରିବା ସମୟରେ ଏହି ଦ୍ୱୀପରେ ହିଁ ସ୍ୱାମୀ ବିବେକାନନ୍ଦ ଓହ୍ଲାଇଥିଲେ ।

ଆଗରୁ ପମ୍ବନ୍ ଏବଂ ଧନୁଷ୍କୋଡ଼ି ମଧ୍ୟରେ ରେଳ ଯୋଗାଯୋଗ ଥିଲା ଏବଂ ନିୟମିତ ପାସେଞ୍ଜର ଟ୍ରେନ୍ ଚଳାଚଳ କରୁଥିଲା । କିନ୍ତୁ ୧୯୬୪ ବାତ୍ୟା ପରେ ଏହି ରେଳଲାଇନ୍ ନଷ୍ଟ ହୋଇଗଲା । କିଛି ଅଂଶ ଉପରେ ଏବେବି ବାଲି ଜମା ହୋଇ ରହିଛି ।

ବର୍ତ୍ତମାନ ଏହି କ୍ଷେତ୍ରରେ ପର୍ଯ୍ୟଟନର ପୁନରୁଦ୍ଧାର ହୋଇଥିଲେ ବି ଏପର୍ଯ୍ୟନ୍ତ ଅନେକ ଘଟଣା ରହସ୍ୟ ଭିତରେ ଥିବାରୁ ସନ୍ଧ୍ୟା ପରେ ଏଠାରେ ରହିବାକୁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଏ । ବର୍ତ୍ତମାନ ଧନୁଷ୍କୋଡ଼ିରେ ବିଦ୍ୟୁତ୍ ସଂଯୋଗ ନାହିଁ । କିନ୍ତୁ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ଅଛନ୍ତି



ଏଠାରେ । ବର୍ତ୍ତମାନ ଦୈନିକ ପ୍ରାୟ ୫୦୦ ତୀର୍ଥଯାତ୍ରୀ ଧନୁଷ୍କୋଡ଼ିରେ ବୁଡ଼ ପକାଇବାକୁ ଆସୁଛନ୍ତି । ଉତ୍ସବ ସମୟରେ ବିଶେଷ କରି ପୂର୍ଣ୍ଣିମା ଏବଂ ଅମାବାସ୍ୟାରେ ଏହି ସଂଖ୍ୟା ଅଧିକ । ରାମେଶ୍ୱରମ୍‌ଠାରୁ କୋଦଣ୍ଡରାମ କୋବିଲ୍ ମନ୍ଦିର ପର୍ଯ୍ୟନ୍ତ ନିୟମିତ ସରକାରୀ ବସ୍ ସେବା ରହିଛି । ଅନ୍ୟ ସ୍ଥାନଗୁଡିକ ଦେଖିବା ପାଇଁ ଘରୋଇ କାର୍ ବା ଭ୍ୟାନ୍ ଉପରେ ନିର୍ଭର କରିବାକୁ ପଡେ ।

ଧନୁଷ୍କୋଡ଼ିର ଦକ୍ଷିଣ-ପୂର୍ବ ସୀମାନ୍ତକୁ ଆରିଚୁମୁନାଇ ବା କ୍ଷୟସ୍ଥଳ ବୋଲି କୁହାଯାଏ । ଏହିଠାରୁ ସମୁଦ୍ରରେ ସଂପୂର୍ଣ୍ଣ ବା ଆଂଶିକ ଭାବରେ ବୁଡ଼ି ରହିଥିବା ପାହାଡ଼ ଏବଂ ଦ୍ୱୀପର ଶୃଙ୍ଖଳ ଲାଗି ରହିଛି । ସାଟେଲାଇଟ୍ ଚିତ୍ରରେ ଏହା ଏକ ସେତୁ ପରି ମନେ ହୁଏ । ଏହି ଶୃଙ୍ଖଳ ଶ୍ରୀଲଙ୍କାର ମାନାର ଦ୍ୱୀପ ପର୍ଯ୍ୟନ୍ତ ଲାଗି ରହିଛି । ବିଶ୍ୱାସ କରାଯାଏ ୧୪୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ସେତୁ ଅକ୍ଷୁଣ୍ଣ ଥିଲା ଏବଂ ପାଦରେ ଚାଲି ଏହାକୁ ଅତିକ୍ରମ କରି ହେଉଥିଲା । କିନ୍ତୁ ଏହି ବର୍ଷ ଆସିଥିବା ଏକ ଭୀଷଣ ସାମୁଦ୍ରିକ ଚକ୍ରବାତ ସେତୁଟିକୁ ନଷ୍ଟ କରିଦେଇଥିଲା ।

---

# ମନୋଲୋଭା ଚେହେରାର ଚାବିକାଠି

ଆପଣ ମଧ୍ୟ ସାମାନ୍ୟ ଚେଷ୍ଟାରେ ନିଜ ଶରୀରକୁ ଖୁବ୍ ମନୋଲୋଭା କରିପାରିବେ । କେବଳ ମୁହଁଟି ସୁନ୍ଦର ହେଲେ ଯେ ଜଣେ ସୁନ୍ଦର ବା ସୁନ୍ଦରୀ ଭିତରେ ଗଣତି ହେବ ସେଭଳି ଯୁଗ ଆଉ ନାହିଁ । ଶରୀରର ଭାଗମାପ ସନ୍ତୁଳିତ ନ ରହିଲେ ଜଣେ ଆଜିକାଲି ସୁନ୍ଦର ପୁରୁଷ ବା ନାରୀ ତାଲିକାରୁ ବାଦ୍ ପଡ଼ିଯାଉଛି । ତା'ହେଲେ ନିଜ ଶରୀରକୁ ସଠିକ୍ ଭାଗମାପରେ ସଜାଡ଼ିବେ କେମିତି? ନିୟମିତ ଶରୀରଚର୍ଯ୍ୟା ସହିତ ଖାଦ୍ୟପେୟରେ ସଞ୍ଜମତା ଏବଂ ଖାଦ୍ୟପେୟର ଉପଯୁକ୍ତ ଚୟନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ । ତା'ହେଲେ ଆସନ୍ତୁ ଦେଖିବା ଏକ ସୁନ୍ଦର, ସୁଠାମ ଏବଂ ମନୋଲୋଭା ଶରୀର ପାଇଁ ଆମେ କେଉଁ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବା । ଶରୀରର ସୁସ୍ଥତା ପାଇଁ, ଶରୀରକୁ ଫିଟ୍ ରଖିବା ପାଇଁ ଖାଦ୍ୟରେ ସବୁ ପୋଷକତତ୍ତ୍ୱ ସାମିଲ ହେବା ଆବଶ୍ୟକ । ଉଚିତ୍ ପରିମାଣରେ ଉଚିତ୍ ପୋଷକତତ୍ତ୍ୱ ଶରୀରର ସୁସ୍ଥତା ପାଇଁ ଜରୁରୀ । ଉପଯୁକ୍ତ ପୋଷକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବା ସହ ମାଂସପେଶୀକୁ ମଧ୍ୟ ସୁନ୍ଦର ଓ ସୁଠାମ କରେ । ତେଣୁ କେଉଁ ପୋଷକତତ୍ତ୍ୱ କେତେ ମାତ୍ରାରେ ଖାଦ୍ୟରେ ରହିବା ଆବଶ୍ୟକ ଏ କଥା ଜାଣିବା ଦରକାର ।

### ମାଛ ତେଲ

ଏହା ଶରୀରର ମାଂସପେଶୀରେ ରକ୍ତପ୍ରବାହ କରାଏ । ମାଂସପେଶୀରେ ପ୍ରୋଟିନ୍ ବିଘଟନକୁ ମଧ୍ୟ କମ୍ କରେ । ମାଛ ତେଲରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ମାଂସପେଶୀକୁ ମଜବୁତ୍ କରେ । ଏହା ଇନ୍‌ସୁଲିନ୍ ସମ୍ବେଦନଶୀଳତା ବଢାଇ ଡାଇବେଟିସ୍ ରୋକିବାରେ ସାହାଯ୍ୟ କରେ । ଆମେରିକାନ୍ ହାର୍ଟ ଆସୋସିଏସନ୍‌ର ସୂଚନା ଅନୁଯାୟୀ ପ୍ରତି ସପ୍ତାହରେ



ସାଲମନ୍, ମେକେରଲ୍ ବା ସାର୍ଡିନ ମାଛ ୩.୫ ଆଉନ୍ସ ଖାଇବା ଦରକାର । ଯଦି ମାଛ ଖାଇନପାରିବେ ତା'ହେଲେ ୧୦୦୦-୩୦୦୦ ମିଲିଗ୍ରାମ୍ ଫିଶ ଅଏଲ୍ କ୍ୟାପସୁଲ ଖାଆନ୍ତୁ । ଯଦି ଆପଣ ସମ୍ପୂର୍ଣ୍ଣ ଶାକାହାରୀ ତେବେ ପେଶ୍ତ, ଅଖରୋଟ୍, ଭାଙ୍ଗ ମଞ୍ଜି ଖାଇପାରିବେ । ଏଥିରୁ ମଧ୍ୟ ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ମିଳିବ ।



### ଭିଟାମିନ୍ 'ସି'

ଅଧିକାଂଶ ଫଳ ଓ ପନିପରିବାରେ ଭିଟାମିନ୍ 'ସି' ମିଳେ । ଏହା ରକ୍ତ ଧମନୀ ପାଇଁ ଲାଭଜନକ । ଭିଟାମିନ୍ 'ସି' ଦ୍ୱାରା ମାଂସପେଶୀକୁ ଅମ୍ଳଜାନ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ମିଳିଥାଏ । ଏହା ମାଂସପେଶୀକୁ ଦୃଢ଼ କରି ଭିଟାମିନ୍ 'ସି'ରୁ କୋଲେଗନ୍ ତିଆରି ହୁଏ ଯାହା ଶରୀରର ହାଡ଼ ଓ



ମାଂସପେଶୀ ତିଆରି କରେ । ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥର ସୁପାରିଶ ଅନୁଯାୟୀ ପ୍ରତି ବ୍ୟକ୍ତି ପାଇଁ ଦୈନିକ ୭୫ ମିଲିଗ୍ରାମ ଭିଟାମିନ୍ 'ସି' ଆବଶ୍ୟକ । ଏହା ଗୋଟିଏ ମଧ୍ୟମ ଆକାରର କମଳା, ଲାଲ୍ କ୍ୟାପ୍‌ସିକମ୍‌ରୁ ଫାଳେ ବା କପେ ଷ୍ଟ୍ରବେରୀରୁ ମିଳିପାରିବ ।

### କ୍ୟାଲ୍‌ସିୟମ୍

ଏହା ଶରୀରର ହାଡ଼ ଓ ମାଂସପେଶୀକୁ ମଜଭୁତ କରେ । କ୍ୟାଲ୍‌ସିୟମ୍‌ର ଅଭାବରେ ଓଷ୍ଟିଓ



ପୋରୋସିସ୍ ନାମକ ରୋଗ ଦେଖାଦିଏ ଯାହା ହାଡ଼ ଦୁର୍ବଳ ହୁଏ, ସାମାନ୍ୟ ଆଘାତରେ ଭାଙ୍ଗିଯାଏ । ଦୈନିକ ୧୨୦୦ ମିଲିଗ୍ରାମ୍ କ୍ୟାଲ୍‌ସିୟମ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ଏହାକୁ ଆପଣ ଦୁଗ୍ଧ, ଦୁଗ୍ଧଜାତ ଖାଦ୍ୟ, ସବୁଜ ପନିପରିବା ଓ କ୍ୟାଲ୍‌ସିୟମ୍ ସପ୍ଲିମେଣ୍ଟରୁ ପାଇପାରିବେ । ଯଦି ଆପଣ କ୍ୟାଲ୍‌ସିୟମ୍ ଟାବଲେଟ୍ ଖାଉଛନ୍ତି ତେବେ ଭିଟାମିନ୍ ଡି' ଯୁକ୍ତ କାଲ୍‌ସିୟମ୍ ଟାବଲେଟ୍ ଖାଆନ୍ତୁ । ଭିଟାମିନ୍ ଡି' କ୍ୟାଲ୍‌ସିୟମ୍‌କୁ ହାଡ଼ ଦ୍ୱାରା ଶୋଷଣ କରାଇବ । ଆପଣ ଦୈନିକ ୫୦୦ରୁ ୬୦୦ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଟାବଲେଟ୍ ଖାଇବା ଦରକାର ।

### ମ୍ୟାଗ୍ନେସିୟମ୍

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଅଧିକାଂଶ ମହିଳା ଆବଶ୍ୟକ ପରିମାଣର ମାଗ୍ନେସିୟମ୍ ଗ୍ରହଣ କରିନଥାନ୍ତି । ଏହାର ପରିଣାମ ହୋଇଥାଏ ରକା ପଶିବା ଏବଂ ମାଂସପେଶୀ ଯନ୍ତ୍ରଣା ହେବା । ମ୍ୟାଗ୍ନେସିୟମ୍ ମାଂସପେଶୀ ପାଇଁ ଖୁବ୍ ଜରୁରୀ । ପର୍ଯ୍ୟାନ୍ତ ପରିମାଣରେ ମ୍ୟାଗ୍ନେସିୟମ୍ ଓଜନ ଉଠାଇବା ବେଳେ ମାଂସପେଶୀରେ ସମସ୍ୟା ଆଣେ ନାହିଁ ।


ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥର ସୁପାରିଶ ଅନୁଯାୟୀ ପ୍ରତିଦିନ ଜଣେ ସାଧାରଣ ବ୍ୟକ୍ତି ପାଇଁ ୩୧୦ ରୁ ୩୨୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ୍ ଦରକାର । ଯଦି ଆପଣ ଅଧିକ ଭାରି କାମ କରନ୍ତି ତା'ହେଲେ ୪୦୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ୍ ଆବଶ୍ୟକ ପ୍ରତିଦିନ । ପାଳଙ୍ଗ ଶାଗ, ବାଦାମ ଓ ଅଙ୍କୁରିତ ଶସ୍ୟର ପ୍ରଚୁର ପରିମାଣରେ ମ୍ୟାଗ୍ନେସିୟମ୍ ଥାଏ ।

### ଭିଟାମିନ୍ 'ବି'

ଭିଟାମିନ୍ ବି-୧, ବି-୨, ବି-୩ ଓ ବି-୧୨ର ସମୁହ ହେଉଛି ଭିଟାମିନ୍ ବି । ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଏଥିସହ ମାଂସପେଶୀକୁ ମଜବୁତ କରିବାରେ ମଧ୍ୟ ସହଯୋଗୀ । ଭିଟାମିନ୍ ବି' ପ୍ରୋଟିନ୍ ସଂଶ୍ଳେଷଣ ଓ ଶକ୍ତି ଉତ୍ପାଦନ ଠାରୁ ଆରମ୍ଭ କରି ସ୍ନାୟୁ ପ୍ରଣାଳୀକୁ ମଧ୍ୟ ମଜବୁତ କରେ ।



ଭିଟାମିନ୍ ବି'ର ସବୁ ତତ୍ତ୍ୱ ଶସ୍ୟ, ଅଣ୍ଡା, ମାଂସ, ବାଦାମ, ବାଦାମ ଜାତୀୟ ଖାଦ୍ୟ ଓ ସବୁଜ ପତ୍ର ଯୁକ୍ତ ପନିପରିବାରୁ ମିଳେ । କେବଳ ବି-୧୨ ଆମିଷରୁ ମିଳେ । ଶାକାହାରୀମାନେ ବି-୧୨ ପାଇଁ ସପ୍ଲିମେଣ୍ଟ ଖାଇବା ଆବଶ୍ୟକ । ଦୈନିକ ୨.୪ ମାଇକ୍ରୋ ଗ୍ରାମ୍ ବି-୧୨ ଥିବା ଟାବ୍‌ଲେଟ୍ ଖାଇପାରିବେ ।



### ଭିଟାମିନ୍ 'ଡି'

ଚିକିତ୍ସକମାନଙ୍କ ମତ ସୂର୍ଯ୍ୟ କିରଣ ହାଡ଼ ଓ ମାଂସପେଶୀ ପାଇଁ ଖୁବ୍ ଜରୁରୀ । କାରଣ ଏଥିରୁ ଭିଟାମିନ୍ ଡି' ପ୍ରଚୁର ପରିମାଣରେ ମିଳେ । ଭିଟାମିନ୍ ଡି' ରୋଗ ସହ ଲଢ଼ିବାର କ୍ଷମତା ବଢ଼ାଏ । ମାଂସପେଶୀଗୁଡିକର ସଙ୍କୋଚନ, ବିକାଶ ଓ କ୍ରିୟାଶୀଳତା ପାଇଁ ଭିଟାମିନ୍ ଡି' ଜରୁରୀ । ଜଣେ ସାଧାରଣ ବ୍ୟକ୍ତି ପାଇଁ ଭିଟାମିନ୍ ଡି'ର ୪୦୦୦ରୁ ୬୦୦୦ ଇଣ୍ଟରନ୍ୟାସନାଲ ୟୁନିଟ୍ ଆବଶ୍ୟକ । ଆପଣ ରକ୍ତରେ ଭିଟାମିନ୍-ଡି'ର ପରିମାଣ ପାଞ୍ଚ କରାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଉଚିତ୍ ।

### ଭିଟାମିନ୍ 'ଇ'

ଅଧିକ ପରିଶ୍ରମ ଦ୍ୱାରା କୋଷଝିଲ୍ଲୀ ନଷ୍ଟ ହୁଏ । ଭିଟାମିନ୍ 'ଇ'ର ଆଣ୍ଟି ଅକ୍ସିଡେଣ୍ଟ ଏହି କ୍ଷତି ଭରଣା କରେ । ଦୈନିକ ସକାଳେ ମୁଠାଏ ବାଦାମ ଖାଇଲେ ଶରୀରରେ ଭିଟାମିନ୍ 'ଇ'ର ଆବଶ୍ୟକତା ପୂରଣ ହୁଏ । ବାଦାମରୁ ଭିଟାମିନ୍ 'ଇ' ସହ ପ୍ରୋଟିନ୍, ଫ୍ୟାଟ୍ ଓ ଫାଇବର ମଧ୍ୟ ଉପଯୁକ୍ତ ମାତ୍ରାରେ ମିଳେ । ଦୈନିକ ୧୫ ମିଲିଗ୍ରାମ୍ ଭିଟାମିନ୍ 'ଇ' ମଧ୍ୟମ ଧରଣର ପରିଶ୍ରମ କରୁଥିବା ବ୍ୟକ୍ତି ପାଇଁ ଯଥେଷ୍ଟ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୮ ମାର୍ଚ୍ଚ ୨୦୨୬ । ବୁଧବାର

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ମାହାଙ୍ଗା, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଧଉଳିଆ ପରିସରରେ ମୂଳବସନ୍ତ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କ୍ଲଷ୍ଟର ସଂଯୋଜକ ଅରୁଣ କୁମାର ନାୟକ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିବା ସହ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ବେହୁରା, ଅନୁ ସଂଗୀତା ଦଳାଇ, ଦ୍ରୌପଦୀ ମହାପାତ୍ର, ସନ୍ଧ୍ୟାରାଣୀ ଦାସ, ପିନାକୀନୀ ଦାଶ, ସସ୍ମିତା ଦାସ, ଆରତୀ ସେନାପତି, ମମତା ସାମଲ, ନିହାର ରଂଜନ ବିଶ୍ୱାଳ, ସଂଜୀବ କୁମାର ଦେବଗମ, ରଞ୍ଜନ କୁମାର ସେଠୀ, ଅରୁଣ କୁମାର ନାୟକ, ବିସ୍ମିତା ବରାଳ, ସୁବର୍ଣ୍ଣ ମଞ୍ଜରୀ ମଲିକଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

## ଅଣତାଲିମ ପ୍ରାପ୍ତ କାଉନସେଲରଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

**ବୈଶିଙ୍ଗା, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସ୍ତରୀୟ କନିଷ୍ଠ ରେଡକ୍ରସ ଅଣତାଲିମପ୍ରାପ୍ତ କାଉନସେଲରଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ମୟୁରଭଞ୍ଜ ଜିଲ୍ଲା ଆନୁକୂଲ୍ୟରେ ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ତ୍ରି-ଦିବସୀୟ ପ୍ରଶିକ୍ଷଣ ଶିବିରକୁ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ରେଡ଼କ୍ରସ୍‌ର ମୂଳମନ୍ତ୍ର ବିଷୟରେ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରେଡ଼କ୍ରସ୍‌ର ରାଜ୍ୟର ବରିଷ୍ଠ ସାଧନ କର୍ମୀ ବାମନ ଚରଣ ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗଦେଇ ରେଡ୍ କ୍ରସ୍‌ର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଭଦ୍ରକ ଜିଲ୍ଲାର ବରିଷ୍ଠ ସାଧନ କର୍ମୀ ସୋମନାଥ ନାୟକ, ଜିଲ୍ଲା ଓସ୍ତାର ସଭାପତି ଚିତ୍ତ ରଞ୍ଜନ ପଲତା, ପ୍ରାଥମିକ ଚିକିତ୍ସା ସାଧନ ପ୍ରଶିକ୍ଷକ ସତ୍ୟ ନାରାୟଣ ଦାଶ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ମୂଲ୍ୟବାନ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ସାଧନ କର୍ମୀ ଉମାକାନ୍ତ ବେହେରା ସଂଯୋଜନା କରିଥିଲା ବେଳେ ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ହରିଶ ଚନ୍ଦ୍ର ରାଉତ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାଏକ, ବଂଶୀଧର ଗିରି ଓ ଶୁଭାଶିଷ ପଣ୍ଡା ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଜଗତସିଂହପୁର, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ.ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୯୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୩ଟି, ଭତ୍ତା ପାଇବା ପାଇଁ ୫ଟି, ପୋଲିସ ସହାୟତା ପାଇବା ପାଇଁ ୬ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜାଙ୍କ୍ୟା ମାଣେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ଜଗତସିଂହପୁର ପୌର ପରିଷଦ ସୀମା ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

## ପ୍ରଥମ ମହିଳା ସରପଞ୍ଚ ସୂର୍ଯ୍ୟମଣି ମହାପାତ୍ରଙ୍କ ପରଲୋକ

**ପୁରୀ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

କୁରୁଜଙ୍ଗ ପଞ୍ଚାୟତର ପ୍ରଥମ ପୂର୍ବତନ ମହିଳା ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ସୂର୍ଯ୍ୟମଣି ମହାପାତ୍ରଙ୍କର ପରଲୋକ ଘଟିଛି । ମଙ୍ଗଳବାର



ଭୋର ୫ ଘଟିକା ସମୟରେ ନିଜ ବାସଭବନରେ ୯୪ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଜଣେ ମହିୟସୀ, ଦୟାଳୁ ଏବଂ ପରୋପକାରୀ ମହିଳା ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ସେ ତାଙ୍କ ସମସ୍କନ୍ଧ ବୟସର ଶେଷ ପିଢ଼ିର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ ।

ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ପୁଅ ପ୍ରଫୁଲ୍ଲ କୁମାର ମହାପାତ୍ର, ତ୍ରିଭୁବନ, ପ୍ରମୋଦ ଓ ପ୍ରସନ୍ନ, ଚାରି ବୋହୂ ସ୍ୱର୍ଣ୍ଣଲତା, ମଞ୍ଜୁବାଳା, ବନ୍ଦନା ଓ ମୀରା, ଝିଅ ପ୍ରମିଳାଙ୍କ ସମେତ ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର କୁରୁଜଙ୍ଗ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି । ଶତାଧିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା । ସେଠାରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ଭଳି ଜଣେ ଆଦର୍ଶ ଜନପ୍ରତିନିଧିଙ୍କ ହରାଇ ସ୍ଥାନୀୟ ଅଞ୍ଚଳବାସୀ ଜଣେ ପ୍ରକୃତ ଅଭିଭାବକଙ୍କୁ ହରାଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଜୟପୁରରେ ଜବରଦଖଲ ଉଚ୍ଛେଦ

**ଜୟପୁର, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁର ପୌରାଞ୍ଚଳର ଲିଙ୍ଗରାଜ ନଗର ଝୁପୁଡି ଲାଇନ ଓ ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନରେ ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ । ପୌରପାଳିକା ଜାଗାରେ ଜବର ଦଖଲ କରି ୩ଟି ଘର କରିଥିଲେ । ସେହିପରି ଖ୍ରୀଷ୍ଟିଆନପେଟା ୪ର୍ଥ ଗଳିରେ ପୌର ପାଳିକା ଜାଗାରେ ନବ ନିର୍ମିତ ଘର ନିର୍ମାଣ କରୁଥିବା ବେଳେ ସାହି ବାସିନ୍ଦାଙ୍କ ଅଭିଯୋଗ ପାଇ ପୌର ପାଳିକା ଉଚ୍ଛେଦ କରିଛି । ବାରମ୍ବାର ନୋଟିସ ତାଗିଦ ପରେ ମଧ୍ୟ ସେମାନେ ହଟିନଥିଲେ । ଏନେଇ ଜୟପୁର ପୌର ପାଳିକା ପହଞ୍ଚି ଜେସିବି ଦ୍ୱାରା ଉଚ୍ଛେଦ କରିଛି । ଉଚ୍ଛେଦ ସମୟରେ ଅତିରିକ୍ତ ପୌର କାର୍ଯ୍ୟ ନିର୍ବାହି ଅଧିକାରି ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ଅମିନ ଅଭିନାସ ସାନ୍ତାପାତ୍ର, ଶୁଭସ୍ମିତା ଜେନା, ସେନିଟାରି ନିରିକ୍ଷକ ସତ୍ୟ ନାରାୟଣ ପାତ୍ର, ଜମାଦାର ପି ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍କୁଲରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

**ମାର୍ଶାଘାଇ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ମହାକାଳପଡା ବ୍ଲକ ତିଖିରୀ ସରକାରୀ ୟୁପି ସ୍କୁଲରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଚୋରମାନେ ସ୍କୁଲ ଘର ତାଲା ଭାଙ୍ଗି ମଧ୍ୟାହ୍ନଭୋଜନ ଚାଉଳ ୮ବସ୍ତା, ଅଣ୍ଡା ଦୁଇ କର୍ଟୁନ, ଷ୍ଟାଣ୍ଡ ଫ୍ୟାନ ୨, ଲିନୋଭା ଥିଙ୍କ ପ୍ୟାଡ ସିପିୟୁ ୧ଟଅ, କମ୍ପ୍ୟୁଟର ମନିଟର ୬ଟା, ଏଚ୍‌ପି ପ୍ରିଣ୍ଟର ୧ଟା, ଏନଭେଟର ୧ଟା, ବ୍ୟାଟେରୀ ୧ଟା, କିବୋର୍ଡଅ ୫ଟା, ମାଉସ ପାଞ୍ଚଟା, କ୍ୟାରମ ବୋର୍ଡ ଅଟା ଓ ଖେଳ ସାମଗ୍ରୀ ୧ବସ୍ତା ଚୋରି ହୋଇଥିବା ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ମାହାଳୀ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ସ୍କୁଲରେ ରବିବାର ଉଲ୍ଲାସ ପରୀକ୍ଷା ହେଉଥିବା ବେଳେ ପରୀକ୍ଷା ସରିଲା ପରେ ତାଲା ପକାଇ ସମସ୍ତେ ଯାଇଥିଲେ । ସୋମବାର ସାଢେ ନଅଟା ସମୟରେ ସହକାରୀ ଶିକ୍ଷକ ସ୍କୁଲ ଖୋଲିବାକୁଯାଇଥିବା ବେଳେ ଦେଖିଲେ ତାଲା ଭଙ୍ଗା ହୋଇଥିବା ବେଳେ ସ୍କୁଲ ଖୋଲା ପଡିଛି । ଯାହାକୁ ନେଇ ପ୍ରଧାନ ଶିକ୍ଷୟତ୍ରୀଙ୍କ ଅଭିଯୋଗ ପରେ ମାର୍ଶାଘାଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି ।

## ପତ୍ନୀଙ୍କୁ ହତ୍ୟା ଉଦ୍ୟମ, ପତି ଜେଲ ହାଜତରେ

**ଦିଗପହଣ୍ଡି, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମର ବୁଡୁ ବେହେରା ତାଙ୍କ ସ୍ତ୍ରୀ ସୁଶୀଳା ବେହେରାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ସୁଶୀଳାଙ୍କ ସ୍ୱାମୀ ବୁଡୁଙ୍କୁ ତଦନ୍ତକାରୀ ଅଧିକାରୀ ସୋଫିଆ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଥାନା ମାମଲା ନଂ.୧୧୩/୨୬ ଭାରତୀୟ ନ୍ୟାୟ ସଂହିତାର ଧାରା– ୮୫/୨୯୬/୧୧୫(୨)/ ୧୧୭(୨)/୩୫୧(୨)/ ୧୦୯ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ଗତ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁଶୀଳା ଘର ବାରି ପଟେ ବାସନ ମାଜୁଥିବା ବେଳେ ସ୍ୱାମୀ ବୁଡୁ ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାଡ଼ ମାରି ତଳେ ପକାଇ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ । ପରେ ତାଙ୍କୁ ଚୁଟି ଧରି ଘୋଷାଡି ଘର ସମ୍ମୁଖକୁ ନେଇ ସେଠାରେ ଅସଦାଚରଣ କରିବା ସହ ଏକ ଶାବଳରେ ଭୁସି ଦେବାକୁ ଉଦ୍ୟମ କରିଥିଲେ । ବଡ଼ ପୁଅ ତାଙ୍କୁ ଛଡ଼ାଇବାକୁ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ ମାରିଦେବାକୁ ଧମକ ଦେଇଥିଲେ । ମୋବାଇଲ ଫୋନକୁ ଛଡାଇ ନେଇଥିଲେ । ଘଟଣାର ପରଦିନ ସୁଶୀଳା ଥାନାରେ ଏତଲା ଦେଇଥିଲେ । ଆଇଆଇସି କିଶୋର କୁମାର ସାମଲ ଏତଲାକୁ ଭିତ୍ତି କରି ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ ।

## ବାପା ପରେ ଜଳିଲା ପୁଅର ଜୁଇ

**ଢେଙ୍କାନାଳ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଏମିତି ବି ଆସେ ମୃତ୍ୟୁ । ବାପାକୁ ମୁଖାଗ୍ନି ଦେବା ପରେ ଚାଲିଗଲା ପୁଅ । ନିଆଁ ଦେଇ ପୋଖରୀରେ ଗାଧଇବାବେଳେ ବୁଡି ମୃତ୍ୟୁ । ଢେଙ୍କାନାଳ ସହରର କୋରିଆରେ ନଜର ଆସିଛି ଏପରି ଘଟଣା । ଆଉ ବାପାର ଜୁଇ ଜଳିବା ପରେ ଜଳିଛି ପୁଅର ଜୁଇ । ସେପଟେ ଘଟଣା ପରେ ଶୋକରେ ବୁଡିଯାଇଛି ପରିବାର ।

ସୂଚନାଥାଉକି, କୋରିଆଁ ସୁଶାନ୍ତ ସାହୁଙ୍କ ବାପାଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ସକାଳେ ମୃତ୍ୟୁ ହୋଇଥିଲା । ତେବେ ବାପାଙ୍କୁ ଗାଁ ଶ୍ମଶାନରେ ଶବ ଦାହ ପାଇଁ ମୁଖାଗ୍ନି ଦେଲେ ସୁଶାନ୍ତ । ପରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ୪୫ବର୍ଷୀୟ ସୁଶାନ୍ତ । ପୋଖରୀରେ ବୁଡିଯାଇଥିଲେ ସୁଶାନ୍ତ ।

ଗ୍ରାମବାସୀ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ପରେ ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏପରି ଅଭାବନୀୟ ଘଟଣାକୁ ନେଇ କୋରିଆଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବାରୁଣୀ ମେଳାକୁ ସରକାରୀ ମାନ୍ୟତା ଦାବି



**ଯାଜପୁର, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଶା ନକ୍ଷତ୍ର ଦିନ ଯାଜପୁରର ପ୍ରସିଦ୍ଧ ଦଶାଶ୍ୱମେଧ ଘାଟରେ ବାରୁଣୀ ମେଳା ବା ସ୍ନାନ ଯୋଗ ପଡ଼ିଥାଏ । ଏହିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଆସି ଦଶାଶ୍ୱମେଧଘାଟରେ ସ୍ନାନ ତର୍ପଣ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥାଆନ୍ତି । ଏହିଭଳି ଏକ ମହତ୍ ତଥା ଶାସ୍ତ୍ରୀୟମତ ଆଧାରକୁ କରି ଏହି ମେଳାକୁ ଧର୍ମଜାଗରଣ ସମନ୍ୱୟସମିତି ପକ୍ଷରୁ ବୈତରଣୀ କୁମ୍ଭମେଳା ସ୍ୱରୂପ ଦୀର୍ଘବର୍ଷ ହେବ ସେମାନଙ୍କର ଧାର୍ମିକ କାର୍ଯ୍ୟ କରି ଆସୁଛନ୍ତି । ଏହି ମେଳାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଏହାକୁ ବୈତରଣୀ କୁମ୍ଭମେଳା ରୂପେ ସରକାରୀ ମାନ୍ୟତା ଦେବାକୁ ଧର୍ମଜାଗରଣ ସମନ୍ୱୟ ସମିତି ପକ୍ଷରୁ ଦାବି ହେଉଛି । ଦୀର୍ଘବର୍ଷ ହେବ ଧର୍ମଜାଗରଣ ସମନ୍ୱୟ ସମିତି ପକ୍ଷରୁ ଏହି ମେଳାଦିନ ସାଧୁସନ୍ଥମାନଙ୍କ ଉପସ୍ଥିତିରେ ସାହିସ୍ନାନ କରିଆସୁଛନ୍ତି । ଚଳିତବର୍ଷ ମାର୍ଚ୍ଚ ୧୭ ତାରିଖ ତଥା ମଙ୍ଗଳବାର ବାରୁଣୀ ମେଳା ବା ସ୍ନାନ ଯୋଗ ପଡ଼ିଥିବାରୁ ଧର୍ମଜାଗରଣ ସମନ୍ୱୟ ସମିତି ପକ୍ଷରୁ ସାଧୁସନ୍ଥମାନଙ୍କ ଗହଣରେ ଦଶାଶ୍ୱମେଧ ଘାଟରେ ସାହିସ୍ନାନ କରାଯିବା ସହ ବୈତରଣୀ ଆଳତୀ ଓ ହରି ଓଁ ତତ୍‌ସତ୍ ମନ୍ଦିର ପରିସରରେ ଧର୍ମସଭା କରାଯାଇଥିଲା । ଏହି ସାହିସ୍ନାନ, ବୈତରଣୀ ଆଳତୀ, ଧର୍ମସଭାକୁ ପୂଜ୍ୟ ସାଧୁ ସଚିଦାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଧର୍ମଜାଗରଣ ସମନ୍ୱୟ ସମିତି, ସଂସ୍କୃତି ପ୍ରମୁଖ ସୁଧୀର କୁମାର ପଣ୍ଡା, ଦଶରଥପୁର ସଂଯୋଜକ ପ୍ରଶନ୍ନ ନାୟକ, ଅରବିନ୍ଦ ପଟ୍ଟନାୟକ, ସାରସ କୁମାର ଦାସ, ଭରତ କୁମାର ବାରିକ, ସୁରେନ୍ଦ୍ର କୁମାର ସେଠୀ, ଈଶ୍ୱର ଚନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ଦାଶ, ବନମାଳି ବାବୁ, ଅଶୋକ କୁମାର ନାୟକ, ସୁବଳ ଦାସ, ବିରଜା ଦାଶ, ଉମାକାନ୍ତ ବିଶ୍ୱାଳ, ଦିଲ୍ଲୀପ କୁମାର ସାହୁ, ମୁଖ୍ୟପୂଜକ ଭାଗିରଥି ନନ୍ଦ, ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ସମେତ ଓଡ଼ିଶାର ବହୁସାଧୁସନ୍ଥ ଯୋଗଦେଇ ଧାର୍ମିକ କାର୍ଯ୍ୟରେ ପ୍ରମୁଖ ଅଂଶ ନିର୍ବାହ କରିଥିଲେ ।

## ଟ୍ରଲର ଦୁର୍ଘଟଣାର ୯ଦିନ ପରେ ପରିବାର ବେସାହାରା



**ଢେଙ୍କାନାଳ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ କରମୁଳ ପଞ୍ଚାୟତ ହାତିବାରୀ ଗ୍ରାମରେ ଘଟିଯାଇଥିବା ଦୁର୍ଘଟଣାକୁ ମଙ୍ଗଳବାର ୯ ଦିନ ବିତିଯାଇଥିଲେ ମଧ୍ୟ ସରିନି ପରିବାରର ଦୁଃଖ । ଟ୍ରଲର ଧକ୍କାରେ ପ୍ରାଣ ହରାଇଥିବା ଅସ୍ତିର ତରାଇଙ୍କ ପରିବାର ଏବେ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ମୁଣ୍ଡ ଗୁଞ୍ଜିବାକୁଥିବା ଏକମାତ୍ର ଘରଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଏବେବି ସେହି ଭଙ୍ଗା ଘର ଭିତରେ ମାଡ଼ି ବସିଛି ଘାତକ ଟ୍ରଲର । ଫଳରେ ପରିବାର ଲୋକେ ବାଧ ହୋଇ ପର ଘରେ ଆଶ୍ରୟ ନେଇଛନ୍ତି । ଦୁର୍ଘଟଣା ପରେ ଟ୍ରଲର ମାଲିକଙ୍କ ଦେଖା ମିଳୁନଥିବା ବେଳେ ପ୍ରଶାସନ ପକ୍ଷରୁ ରେଡ଼କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୩,୦୦୦ ଟଙ୍କାର ସହାୟତା ମିଳିଛି । ଆଉ ଦିନକ ପରେ ମୃତକଙ୍କ ଶୁଦ୍ଧିକ୍ରିୟା ହେବାକୁଥିବା ବେଳେ, ପରିବାର ଲୋକେ କିଭଳି କର୍ମ ସାରିବେ ସେ ନେଇ ଚିନ୍ତାରେ ଅଛନ୍ତି । ଗୋଟିଏ ପଟେ ଆପଣାର ମଣିଷକୁ ହରାଇବାର ଅସହ୍ୟ ଦୁଃଖ, ଅନ୍ୟପଟେ ଭଙ୍ଗା ଘରର ଦୁର୍ଦ୍ଦଶା ଏହି ଗରିବ ପରିବାରର ମେରୁଦଣ୍ଡ ଭାଙ୍ଗି ଦେଇଛି । ଘଟଣାସ୍ଥଳରୁ ଏପର୍ଯ୍ୟନ୍ତ ଟ୍ରଲରକୁ ହଟାଯାଇ ନଥିବାରୁ ପରିବାରର ସମସ୍ୟା ଦ୍ୱିଗୁଣିତ ହୋଇଛି । ଟ୍ରଲର୍ ଡ୍ରାଇଭରକୁ କୋର୍ଟଚାଲାଣ କରି ପୋଲିସ ତାର କର୍ତବ୍ୟ ଶେଷ କରିଛି । ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଟ୍ରଲର୍ ହଟାଇବା ଓ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି ।

## ଖୁବ୍‌ଶୀଘ୍ର ଏକ ଶିକ୍ଷାର ହବ୍ ହେବ ନିମାପଡ଼ା




**ନିମାପଡ଼ା, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଏବିଏସ ଅକ୍ସଫୋର୍ଡ଼ ଇଣ୍ଟର ନ୍ୟାସନାଲ ସ୍କୁଲର ୩ୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ୟୁଫୋରିଆ-୨୦୨୬ ସୋମବାର ସନ୍ଧ୍ୟାରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିମାପଡ଼ା ଜୟଶ୍ରୀଛକ ନିକଟସ୍ଥ ସ୍କୁଲ ପରିସରରେ ମହା ଆଡମ୍ବର ସହକାରେ ପାଳିତ ହୋଇଥିଲା । ଶିକ୍ଷାବିତ ବନମାଳୀ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧାପକ ମାନସ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ର, ସମ୍ମାନିତଅତିଥି ଭାବେ ନିର୍ଦ୍ଦେଶକ ଦେବୀ ପ୍ରସନ୍ନ ମହାନ୍ତି, ଶିକ୍ଷାବିତ ବିୟତ ବିହାରୀ ମିଶ୍ର ଏବଂ ଚେୟାରମ୍ୟାନ ରୀନାବାଳା ମଲ୍ଲିକ, ସମ୍ପାଦକ ଟିଟୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ନିମାପଡା ଓ ଚାରିଛକ ଅଞ୍ଚଳର ୧୦ଜଣ ଗଣମାଧ୍ୟମ ପ୍ରତିନିଧି ଏବଂ ୫ଜଣ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ । ନିମାପଡାରେ ଏଭଳି ଏକ ଶିକ୍ଷା ଅନୁଷ୍ଠାନ ଖୋଲାଯାଇ କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକମାନେ ସଠିକ ସମୟରେ ସ୍କୁଲରେ ପହଞ୍ଚି ଶିକ୍ଷା ପ୍ରଦାନ କରିଥିବାରୁ ମୁଖ୍ୟଅତିଥି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ନିମାପଡ଼ା ଖୁବଶୀଘ୍ର ଏକ ଶିକ୍ଷାର ହବ୍ ହେବ ବୋଲି ମୁଖ୍ୟବକ୍ତା ଶ୍ରୀ ମିଶ୍ର କହିଥିଲେ । କାର୍ଯ୍ୟକ୍ରମକୁ ସୁମୁଲ ତେହେସିନ ଓ ପୌର୍ଣ୍ଣମାସି ମହାନ୍ତି ସଂଯୋଜନା କରିଥିଲେ । ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟତ୍ରୀ ନିବେଦିତା ମଲ୍ଲିକ, ନିମାପଡ଼ା ପ୍ରେସକ୍ଲବ ସଭାପତି ଅକ୍ଷୟ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ପ୍ରଧାନଶିକ୍ଷକ ବନମାଳୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ୟାସ୍ ଲାଗି ଗ୍ରାହକ ହନ୍ତସନ୍ତ

**ପୁରୀ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଯୁଦ୍ଧର ବିଭୀଷିକା ଚାଲିଥିବା ବେଳେ ଭାରତରେ ତୈଳ ସଙ୍କଟ ଦେଖାଦେଇଛି । ପୁରୀରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବ୍ୟବସାୟୀକ ଗ୍ୟାସ ନମିଳିବାରୁ ଅନେକ ହୋଟେଲରେ ଖାଦ୍ୟ ରନ୍ଧନ ବନ୍ଦ ରହିଛି । ଯାହାଫଳରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସାଧୁ କଳାବଜାରୀ ଗ୍ୟାସ ରଖିଥିବା ବେଳେ ପୋଲିସ ସେମାନଙ୍କ ପାଖରେ ଚଢ଼ାଉ କରି ଗ୍ୟାସ ଜବତ କରିଥିଲା । ଘରୋଇ ଏଲପିଜି ଗ୍ୟାସ ଗ୍ରାହକମାନେ ବୁକିଂ କରି ଡିପୋକୁ ଗ୍ୟାସ ସିଲିଣ୍ଡର ନେଇ ବାରମ୍ବାର ଫେରୁଥିବା ଦେଖିବାକୁ ମିଳିଛି । ସହରରେ କୋଠା ଘର ହେଉଥିବାରୁ କାଠ ଜାଳି ରୋଷେଇ କରିବା ସମ୍ଭବ ହେଉନାହିଁ । ଗ୍ୟାସ ମିଳୁନଥିବା ବେଳେ ଇଲେକ୍ଟ୍ରି ଇଣ୍ଡକସନ ଚୁଲା ମଧ୍ୟ ଦୋକାନିଙ୍କ ପାଖରେ ଉଭାନ ହୋଇଯାଇଛି । ଯାହାଫଳରେ ଘରୋଇ ପରିବାର ଗ୍ୟାସ ନପାଇବା ଯୋଗୁ ହନ୍ତସନ୍ତ ହେଉଛନ୍ତି । ଗ୍ୟାସ ବୁକିଂ କଲେ ମଧ୍ୟ ମେସେଜ ଆସୁନାହିଁ । ପୁରୀ ସହରବାସୀ ଗ୍ୟାସ ଗ୍ରାହକମାନଙ୍କୁ ଯୋଗାଣ ବିଭାଗ ଜରିଆରେ ନିରବଚ୍ଛିନ୍ନ ଗ୍ୟାସ ଦେବା ପାଇଁ ସାଧାରଣରେ ଦାବି ହେଉଛି । ଏବେ ବି କିଛି ଗ୍ୟାସ କଳାବଜାରୀମାନେ ଗ୍ୟାସ କେଜି ପିଛା ୨ଶହ ଟଙ୍କାରେ ୧୦ କେଜି ଗ୍ୟାସ ଭର୍ତ୍ତି କରି ଗ୍ରାହକଙ୍କୁ ଲୁଚାଛପାରେ ଦେଉଥିବା ଅଭିଯୋଗ ହେଉଛି । ଗ୍ୟାସ ଡିପୋମାନଙ୍କରେ ଗହଳିକୁ ଲକ୍ଷ କରି କର୍ମଚାରୀମାନେ ରହୁନଥିବାବେଳେ କେବଳ ସିକ୍ୟୁରିଟ ଡିପୋ ଜଗିଥିବା ଦେଖିବାକୁ ମିଳିଛି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭିନ୍ନ ଡିପୋ ପରିଦର୍ଶନ କରି କେଉଁ ଡିପୋରେ କେତେ ଗ୍ୟାସ ରହିଛି ତାହାକୁ ଜନସାଧାରଣଙ୍କୁ ପ୍ରେସ ବିଜ୍ଞପ୍ତିରେ ଜଣାଇବା ପାଇଁ ଦାବି ହେଉଛି ।

## ମାର୍ଚ୍ଚ ୨୮ରୁ ଗଙ୍ଗାଧର ଜେନା ପାରାଦୀପ କ୍ରିକେଟ ଲିଗ୍

**ପାରାଦୀପ, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ଜିଡିଜେ ପାରାଦୀପ କ୍ରିକେଟ ଲିଗ୍‌ର ୪ର୍ଥ ସଂସ୍କରଣ । ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ, ରବିବାର ସରିଛି ଖେଳାଳି ନିଲାମ ପ୍ରକ୍ରିୟା । ପାରାଦୀପ ନୂଆବଜାର ସ୍ଥିତ ପୋର୍ଟ କ୍ଲବ ଠାରେ ଅନୁଷ୍ଠିତ ଏହି ନିଲାମ ପ୍ରକ୍ରିୟାରେ ୮ଟି ଫ୍ରାଞ୍ଚାଇଜ, ଜେସିସି ୱାରିୟର୍ସ, ପାରାଦୀପ ସୁପରକିଙ୍ଗସ୍, ବାବାଶାଇ ଡାଇମଣ୍ଡସ୍, ଡିକେଟି ଷ୍ଟାରସ, ଜିଡିସି ବ୍ଲାଷ୍ଟରସ୍, ଶ୍ରୀରାମ ସ୍ପୋର୍ଟିଂ, ମହାକାଳ ୱାରିୟର୍ସ, ଜୀପିସିଆଇ ହୀରୋସ୍ ଭାଗ ନେଇ ଖେଳାଳି କିଣିଥିଲେ । ତେବେ ପଞ୍ଜୀକରଣ କରିଥିବା ୧୮୬ ଖେଳାଳିଙ୍କ ମଧ୍ୟରୁ ୧୨୦ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜମାନେ ନିଜ ନିଜ ଟିମ୍ ପାଇଁ ଚୟନ କରିଥିଲେ । ତେବେ ପିସିଏଲର ଚଳିତ ସଂସ୍କରଣରେ ସବୁଠୁ ମହାଙ୍ଗା ଖେଳାଳି ଭାବେ ଅମିତ୍ କୁମାର ସାହୁଙ୍କୁ ୨୯୦୦୦ ଟଙ୍କାରେ କିଣିଛି ସାଇରାମ ସ୍ପୋର୍ଟିଂ । ଆସନ୍ତା ମାର୍ଚ୍ଚ ୨୮ରୁ ପାରାଦୀପ କ୍ରିକେଟ ଲିଗ୍‌ର ୪ର୍ଥ ସଂସ୍କରଣ ଆରମ୍ଭ ହୋଇ ଏପ୍ରିଲ ୧୨ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ସୂଚନା ମିଳିଛି । ଜଗତସିଂହପୁର ଓ କେନ୍ଦ୍ରାପଡା ଅଞ୍ଚଳର ଲୁକକାୟିତ କ୍ରିକେଟ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପାରାଦୀପ କ୍ରିକେଟ ଲିଗ୍ ମାଧ୍ୟମରେ ଏହି ପ୍ରୟାସ କରାଯାଉଛି ଓ ପ୍ରତି ଟିମ୍‌ର ୧୫ ଖେଳାଳିଙ୍କ ମଧ୍ୟରେ ଜଗତସିଂହପୁରର ୪ଜଣ, ପାରାଦୀପ ନିର୍ବାଚନ ମଣ୍ଡଳୀରୁ ୧୦ ଜଣ ଓ କେନ୍ଦ୍ରାପଡାରୁ ୧ଜଣ ଖେଳାଳି ରହିବେ ବୋଲି କହିଛନ୍ତି ପିସିଏଲ ସମ୍ପାଦକ ଅଧିର କୁମାର ସାହୁ । ତେବେ ପିସିଏଲ୍‌ର ଚଳିତ ସଂସ୍କରଣର ମ୍ୟାଚ୍‌ଗୁଡିକ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଓ ଏନ୍‌ଏସି ଖେଳ ପଡିଆରେ ଖେଳାଯିବ ବୋଲି ସୂଚନା ମିଳିଛି ।

## କାମାକ୍ଷା ଓ ଶାଳିମାରକୁ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍



**ଭୁବନେଶ୍ୱର, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଦୁଇଟି ନୂତନ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ, ଟ୍ରେନ ନମ୍ବର ୧୫୬୭୩/୧୫୬୭୪ ଚର୍ଲାପାଲ୍ଲି-କାମାକ୍ଷା- ଚର୍ଲାପାଲ୍ଲି ଏବଂ ଟ୍ରେନ ନମ୍ବର ୧୭୦୬୫/୧୭୦୬୬ ଚର୍ଲାପାଲ୍ଲି - ଶାଳିମାର- ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ କରିଛି । ଏହି ଟ୍ରେନ ଗୁଡିକ ଦକ୍ଷିଣ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ସୁଲଭ ଏବଂ ଆରାମଦାୟକ ଯାତ୍ରା ସୁବିଧା ପ୍ରଦାନ କରିବ ।

ଟ୍ରେନ ନମ୍ବର ୧୫୬୭୩ ଚର୍ଲାପାଲ୍ଲି-କାମାକ୍ଷା ଅମୃତ ଭାରତ ଏକ୍ସପ୍ରେସ ଏକ ସାପ୍ତାହିକ ସେବା ଭାବରେ ଚାଲିବ, ଯାହା ୧୮ ମାର୍ଚ୍ଚ ୨୦୨୬ରୁ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ସନ୍ଧ୍ୟା ୭ଟା ୪୦ ମିନଟରେ ଛାଡି ଶୁକ୍ରବାର ରାତି ୧୦ଟାରେ କାମାକ୍ଷାରେ ପହଞ୍ଚିବ । ଫେରିବା ସମୟରେ, ଟ୍ରେନ ନମ୍ବର ୧୫୬୭୪ କାମାକ୍ଷା-ଚର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ୍ ୨୨ ମାର୍ଚ୍ଚ ୨୦୨୬ ଠାରୁ ପ୍ରତି ରବିବାର ସନ୍ଧ୍ୟା ୭ଟାରେ କାମାକ୍ଷାରୁ ଛାଡିବ ଏବଂ ମଙ୍ଗଳବାର ଅପରାହ୍ନ ୨ଟା ୪୦ ମିନଟରେ ଚର୍ଲାପାଲିରେ ପହଞ୍ଚିବ ।

ଏହାର ଯାତ୍ରା ସମୟରେ, ଟ୍ରେନଟି ପୂର୍ବତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ପେଣ୍ଡୁର୍ଟି, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି । ସେହିଭଳି ଟ୍ରେନ ନମ୍ବର ୧୭୦୬୫ ଚର୍ଲାପାଲ୍ଲି- ଶାଳିମାର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ମଙ୍ଗଳବାର ଚର୍ଲାପାଲ୍ଲିରୁ ୭ ଏପ୍ରିଲ ୨୦୨୬ରୁ ସକାଳ ୬:୫୫ରେ ଛାଡିବ ଏବଂ ବୁଧବାର ୧୧:୨୦ରେ ଶାଳିମାରରେ ପହଞ୍ଚିବ । ଫେରିବା ସମୟରେ, ଟ୍ରେନ ନମ୍ବର ୧୭୦୬୬ ଶାଳିମାର–ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ବୁଧବାର ୮ ଏପ୍ରିଲ ୨୦୨୬ରୁ ଦିନ ୧୨:୫୦ରେ ଶାଳିମାରରୁ ଛାଡ଼ିବ ଏବଂ ଗୁରୁବାର ସନ୍ଧ୍ୟା ୭ଟାରେ ଚର୍ଲାପାଲ୍ଲିରେ ପହଞ୍ଚିବ ।

ଯାତ୍ରା ସମୟରେ, ଟ୍ରେନଟି ପୂର୍ବତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି ।

ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲଏଚ୍‌ବି ରେକ୍ ଟ୍ରେନ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ । ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି ।

ଏହି ଟ୍ରେନର ପ୍ରଚଳନ ଦ୍ୱାରା ରେଳ ସଂଯୋଗୀକରଣ ଆହୁରି ସୁଦୃଢ଼ ହେବ ଏବଂ ପୂର୍ବତଟ ରେଳପଥର ଅଧୀନରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଦେଇ ଯାତ୍ରା କରୁଥିବା ଯାତ୍ରୀମାନେ ଉପକୃତ ହେବେ । ଏହି ନୂତନ ସେବା ଛାତ୍ରଛାତ୍ରୀ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଗତିଶୀଳତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି ଏବଂ ଏହି ଟ୍ରେନ୍ ଦ୍ୱାରା ସେବା ପ୍ରଦାନ କରାଯାଉଥିବା ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଯାତ୍ରା ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହନ ମିଳିବ ।


## ଜାତୀୟ ମହିଳା ଆୟୋଗଙ୍କ ଜନଶୁଣାଣି



**ବ୍ରହ୍ମପୁର, ୧୭।୩ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୁଲ୍ୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଜନଶୁଣାଣି ଶିବିରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୨୯ଟି ମୋକଦ୍ଦମା ଦାୟର ହୋଇଥିଲା । ସେଥିଧରୁ ଉଭୟ ଦଳ ପକ୍ଷରୁ ୮ଟି, ଏକ ପକ୍ଷ ୭ଟି ପିଟିସନ ଦାଖଲ କରିଥିବା ୭ଜଣ ଏବଂ ଅନ୍ୟ ଏକ ପକ୍ଷରୁ ୨ଜଣ ଏହିପରି ମୋଟ ୧୭ଟି ଦଳ ଉପସ୍ଥିତ ଥିଲେ । ସହମତି କ୍ରମେ ୫ଟି କେସ ସମାଧାନ କରାଯାଇଥିବା ବେଳେ ୩ଟି ମୋକଦ୍ଦମା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ୪ଟି କେସ ସମାଧାନ ପାଇଁ ପ୍ରେରଣ କରାଯାଇଥିଲା । ପରବର୍ତ୍ତି ଶୁଣାଣି ନିମନ୍ତେ ୫ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଥିଲା । ଏଥିସହିତ ନୂତନ ଭାବେ ୩ଟି କେସ ପଞ୍ଜୀକୃତ ହୋଇଥିଲା । ଏହି ଜନ ଶୁଣାଣିରେ ଓଡ଼ିଶା ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି, ସଭ୍ୟ ମୁକ୍ତା ସାହୁ, ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହିଥିଲେ ।

## ରାଜୁବାବୁଙ୍କ ପାଇଁ ପାଣି ଆଣ




ସଂଧ୍ୟାରେ ଅଫିସ୍‌ରୁ ଫେରି ପତିଦେବ ପାଦ ଚିପି ଚିପି ଘରେ ପଶିଲେ । ପତ୍ନୀଦେବୀ ବେଡ୍‌ରୁମ୍‌ରେ ଏକୁଲା ଥିଲେ । ପତିଦେବ ବେଡ୍‌ରୁମ୍‌ରେ ପଶିବା ମାତ୍ରେ ପଛପଟୁ ଯାଇ ପତ୍ନୀଦେବୀଙ୍କ ଆଖି ଚାପି ଧରିଲେ । ପତ୍ନୀଦେବୀ ଏଥିରେ ଭୁଲ୍‌କ୍ରୁ ହୋଇ ଖୁବ୍ ସୁହାଗିଆ ଗଳାରେ କହିଲେ- ରାଜୁ....

ଏଇ ପଦକ ଶୁଣିବା ମାତ୍ରେ ପତିଦେବଙ୍କ ରାଗ ପଞ୍ଚମକୁ ଗଲା । ସେ ଖୁଙ୍କାରି ଉଠିଲେ- ରାଜୁ ନୁହେଁ, ମୁଁ ମୁଁ । ମୁଁ ଆସିଛି । ଛିଃ ! ତମେ ଏତେ ତଳ ସ୍ତରକୁ ଚାଲିଗଲ !

ପତ୍ନୀଦେବୀ ହାରିବାର ପାତ୍ରୀ ନୁହନ୍ତି । ତତ୍‌କ୍ଷଣାତ୍ ପ୍ରସଙ୍ଗ ବଦଳାଇଦେଲେ । ଖୁବ୍ ଅଭିମାନଭରା ଗଳାରେ କହିଲେ- ଗୋଟିଏ ଶବ୍ଦ ଶୁଣି ତମର ଏତେ ରାଗ ହୋଇଯାଉଛି ? ପୂରା କଥାଟା ମୁଁ କ'ଣ କହିବାକୁ ଯାଉଥିଲି ତମେ କ'ଣ ଜାଣିଛ ? ମୁଁ ରାଜୁଙ୍କୁ କହୁଥିଲି- ରାଜୁ, ବାବୁ ଆସିଲେଣି, ତାଙ୍କପାଇଁ ପାଣି ଆଣ !

# କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ପାରା ଆଥଲେଟିକ୍ସ: ଓଡ଼ିଶାରୁ ୪୦ ପ୍ରତିଯୋଗୀ

**ଭୁବନେଶ୍ୱର,୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ପାରା ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡିଶାର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାରଠାରୁ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ପ୍ରତିଯୋଗିତା ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୬୦ ପ୍ରତିଯୋଗୀ ସର୍ବମୋଟ ୧୪୫ ପଦକ ଲାଗି ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆସନ୍ତାକାଲି ଅପରାହ୍ନ ୪ଟାରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାରେ ଦ୍ୱିତୀୟ ଥର ପାଇଁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ।

ମଙ୍ଗଳବାର ଏକ ସ୍ଥାନୀୟ ହୋଟେଲରେ ଏଥିନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିଆଇ ଅଧ୍ୟକ୍ଷ ସତ୍ୟନାରାୟଣ, ପାରା ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡିଶାର ସଭାପତି କମଳାକାନ୍ତ ରଥ ଏବଂ ରାଜ୍ୟ କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଉପସ୍ଥିତ ରହି ପ୍ରତିଯୋଗିତା ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ପାରା ସ୍ପୋର୍ଟସ୍‌ରେ ଭାରତ ଏବେ ଦ୍ରୁତ ଅଭିବୃଦ୍ଧି ଲାଭ କରୁଥିଲା ବେଳେ ଓଡିଶାର ଏଥିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି କହିଥିଲେ ସତ୍ୟନାରାୟଣ।

ସେହିଭଳି ପାରା କ୍ରୀଡାବିତ୍‌ଙ୍କ ପାଇଁ ଏକ ଉତ୍କର୍ଷିକୃତ ଷ୍ଟାଡିୟମ୍ ନିର୍ମାଣ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ରହିବା ବ୍ୟବସ୍ଥା ଏବଂ ବିଭିନ୍ନ ଏକ୍ସିରେ ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରିବା ପ୍ରସ୍ତାବ ଏବେ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ପାରା କ୍ରୀଡାର ବିକାଶ ଲାଗି ଆଗାମୀ ସମୟରେ ବହୁ ବିକାଶମୂଳକ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ସେ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ, ତାରକା ପାରା ଧାବିକା ଜୟନ୍ତୀ ବେହେରା, ଆୟୋଜକ କମିଟି ସଂପାଦକ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବଛାବଛା ଖେଳାଳୀଙ୍କୁ ନେଇ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଓଡିଶାର ଏକ ୪୦ଜଣିଆ ଦଳ ଅଂଶଗ୍ରହଣ କରିବ। ତେବେ ସବୁଠୁ ବଡ ଦଳ ହରିୟାଣା ପଠାଇଛି। ଏହି ପ୍ରତିଯୋଗିତାରୁ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଖେଳାଯିବାକୁ ଥିବା ରାଜ୍ୟଗୋଷ୍ଠୀ ପାରା କ୍ରୀଡା ସହ ଜାପାନର ଆଇଚି ନାଗୋୟାଠାରେ ଆୟୋଜିତ ହେବାକୁ ଥିବା ଏସୀୟ ପାରା କ୍ରୀଡା ଲାଗି ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯିବ। ମେୟାପନ ଥଙ୍ଗଭେଲୁ, ସୁମିତ ଅନ୍ତିଲ, ନଭଦୀପ ସିଂହ, ପ୍ରବୀଣ କୁମାର, ପ୍ରୀତି ପାଲ, ଶୈଳେଶ କୁମାର, ରୋହିତ କୁମାର, ପୁନମ ଲକ୍ଷ୍ମୀ, ଦେବେନ୍ଦ୍ର ସିଂହ ଗୁଜର ଓ ଯୋଗେଶଙ୍କ ଭଳି ଏଲିଟ୍ ପାରା ଆଥଲେଟିଆନ କଳିଙ୍ଗ ଷ୍ଟାଡିୟମ୍‌ରେ ନିଜନିଜ ଯାଦୁ ଦେଖାଇବେ। ଏସୀୟ ପାରା କ୍ରୀଡା ପଦକ ବିଜୟିନୀ ଜୟନ୍ତୀ ବେହେରା ସ୍ଥାନୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ୨୦୨୪ ପାରାଲିମ୍ପିକ୍ସରେ ଭାରତ ୨୯ ପଦକ ଜିତି ଇତିହାସ ରଚିଥିଲା। ଆଗାମୀ ପାରାଲିମ୍ପିକ୍ସରେ ଭାରତ ଆହୁରି ଅଧିକ ପଦକ ଜିତିବ ବୋଲି ଉପସ୍ଥିତ ଖେଳାଳୀ ଏହି ଅବସରରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଗତଥର ତାମିଲନାଡୁରେ ଆୟୋଜିତ ୨୩ତମ ଜାତୀୟ ପାରା ଆଥଲେଟିକ୍ସରେ ଓଡିଶାର ୩୨ ଜଣିଆ ଦଳ ଭାଗ ନେଇ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ସହ ମୋଟ ୭ଟି ପଦକ ଜିତିଥିଲେ। ଏଥର ଘରୋଇ ପରିବେଶରେ ଏହି ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ଶେଷଥର ପାଇଁ ଓଡିଶାରେ ୨୦୨୨ ମସିହାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



**ଅସ୍ତରଙ୍ଗ,୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପବିତ୍ର ଝାମୁଯାତ୍ରାର ମଙ୍ଗଳବାର ଥିଲା ଦ୍ୱିତୀୟ ପାଳି ଯାତ୍ରା। ରାତ୍ର ୨ ଘଟିକାଠାରୁ ମଙ୍ଗଳ ଆଳତୀ ପରେ ସ୍ନାନ, ମାର୍ଜନା ଓ ବେଶ ପରେ ସୂର୍ଯ୍ୟପୂଜା, ବଲ୍ଲବ, ସକାଳଧୂପ ନୀତି ଅନୁଷ୍ଠିତ ହେବାପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା। ମାତୃଭକ୍ତମାନେ ଉତ୍ତର ଦ୍ୱାରରେ ପ୍ରବେଶ କରିବା ପରେ ଧାଡ଼ିରେ ଯାଇ ମାଙ୍କ ମହାଲକ୍ଷ୍ମୀ ବେଶ ଦର୍ଶନ କରି ପରିବାରରେ ଶୁଭ ମନାସି ଥିଲେ। ମାନସିକଧାରୀ ମହିଳାମାନେ ମନ୍ଦିର ବେଢା ମଧ୍ୟରେ ପହଞ୍ଚିଇ ପୂଜା କରି ନିଶା ମଙ୍ଗଳବାର ଓଷା ସମ୍ପନ୍ନ କରିଥିଲେ। ଦିନ ୨ ଘଟିକା ସମୟରେ ଝଙ୍କଡ଼ରୁ ଆସିଥିବା ପାଟୁଆ ସେବକମାନେ ପ୍ରାଚୀ ନଦୀରୁ ଜଳ ତୋଳି ମନ୍ଦିର ସମ୍ମୁଖରେ ଓ ମନ୍ଦିର ବେଢାରେ ପାରମ୍ପରିକ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ଦିର ବାହାର ଓ ଭିତର ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା। କାକଟପୁର ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବା ସହିତ ମନ୍ଦିର ଭିତରେ ଭକ୍ତମାନଙ୍କ ଦର୍ଶନ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଆସନ୍ତା ୨୪ ତାରିଖରେ ମାଙ୍କ ତୃତୀୟ ପାଳି ଯାତ୍ରା ଅନୁଷ୍ଠିତ ହେବବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# ଆକ୍ସନ୍ ମୋଡରେ ବିଜେଡି: ୬ ବିଧାୟକଙ୍କୁ ନୋଟିସ୍

**ଭୁବନେଶ୍ୱର,୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସଭା ନିର୍ବାଚନ ସିନା ଗତକାଲି ସରିଯାଇଛି। କିନ୍ତୁ ଏବେ ଅସଲ ରାଜନୀତି ଆରମ୍ଭ ହୋଇଯାଇଛି। ଗତକାଲିର ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ କଂଗ୍ରେସ ପରେ ବିଜେଡି ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏନେଇ ବିଜେଡି ଆଜି ଦଳର ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ତରଫରୁ ଜାରି ହୋଇଥିବା ଏହି ନୋଟିସ୍‌ରେ ଆସନ୍ତା ୨୦ ତାରିଖ ଅପରାହ୍ନ ୫ଟା ସୁଦ୍ଧା କାରଣ ଦର୍ଶାଇବା ପାଇଁ ଉଲ୍ଲେଖ ରହିଛି।

ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜୟଦେବ (ଭୁବନେଶ୍ୱର) ବିଧାୟକ ନବ କିଶୋର ମଲ୍ଲିକ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟକ ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କୁ ନୋଟିସ୍ ଜାରି ହୋଇଛି।

ବିଜେଡି ପକ୍ଷରୁ ଜାରି ହୋଇଥିବା ନୋଟିସରେ କୁହାଯାଇଛି ଯେ, ଉପରୋକ୍ତ ବିଧାୟକମାନେ ଦଳର ଶୃଙ୍ଖଳାକୁ ଭଙ୍ଗ କରି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଛନ୍ତି। ଦଳର ନିର୍ଦ୍ଦେଶକୁ ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ ଦଳୀୟ ଶୃଙ୍ଖଳା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରା ନଯିବ, ତାହାର କୈଫତ୍ ତଲବ କରାଯାଇଛି।

ସୂଚନାଯୋଗ୍ୟ, ଗତକାଲି ଓଡିଶାର ୪ଟି ରାଜ୍ୟସଭା ଆସନ ପାଇଁ ବିଧାନସଭାରେ ମତଦାନ ହୋଇଥିଲା। ଏଥିରେ ରାଜ୍ୟର ୧୪୭ ଜଣ ବିଧାୟକ ଭାଗ ନେଇଥିଲେ। ନିର୍ବାଚନରେ ବିଜେପିର ମନମୋହନ ସାମଲ ଏବଂ ସୁଜିତ କୁମାର ବିଜୟୀ ହେବା ସହ ସମର୍ଥିତ ପ୍ରାର୍ଥୀ ଦିଲୀପ ରାୟ ମଧ୍ୟ ବିଜୟୀ ହୋଇଛନ୍ତି। ଅପରପକ୍ଷେ ବିଜେଡିର ସଂତୃପ୍ତ ମିଶ୍ର ବିଜୟୀ ହୋଇଥିଲା ବେଳେ କଂଗ୍ରେସ ସହ ସମର୍ଥିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ପରାଜିତ ହୋଇଥିଲେ। ଶ୍ରୀ ହୋତା ବିଜେଡି ଏବଂ କଂଗ୍ରେସର ୧୧ ଜଣ ବିଧାୟକଙ୍କ କ୍ରସ ଭୋଟିଂ ଯୋଗୁ ପରାଜୟବରଣ କରିଥିଲା ବେଳେ ଦିଲୀପ ରାୟ ଏହାର ଫାଇଦା ନେଇ ବିଜୟୀ ହୋଇଥିଲେ। ଏହି ମତଦାନରେ କ୍ରସ ଭୋଟିଂ କରିଥିବା ଅନ୍ୟ ୫ଜଣ ବିଧାୟକମାନଙ୍କ ମଧ୍ୟରେ ବିଜେଡିରୁ ନିଲମ୍ବିତ ହୋଇଥିବା ବିଧାୟକ ଅରବିନ୍ଦ ମହାପାତ୍ର (ପାଟକୁରା) ଏବଂ ସନାତନ ମହାକୁଡ (ଚମ୍ପୁଆ)।

# କେନ୍ଦ୍ର ବିରୋଧରେ କିନ୍ନରଙ୍କ ମେଳି




**ଭୁବନେଶ୍ୱର,୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ବିରୋଧରେ ଉଠିଲାଣି ସ୍ୱର। ଏକାଠି ହେଲେ କିନ୍ନର ସମାଜ, ପ୍ରତ୍ୟାହାର ଦାବିରେ ଗର୍ଜିଲା ଭୁବନେଶ୍ୱର । ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ମୂଳ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ସାମାଜିକ ସୁରକ୍ଷାକୁ ପ୍ରଭାବିତ କରିବା ନେଇ ହୋଇଛି ଅଭିଯୋଗ ।

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ବିରୋଧରେ ସାରା ଭାରତରେ ସ୍ୱର ଉଠୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ବି ଦେଖିବାକୁ ମିଳିଛି ବିରୋଧର ସ୍ୱର। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କିନ୍ନର ଭୁବନେଶ୍ୱର ଲୋୟର ପିଏମଜିରେ ଏକାଠି ହେଲେ, ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାର ବିରୋଧରେ ବର୍ଷିଲେ। ପ୍ରସ୍ତାବିତ ସଂଶୋଧନ ବିଲର କିଛି ଧାରା ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ମୂଳ ଅଧିକାରକୁ କ୍ଷୁଣ୍ଣ କରିବା ସହ ସାମାଜିକ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ଅଭିଯୋଗ ହୋଇଛି।

ପ୍ରସ୍ତାବିତ ବିଲ ଅନୁଯାୟୀ, ଯଦି ସ୍ୱୟଂ ପରିଚୟ ବଦଳରେ ସରକାରୀ ସାର୍ଟିଫିକେଟ ଆବଶ୍ୟକ କରାଯାଏ, ତେବେ କିନ୍ନରମାନେ ନିଜ ଲିଙ୍ଗ ପରିଚୟ ପ୍ରମାଣ କରିବାରେ ଅସୁବିଧା ଭୋଗିବେ ବୋଲି କିନ୍ନର ସମାଜ କହିଛନ୍ତି। କିନ୍ନର ସମାଜ ଦଳ ଭିତରେ ରହୁଥିବାରୁ ଏହି ପରମ୍ପରା ବିରୋଧରେ ବିଲ ରହିଥିବା କିନ୍ନର ସମାଜ କହିଛି। ପରିବାର ଓ ସମାଜରୁ ବିତାଡିତ ହୋଇଥିବା ଜଣେ କିନ୍ନରକୁ କିନ୍ନର ସମାଜ ହିଁ କୋଳେଇ ନିଏ। ଏହି ପରମ୍ପରା ବିରୋଧରେ କୌଣସି ବିଲ ନଆସୁ ବୋଲି ଦାବି ହୋଇଛି।

ନିଜ ପରିଚୟ ନିଜେ ବାଛିବାର ଅଧିକାର। ଏହି କଥାକୁ ୨୦୧୪ରେ ସ୍ପଷ୍ଟ କରିଥିଲେ ସୁପ୍ରିମକୋର୍ଟ। କିନ୍ନରମାନେ ତୃତୀୟ ଲିଙ୍ଗର ସ୍ୱୀକୃତି ଏବଂ ସ୍ୱୟଂ ପରିଚୟର ଅଧିକାର ପାଇଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ଏହା ବିରୋଧରେ ଯାଉଥିବାରୁ ବିବାଦ ତେଜିବାରେ ଲାଗିଛି।

# ବିଜୁ-ନବୀନ ଟ୍ରଷ୍ଟ ତଦନ୍ତ ଲାଗି ପିଆଇଏଲ୍

**କଟକ,୧୭।୩: ଏକ୍ସପ୍ରେସ୍ ନ୍ୟୁଜ୍**

"ବିଜୁ ନବୀନ ଇନ୍‌ସପିରେସନାଲ ଫାଉଣ୍ଡେସନ" ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନର ଗଠନ, ଆର୍ଥିକ ଉତ୍ସ ଓ ଏହାର କାର୍ଯ୍ୟକଳାପର ନିରପେକ୍ଷ ତଦନ୍ତ ଦାବି କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ଟ୍ରଷ୍ଟର ପାଣ୍ଠି ସଂଗ୍ରହ ଓ ଏହାର ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ତଦନ୍ତକାରୀ ସଂସ୍ଥାଙ୍କ ଦ୍ୱାରା ଫୋରେନସିକ ଅଡିଟ କରିବାକୁ ପ୍ରାର୍ଥନା କରାଯାଇଛି । ଆବେଦନକାରୀ ଆଇନଜୀବି ଶିବଶଙ୍କର ମହାନ୍ତି ଦର୍ଶାଇଛନ୍ତି ଯେ, ଏହି ଟ୍ରଷ୍ଟଟି ୨୦୦୫ ମେ ୯ ତାରିଖରେ ନୂଆଦିଲ୍ଲୀରେ ପଞ୍ଜୀକୃତ ହୋଇଥିଲା । ଏହା ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଉନ୍ନୟନ ଭଳି କ୍ଷେତ୍ରରେ କାମ କରିବା ପାଇଁ ଗଠନ ହୋଇଥିବା ଉଲ୍ଲେଖ ରହିଛି । ଏହି ଟ୍ରଷ୍ଟର ସଭାପତି ଭାବେ ଭି କାର୍ତ୍ତିକେୟ ପାଣ୍ଡିଆନ, ସଂପାଦକ ଭାବେ ସନ୍ତୃପ୍ତ ମିଶ୍ର ଏବଂ ଟ୍ରଷ୍ଟି ଭାବେ ପୂର୍ବତନ ଆଡ଼ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ରହିଛନ୍ତି । ସେମାନେ ନିର୍ଦ୍ଦିଷ୍ଟ ଆଂଚଳିକ ରାଜନୈତିକ ଦଳ ସହ ଜଡ଼ିତ ଥିବାରୁ ଟ୍ରଷ୍ଟର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯାଇଛି । ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) କିମ୍ବା କେନ୍ଦ୍ରୀୟ ସଂସ୍ଥା (ସିବିଆଇ/ଇଡ଼ି) ଦ୍ୱାରା ଟ୍ରଷ୍ଟର ପାଣ୍ଠିର ଉତ୍ସ ଯାଂଚ କରିବା, ଟ୍ରଷ୍ଟର ଆକାଉଣ୍ଟ ଏବଂ ଦାତାଙ୍କ ତାଲିକାର ସଂପୂର୍ଣ୍ଣ ଆର୍ଥିକ ତଦନ୍ତ, ଏହି ସଂଗଠନ ନିର୍ବାଚନ ଆଚରଣ ବିଧି କିମ୍ବା ଅନ୍ୟ କୌଣସି ଆଇନର ଉଲଂଘନ କରୁଛି କି ନାହିଁ ତାହା ତଦନ୍ତ କରିବାକୁ ପ୍ରାର୍ଥନା କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ୧୯୯୬ର କଥା...

ପଡିଲା। ବିକ୍ରି ହୋଇଥିବା ବିଧାୟକଙ୍କୁ ବିଜେଡି ନିନ୍ଦା କରୁଛି।

୮୦ ବର୍ଷ ବୟସରେ ଗତକାଲି ନବୀନ ପଟ୍ଟନାୟକ ନେତୃତ୍ୱ ନେଇଛନ୍ତି। ଯେଉଁମାନେ ତାଙ୍କୁ ଧୋକା ଦେଲେ ଭଗବାନ ସେମାନଙ୍କୁ କ୍ଷମା ଦେବେନି। ନବୀନ ପଟ୍ଟନାୟକଙ୍କ ଅଭିଶାପ ସେମାନଙ୍କ ଉପରେ ପଡିବ ବୋଲି କହିଛି ବିଜେଡି। ୨୦୨୬ ଜାନୁଆରୀ ୧୫ରେ ସନା ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନବୀନ ପଟ୍ଟନାୟକ ବିଜେଡିରୁ ନିଲମ୍ବନ କରିଥିଲେ। ସମସ୍ତେ କାରଣ ପଚାରୁଥିଲେ। ଯାହାର ଉତ୍ତର ଗତକାଲି ବିଜୟ ମହାପାତ୍ର କହିଲେ। ୬ ମାସରୁ ଏହି ବ୍ଲୁ ପ୍ରିଣ୍ଟ ହେଉଥିବା ସେ କହିଛନ୍ତି। ନବୀନ ନିଲମ୍ବନ କରି ଠିକ୍ କରିଛନ୍ତି। ଘୋଡା ହୋଇଛନ୍ତି ବିଧାୟକ, ନିର୍ବାଚନମଣ୍ଡଳିରେ ଉଚିତ ଜବାବ ମିଳିବ। ରେଙ୍ଗାଲି ବିଧାୟକଙ୍କୁ ୧୫ କୋଟି ଯଚା ଯିବା ସହ ପରିବାର ପ୍ରତି ଭୟ କରାଯାଇଥିଲା। ହେଲେ ତାଙ୍କୁ ସାଧୁବାଦ ସେ ଆସି ନବୀନଙ୍କ ନିର୍ଦ୍ଦେଶରେ ଭୋଟ ଦେଲେ। ନବୀନ ପଟ୍ଟନାୟକ ଉଦାର, ଯିଏ ତାଙ୍କୁ ଗାଡିକୁ ଟେକା ପକାଇଥିଲେ, ତାଙ୍କୁ ଆଣି ବିଧାୟକ, ପୁଅକୁ ବିଧାୟକ ଓ ପତ୍ନୀଙ୍କୁ ଜିଲ୍ଲା ପରିଷଦ କରାଇଥିଲେ, କଣ ସବୁ ଭୁଲି ଗଲେ ବୋଲି ବିଜେଡି ପ୍ରଶ୍ନ କରିଛି। ମେଡିକାଲରେ ଲୋକ ପୋଡି ପାଉଁଶ ହେଲେ, ପାରାଦ୍ୱୀପରେ ବିଜେପି ବିଧାୟକ ମୌଜ କରୁଥିଲେ। ଲୁଟିକି ଓଡ଼ିଶା ଶାସନ ଚଳିବ ନାହିଁ ବୋଲି ବିଜେଡି କଟାକ୍ଷ କରିଛି।

### ପିତାଙ୍କ ରାସ୍ତାରେ...

ସିଧାସଳଖ ବିଜେପିକୁ ନଯାଇ ନୂଆ ଦଳ ଗଢ଼ିବା ଆଳରେ ସଂଖ୍ୟାଲଘୁ ଭୋଟ ବିଭାଜନ ମୁଖ୍ୟ ଉଦ୍ଦେଶ୍ୟ। ଏପରି କରି କିଛିଟା ସଫଳତା ପାଇଲେ ତାହା ଶାସକ ବିଜେପିକୁ ଯେ ସୁହାଇବ ଏକଥା ଆଉ ଅଛପା ନାହିଁ ବୋଲି ସେମାନେ କହୁଛନ୍ତି। ଯଦି ସେମାନେ ଏତେ ଲୋକପ୍ରିୟ ତେବେ ଦଳକୁ ସର୍ବସାଧାରଣରେ ବିରୋଧ କରୁଥିବା ବିଧାୟିକା ତୁରନ୍ତ ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଇ ଲୋକପ୍ରିୟତାର ପରୀକ୍ଷା ଦେବାକୁ ସେମାନେ ଆହ୍ୱାନ ଦେଇଛନ୍ତି।

### ଆଫଗାନ ହସ୍ପିଟାଲରେ...

କାବୁଲରେ ଥିବା ଉମିଦ ଆଡିକିସନ ଟ୍ରିଟମେଣ୍ଟ ହସ୍ପିଟାଲରେ ଏୟାର ଷ୍ଟ୍ରାଇକ କରିଥିବା ଆଫଗାନିସ୍ତାନର ତାଲିବାନ ସରକାର ପୂରା ବିଶ୍ୱକୁ ଜଣାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ତିକ୍ତତା ଚରମସୀମାରେ ପହଞ୍ଚିଛି।

ବିବିସିର ରିପୋର୍ଟ ଅନୁସାରେ, ଆକ୍ରମଣରେ ଧ୍ୱଂସ ହୋଇଯାଇଥିବା ହସ୍ପିଟାଲରେ ପ୍ରାୟ ୨ ହଜାର ଲୋକ ଚିକିତ୍ସିତ ହେଉଥିଲେ। ହସ୍ପିଟାଲ ନିକଟରେ କୌଣସି ସାମରିକ ଘାଟି ନଥିଲେ ହେଁ ପାକିସ୍ତାନ ସେଠାରେ ଏୟାର ଷ୍ଟ୍ରାଇକ କରି ନିରହୀ ଲୋକଙ୍କ ଜୀବନ ନେଇଛି। ତେବେ ପାକିସ୍ତାନ ଏହାକୁ ସ୍ୱୀକାର କରିନାହିଁ।

ପାକିସ୍ତାନର କହିବା କଥା ଯେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)କୁ ଆଫଗାନର ତାଲିବାନ ସୁରକ୍ଷିତ ଆଶ୍ରୟ ଦେଉଥିବା ପାକିସ୍ତାନ ଅଭିଯୋଗ କରୁଛି। ଟିଟିପି ପାକିସ୍ତାନ ବିରୋଧରେ ଷଡଯନ୍ତ୍ର କରୁଥିବାରୁ ଇସଲାମାବାଦ ଏହାର ପ୍ରତିଷ୍ଠାନକୁ କେବଳ ଟାର୍ଗେଟ କରୁଥିବା ସଫେଇ ଦେଇଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା...

୫୦ ଲକ୍ଷ ସହାୟତା ଦାବି କରୁଛି।'

ସୋମବାର ଘଟିଥିବା ଘଟଣା ଅତ୍ୟନ୍ତ ଦୁଃଖଦ ଓ ସମ୍ବେଦନଶୀଳ। ଏଭଳି ଘଟଣା ପୂର୍ବରୁ କେବେ ଏସସିବିରେ ହୋଇନଥିଲା। ଆମ ସରକାର ଥିବା ବେଳେ ଏପରି ଅଗ୍ନି ଦୁର୍ଘଟଣା ହୋଇନି। ମାତ୍ର ଗଲା ଦୁଇ ବର୍ଷ ଭିତରେ ସ୍ୱାସ୍ଥ୍ୟସେବାରେ ଅବନତି ଆସିଛି। ଆମ ସରକାର ଥିବା ବେଳେ ଏସସିବିକୁ ଏମ୍ସ ପ୍ଲସ୍ କରିବା ପାଇଁ ଉଦ୍ୟମ ହୋଇଥିଲା। ଦୁଇ ବର୍ଷ ମଧ୍ୟରେ କାମ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା। ହେଲେ ତାହା ହେଲାନି। ଫଳସ୍ୱରୂପ ଆଜି ଏଭଳି ଘଟଣା ଘଟିଲା ବୋଲି ଅଗ୍ନି ଦୁର୍ଘଟଣା ପୀଡିତଙ୍କୁ ଦେଖିବା ପାଇଁ ଏସସିବି ଆସିବା ବେଳେ କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଏହି ଅବସରରେ ସେ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଏହି ସମୟରେ କାଜୁଆଲ୍ଟି ଗେଟକୁ କିଛି ସମୟ ବନ୍ଦ କରି ଦିଆଯାଇଥିଲା। ଏହି ସମୟରେ ରୋଗୀ ଆଉ ଅନ୍ୟ ସମ୍ପର୍କୀୟ ଭିତରକୁ ଯାଇପାରିନଥିଲେ। ତେବେ ପୁଲିସର କହିବାନୁସାରେ, ଏହି ସମୟରେ ଭିଡ ଅସମ୍ଭାଳ ହେବାରୁ ବାଧ୍ୟ ହୋଇ ପୁଲିସ ଏପରି କରିଥିଲା।

### ରାଜ୍ୟସଭା ନିର୍ବାଚନ...

ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ସାମଗ୍ରିକ ଭାବେ ଦଳ ପଛରେ ପଡ଼ିଯାଇଛି। ପଶ୍ଚିମବଙ୍ଗରେ ଟିଏମସି ନିଜର ଗଡ଼ ରକ୍ଷା କରିଛି। ବିଜେପି ନେତୃତ୍ୱାଧୀନ ଏନଡିଏ ମୋଟ ୨୨ଟି ଆସନ ହାସଲ କରିଛି, ଯେଉଁଥିରେ ବିଜେପି ଏକାକୀ ନିଜର ପୁରୁଣା ସଂଖ୍ୟା ତୁଳନାରେ ୫ରୁ ୬ଟି ଅଧିକ ଆସନ ବୃଦ୍ଧି କରିବାରେ ସଫଳ ହୋଇଛି। ବିଶେଷ କରି ଓଡ଼ିଶା, ବିହାର ଏବଂ ଉତ୍ତର ପ୍ରଦେଶରେ ବିରୋଧୀଙ୍କ ଆସନ ଛଡ଼ାଇ ବିଜେପି ନିଜର ଦବଦବା ବଢ଼ାଇଛି। ଅନ୍ୟପଟେ, କଂଗ୍ରେସକୁ ଏହି ନିର୍ବାଚନରେ ବଡ଼ କ୍ଷତି ସହିବାକୁ ପଡ଼ିଛି। କଂଗ୍ରେସ ମାତ୍ର ୬ଟି ଆସନ ଜିତିବାକୁ ସକ୍ଷମ ହୋଇଥିବା ବେଳେ ପୂର୍ବ ତୁଳନାରେ ଦଳ ପ୍ରାୟ ୩ରୁ ୪ଟି ଗୁରୁତ୍ୱପୂର୍ଣ୍ଣ ଆସନ ହରାଇଛି। ବିଶେଷ କରି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଭଳି ରାଜ୍ୟରେ ବିଧାୟକଙ୍କ ସଂଖ୍ୟା କମ୍ ଥିବାରୁ କଂଗ୍ରେସ ନିଜର ସିଟ୍ ରକ୍ଷା କରିପାରି ନାହିଁ।

### ସିରିଜ୍ ଦୁର୍ଘଟଣା...

ପ୍ରତ୍ୟେକ ଦିନ ରାଜ୍ୟରେ ଏକାଧିକ ଦୁର୍ଘଟଣା ଘଟୁଛି ଓ ଜୀବନହାନି ହେଉଛି। ଚଳିତ ବଜେଟ ଅଧିବେଶନରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ଏକ ଲିଖିତ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଗତ ୧୦ ବର୍ଷରେ ୧ ଲକ୍ଷ ୧୩ ହଜାର ୩୨୫ଟି ସଡକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଏଥିରେ ୫୩ ହଜାର ୪୫୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୫ ହଜାର ୭୮୩ ଜଣ ଗୁରୁତର ଆହତ ହୋଇଛନ୍ତି ଓ ୪୫ ହଜାର ୧୪୬ ଜଣ ସାମାନ୍ୟ ଆହତ ହୋଇଛନ୍ତି। ୨୦୨୪ରେ ୧୨ ହଜାର ୩୭୫ଟି ସଡକ ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ବେଳେ ୬ ହଜାର ୧୪୨ ଜଣଙ୍କ ଜୀବନ ଯାଇଛି। ସେହିଭଳି ୬ ହଜାର ୭୧୭ ଜଣ ଗୁରୁତର ଆହତ ହୋଇଥିବା ବେଳେ ୪୦୫୩ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୨୫ରେ ୧୨ ହଜାର ୭୮୨ଟି ମାମଲା ରୁଜୁ ହୋଇଥିବା ବେଳେ ୬ ହଜାର ୪୮୩ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୬ ହଜାର ୮୩୮ ଜଣ ଗୁରୁତର ଆହତ ହୋଇଥିଲେ। ଏହି ବର୍ଷ ଦୁର୍ଘଟଣାରେ ୩୯୬୮ ଜଣ ସାମାନ୍ୟ ଆହତ ହୋଇଥିଲେ।

### ନାବାଳିକାକୁ ଦୁଷ୍କର୍ମ...

ଏକାକୀ ଥିବାର ସୁଯୋଗ ନେଇ, ଅଭିଯୁକ୍ତ ମହମ୍ମଦ ଲାଡେନ, କୋଲ୍ଡ ଡ୍ରିଙ୍କ୍ସ ପିଇବା ବାହାନାରେ ଦୋକାନ ଭିତରକୁ ପ୍ରବେଶକରି ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏତିକି ବେଳେ ଅନ୍ୟ କିଛି ଗ୍ରାହକ ଦୋକାନକୁ ଆସିବା ଦେଖି ଘଟଣା ବିଷୟରେ ପ୍ରକାଶ କଲେ ଭୟଙ୍କର ପରିଣାମ ହେବ ବୋଲି ପୀଡ଼ିତାଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ବାପା ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ନାବାଳିକା ପୀଡିତା। ପରିବାର ଲୋକେ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ୍ ତତ୍‌କ୍ଷଣାତ୍ ଆବଶ୍ୟକ ପଦକ୍ଷେପ ନେଇ ଅଭିଯୁକ୍ତକୁ ଗିରଫ କରିଥିଲା।

### ଏଲପିଜି ସ୍ଥିତି...

ସୃଷ୍ଟି କରିଛି। ଏଲ୍‌ପିଜି ପାଇଁ ଗ୍ୟାସ୍ ନାହିଁ ଯେଉଁଠି ପିଏନ୍‌ଜି ପାଇଁ ଗ୍ୟାସ୍ ଆସିବ କୋଉଠୁ ?

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ମାର୍କେଟିଂ ଓ ତୈଳ ରିଫାଇନାରୀ) ସୁଜାତା ଶର୍ମା କହିଛନ୍ତି ଯେ ଘରୋଇ ପିଏନଜି ଓ ସିଏନଜି ଉପଭୋକ୍ତା ଏବେ ଠିକ ଭାବେ ଗ୍ୟାସ ପାଉଛନ୍ତି। ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ହେଉଛି। ସେହିପରି ବ୍ୟବସାୟିକ ଏଲପିଜି ବିକ୍ରି ଆଂଶିକ ଭାବେ ସ୍ୱାଭାବିକ ହୋଇଛି। ଭାରତ ସରକାର ସବୁ ପ୍ରକାରର ଉଦ୍ୟମ କରୁଛନ୍ତି। କିନ୍ତୁ ଯଦି ସମସ୍ତ ବ୍ୟବସାୟିକ ଏଲପିଜି ଗ୍ରାହକ ପିଏନଜି ଆଡକୁ ଚାଲିଯିବେ, ତା'ହେଲେ ଏହା ନିଶ୍ଚିତ ଭାବେ ଲାଭଦାୟକ ହେବ ବୋଲି ସେ କହିଛନ୍ତି। ଏଲପିଜି ଉପଲବ୍ଧତାକୁ ନେଇ ଚିନ୍ତା ପ୍ରକଟ ପାଇଥିବା ବେଳେ ଶ୍ରୀମତୀ ଶର୍ମାଙ୍କ ବୟାନ ସାମ୍ନାକୁ ଆସିଛି। ଅଧିକାରୀମାନଙ୍କ କହିବା କଥା ଯେ ହୋଟେଲ, ରେଷ୍ଟୁରାଣ୍ଟ ଓ କ୍ୟାଣ୍ଟିଂ ସେବା ଯୋଗାଇ ଦେଉଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଯଦି ପିଏନଜି ଆଡକୁ ଶିଫ୍ଟ କରିଯିବେ, ତା'ହେଲେ ଘରୋଇ ସେବା ପାଇଁ ଉପଲବ୍ଧ ଥିବା ଏଲପିଜି ଯୋଗାଣ ଚାପ ହ୍ରାସ ପାଇପାରିବ।

ସହାରାଞ୍ଚଳରେ ଅଧିକ ମାତ୍ରାରେ ପିଏନଜିକୁ ଗ୍ରହଣ କରିବା ପାଇଁ ମଧ୍ୟ ସରକାର ଉତ୍ସାହିତ କରିଛନ୍ତି। ଗ୍ରାହକମାନେ ପିଏନଜି ସଂଯୋଗ ପାଇଁ ଇ-ମେଲ, କଷ୍ଟମର ପୋର୍ଟାଲ, କଲ ସେଣ୍ଟର୍ସ କିମ୍ବା ସିଟି ଗ୍ୟାସ ବିତରଣ କମ୍ପାନୀ ସହ ଯୋଗାଯୋଗ କରିପାରିବେ।

ଗ୍ୟାସ ବିତରଣ କମ୍ପାନୀଗୁଡିକୁ ସମ୍ଭାବ୍ୟ ଗ୍ରାହକଙ୍କୁ ବେଶ ସକ୍ରିୟ ଭାବେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଏକାଧିକ କମ୍ପାନୀ ଗ୍ରାହକଙ୍କୁ ପିଏନଜି ପ୍ରତି ଆକୃଷ୍ଟ କରିବାକୁ ବିଭିନ୍ନ ଅଫର ମଧ୍ୟ ଦେଉଛନ୍ତି। ପିଏନଜି ଭିତ୍ତିଭୂମିକୁ ଅଧିକ ସଶକ୍ତ ଓ ସଂପ୍ରସାରଣ କରିବା ପାଇଁ କେନ୍ଦ୍ର ସରକାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନଙ୍କୁ ଚିଠି ଲେଖି ଗ୍ୟାସ ବିତରଣ କମ୍ପାନୀ ପ୍ରକଳ୍ପ ପାଇଁ ଶୀଘ୍ର ଅନୁମୋଦନ ଦେବାକୁ କହିଛନ୍ତି।

ପଡି ରହିଥିବା ପାଇପ ଲାଇନ ଆବେଦନକୁ ତୁରନ୍ତ ମଞ୍ଜୁରି ଓ ନୂଆ ଆବେଦନକୁ ୨୪ ଘଣ୍ଟା ମଧ୍ୟରେ ଅନୁମୋଦନ ଦେବାକୁ କେନ୍ଦ୍ର ସରକାର ମାର୍ଚ୍ଚ ୧୬ରେ ସବୁ ରାଜ୍ୟକୁ ଚିଠି ଲେଖି ଜଣାଇଛନ୍ତି। ରାସ୍ତା ପୁନଃ ନିର୍ମାଣ ଓ ଅନୁମତି ପାଇଁ ସ୍ଥାନୀୟ ପ୍ରଶାସନ ଲାଗୁ କରୁଥିବା ଫି'କୁ ଛାଡ କରିବା କାମ କରିବାର ସମୟରେ ଅନୁକମ୍ପା ଦେଖାଇବା ଓ ପାଇପ ଲାଇନ କାମକୁ ଶୀଘ୍ର ଶେଷ କରିବାକୁ ନୋଡାଲ ଅଫିସର ନିଯୁକ୍ତ କରିବାକୁ ପାଇଁ ମଧ୍ୟ ରାଜ୍ୟଗୁଡିକୁ କୁହାଯାଇଛି। ପିଏନଜି ସାଧାରଣତଃ ପାଇପ ଲାଇନ ଯୋଗେ ଯୋଗାଣ କରାଯାଏ। ଏଲପିଜି ସିଲିଣ୍ଡରର ଏହା ଗୋଟିଏ ସ୍ଥିର ବିକଳ୍ପ। ଏଥିପାଇଁ ସରକାର ଅଧିକ ମାତ୍ରାରେ ପିଏନଜି ସଂଯୋଗ ପାଇଁ ଲୋକଙ୍କୁ କହିଛନ୍ତି।

### ଧିରେ ଧିରେ...

ସ୍ଥିତି ଉପୁଜନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ନିକଟରେ ବିଏମ୍‌ସି ପକ୍ଷରୁ ଟାଇଲ ବିଛାଯାଇଥିବା ସମସ୍ତ କନଜରଭେନ୍ସିଂଗୁଡିକୁ ସଫାକରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ସେହି ଘୋଷଣା ଏବେ ଘୋଷଣାରେ ରହିଯାଇଛି । ଅନେକ ସ୍ଥାନରେ କନଜରଭେନ୍ସିଂଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି । ୱାଟକୋ ପକ୍ଷରୁ ଡ୍ରେନଗୁଡିକ ସଫାକରାଯାଇ ମାଟି, ବାଲି ଇତ୍ୟାଦିକୁ କନଜରଭେନ୍ସିଂ ଟାଇଲ ଉପରେ ଗଦାକରାଯାଉଛି । ଠିକାଦାରମାନେ ଏହାକୁ ଉଠାଉ ନାହାନ୍ତି । କନଜରଭେନ୍ସି ସଫେଇ ଦାୟିତ୍ୱରେ ଥିବା କର୍ମଚାରୀ ଏହା ୱାଟ୍‌କୋର ଅଳିଆବୋଲି କହି ପଳାଇ ଯାଉଛନ୍ତି । କନଜରଭେନ୍ସି ସଫେଇ ନାଁରେ ଏବେ ହରିଲୁଟ୍ ଚାଲିଥିବାର ଅଭିଯୋଗ ଆସିଲାଣି । ବିଏମସିର ବଡ ବଡ ଅଧିକାରୀଙ୍କ ଠାରୁ ଆରମ୍ଭକରି ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ନିୟମିତ ଭାବେ ୱାର୍ଡ ବୁଲି ଲୋକଙ୍କ ମତାମତ ଲୋଡିଲେ ପରିମଳ ବ୍ୟବସ୍ଥାରେ ସୁଧାର ଆସିବବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ତିନି କଂଗ୍ରେସ ବିଧାୟକଙ୍କ ସିଟ୍ ବଦଳୁ

**ଭୁବନେଶ୍ୱର,୧୭।୩**
**ଏକ୍ସପ୍ରେସ୍ ନ୍ୟୁଜ୍**

ତିନି ବିଧାୟକ କଂଗ୍ରେସ ଦଳରୁ ନିଲମ୍ବନ ହୋଇଛନ୍ତି। ତେଣୁ ସେମାନଙ୍କ ସିଟ୍ ବଦଳାଯାଉ। ଏହାସହିତ ଆଗାମୀ ଦିନରେ ସେମାନଙ୍କ ବିରୋଧରେ ଦଳ-ବଦଳ ବିରୋଧୀ ଆଇନ ଲାଗୁ କରିବାକୁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ଏନେଇ ଏକ ଚିଠି ମଧ୍ୟ ବାଚସ୍ପତି ସୁରମା ପାଢୀଙ୍କୁ ଲେଖିଛନ୍ତି ରାମଚନ୍ଦ୍ର କାଡ଼ାମ୍। ସୋମବାର ଦିନ ୪ଟି ରାଜ୍ୟସଭା ଆସନ ପାଇଁ ହୋଇଥିଲା ନିର୍ବାଚନ। ବିଜେଡିର ସଂତୃପ୍ତ ମିଶ୍ର ବିଜୟୀ ହୋଇଥିବା ବେଳେ ବିଜେପି ଖାତାକୁ ୨ଟି ସିଟ୍ ଯାଇଛି। ଆଉ ଗୋଟିଏ ଆସନ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ ହୋଇଛନ୍ତି। ଏହି ଭୋଟିଂ ପ୍ରକ୍ରିୟାରେ ୧୧ ଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ଯେଉଁଥିରେ କଂଗ୍ରେସ ୩ ଜଣ ବିଧାୟକ ସାମିଲ ରହିଥିଲେ। ବାକି ବିଜେଡିର ଥିଲେ। ତେବେ ତିନି ଜଣ ବିଧାୟକ କ୍ରସ ଭୋଟିଂ କରିଥିବାରୁ ଆକ୍ସନ ନେଇଛି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି। ତିନି ବିଧାୟକ ସୋଫିଆ ଫିର୍ଦ୍ଦୋଶ, ରମେଶ ଜେନା ଏବଂ ଦାଶରଥୀ ଗମାଙ୍ଗଙ୍କୁ ଦଳ ନିଲମ୍ବନ କରିଛି। ଦଳ ବିରୋଧରେ ଯାଇ ଭୋଟ କରିଥିବାରୁ ଆକ୍ସନ ନେଇଛି ରାଜ୍ୟ କଂଗ୍ରେସ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ